୬ ଆୟର୍ଲାଣ୍ଡକୁ ୮ ୱିକେଟ୍‌ରେ ହରାଇଲା ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦
8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୧୨୯ ● ୬ ଜୁନ୍ ୨୦୨୪, ଗୁରୁବାର ● ଭୁବନେଶ୍ୱର ● Vol -31 ● Issue-129 ● 6th June 2024, Thursday ● Bhubaneswar

Licensed to post without pre-payment of postage No- BN-60/22-24

## ସପ୍ତଦଶ ଲୋକସଭା ଭଙ୍ଗ କଲେ ରାଷ୍ଟ୍ରପତି

**ନୂଆଦିଲ୍ଲୀ, ୫।୬**

ଭଙ୍ଗ ହେଲା ସପ୍ତଦଶ ଲୋକସଭା । କେନ୍ଦ୍ର କ୍ୟାବିନେଟର ଅନୁମୋଦନ କ୍ରମେ ଏହାକୁ ଭଙ୍ଗ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଦେଶରେ ୨୦୨୪ ସାଧାରଣ ନିର୍ବାଚନ ଫଳାଫଳ ଆସିବା ପରେ ପ୍ରଧାନମନ୍ତ୍ରୀ ପଦରୁ ବିଧିବଦ୍ଧ ଭାବେ ଇସ୍ତଫା ଦେଇଛନ୍ତି ନରେନ୍ଦ୍ର ମୋଦି । ସେ ରାଷ୍ଟ୍ରପତିଙ୍କୁ ଭେଟି ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି । ସେହିପରି ମୋଦିଙ୍କ ମନ୍ତ୍ରିମଣ୍ଡଳର ଅନ୍ୟ ମନ୍ତ୍ରୀମାନେ ମଧ୍ୟ ଇସ୍ତଫା ଦେଇଛନ୍ତି । ଏହାପରେ ଲୋକସଭା ଭଙ୍ଗ କରିଛନ୍ତି ରାଷ୍ଟ୍ରପତି ।

କ୍ୟାବିନେଟର ଅନୁମୋଦନ କ୍ରମେ ସପ୍ତଦଶ ଲୋକସଭା ଭଙ୍ଗାଯାଇଛି । କେନ୍ଦ୍ର କ୍ୟାବିନେଟ୍ ଏନେଇ (ପୃଷ୍ଠା ୭ରେ)

## ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ମୋଦି

**ନୂଆଦିଲ୍ଲୀ, ୫।୬**

ଲୋକସଭା ନିର୍ବାଚନର ଫଳାଫଳ ଘୋଷଣା ହେବା ପରେ ତୃତୀୟ ଥର ପାଇଁ ଏନ୍‌ଡିଏ ମେଣ୍ଟ ସରକାର ଗଠନ କରିବାକୁ ଯାଉଛି । ତେବେ ନୂଆ ସରକାର ଗଠନ ହେବା ପୂର୍ବରୁ ବୁଧବାର ପୂର୍ବାହ୍ନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ରାଷ୍ଟ୍ରପତି ତାଙ୍କ ଇସ୍ତଫା ପତ୍ର ଗ୍ରହଣ କରିଛନ୍ତି । ନୂଆ ସରକାର ଦାୟିତ୍ୱ ଗ୍ରହଣ କରିବା ପର୍ଯ୍ୟନ୍ତ ସମସ୍ତ ପଦଭାର ସମ୍ପାଦନ କରିବା ପାଇଁ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।



## ଏନଡିଏ ବୈଠକରେ ସର୍ବସମ୍ମତ ନେତା ନିର୍ବାଚିତ ହେଲେ ନରେନ୍ଦ୍ର ମୋଦି

**ନୂଆଦିଲ୍ଲୀ, ୫।୬**

ବୁଧବାର ନୂଆଦିଲ୍ଲୀରେ ଅନୁଷ୍ଠିତ ଏନଡିଏ ବୈଠକରେ ସର୍ବସମ୍ମତ ନେତା ନିର୍ବାଚିତ ହୋଇଛନ୍ତି ନରେନ୍ଦ୍ର ମୋଦି ।

ତୃତୀୟ ଥର ଲାଗି ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ଗଠନ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି । ଏନଡିଏ ବୈଠକରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ଟିଡିପି ମୁଖ୍ୟ ଚନ୍ଦ୍ରବାବୁ ନାଇଡୁ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଜେଡିୟୁ ନେତା ଲଲନ ସିଂ ପ୍ରମୁଖ ଉପସ୍ଥିତ ଥିଲେ । ୨୦୨୪ ସାଧାରଣ ନିର୍ବାଚନରେ ଏନଡିଏ ୨୯୨ ଆସନ ପାଇଛି ।

କେନ୍ଦ୍ରରେ ନୂତନ ସରକାର ଗଠନ କ୍ଷେତ୍ରରେ ଟିଡିପି ଓ ଜେଡିୟୁ କିଙ୍ଗ ମେକର ଭୂମିକା ଗ୍ରହଣ କରିଥିବା ଜଣାପଡିଛି । ଲୋକସଭାର ୫୪୩ ଆସନ ମଧ୍ୟରୁ ଏନଡିଏ ମେଣ୍ଟକୁ ୨୯୨ ଆସନ ମିଳିଥିବା ବେଳେ ଇଣ୍ଡିଆ ମେଣ୍ଟ ୨୩୨ ଆସନ ଲାଭ କରିଛି । ଯାହାକି ମ୍ୟାଜିକ ନମ୍ବରଠାରୁ ୪୦ଟି କମ୍ ରହିଛି । ତେଣେ ରାଷ୍ଟ୍ରପତିଙ୍କୁ ଭେଟି ଇସ୍ତଫା ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ସୂଚନା ଅନୁସାରେ ଜୁନ ୮ ତାରିଖରେ ମୋଦି ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇପାରନ୍ତି ।

ଏନଡିଏକୁ ଟିଡିପି ମୁଖ୍ୟ ଚନ୍ଦ୍ରବାବୁ ନାଇଡୁ ଏବଂ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସମର୍ଥନ ଦେବା ନେଇ ଲିଖିତ ଭାବେ ଜଣାଇଛନ୍ତି । ଅନ୍ୟପକ୍ଷରେ କେନ୍ଦ୍ର କ୍ୟାବିନେଟ୍ ସୁପାରିସ ପରେ ସପ୍ତଦଶ ଲୋକସଭାକୁ ଭଙ୍ଗ କରିଛନ୍ତି ରାଷ୍ଟ୍ରପତି ।



## ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ନବୀନ ପଟ୍ଟନାୟକ



**ଭୁବନେଶ୍ୱର, ୫।୬**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ପୂର୍ବାହ୍ନ ସାଢେ ୧୧ ଟାରେ ନବୀନ ନିବାସରୁ ବାହାରି ମୁଖ୍ୟମନ୍ତ୍ରୀ ରାଜଭବନକୁ ଯାଇଥିଲେ । ସେଠାରେ ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟି ନିଜର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି ।

ଓଡ଼ିଶାରେ ସାଧାରଣ ନିର୍ବାଚନ ଫଳାଫଳ ଆସିବା ପରେ ବିଜେଡିର ପରାଜୟ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ତାଙ୍କ ପଦରୁ ଇସ୍ତଫା ଦେବାକୁ ବାଧ୍ୟ ହୋଇଛନ୍ତି । ୨୪ ବର୍ଷର ବିଜେଡି ସରକାରର ବିଜୟ ଧାରାରେ ବ୍ରେକ ଲାଗିଛି । ଚଳିତ ନିର୍ବାଚନରେ ବିଜେପିକୁ ବହୁମତ ମିଳିଛି ଏବଂ ରାଜ୍ୟରେ ଦୀର୍ଘ ଅଢେଇ ଦଶନ୍ଧି ପରେ ନୂଆ ସରକାର ଗଠନ ହେବାକୁ ଯାଉଛି । ନବୀନ ଏବେ କେବଳ ଜଣେ ବିଧାୟକ ହୋଇ ରହିବେ ।

୨୦୨୪ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳର ଶୋଚନୀୟ ପରାଜୟ ହୋଇଛି । ମୋଦି ଲହରରେ ୨୪ ବର୍ଷର ସରାକରଙ୍କ ପତନ ଘଟିଛି । ୨୦୦୦ ମସିହା ମାର୍ଚ୍ଚ ୫ରୁ ନବୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଲଗାତର ଭାବେ ନିର୍ବାଚନ ଜିତି ଆସୁଥିଲେ । ଚଳିତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପାରମ୍ପରିକ ହିଞ୍ଜିଳି ଆସନରୁ ଜିତିଥିବା ବେଳେ କଣ୍ଟାବାଞ୍ଜି ଆସନରୁ ପରାଜୟ ବରଣ କରିଛନ୍ତି । ୧୪୭ ବିଧାନସଭା ଆସନ ମଧ୍ୟରୁ ବିଜେଡି ମାତ୍ର ୫୧ଟି ଆସନରେ ଜିତିଥିବା ବେଳେ ପ୍ରଥମ ଥର ପାଇଁ ବିଜେପି ୭୮ଟି ଆସନ ଜିତିବାକୁ ସକ୍ଷମ ହେବା ସହ ଓଡ଼ିଶାରେ ସରକାର ଗଢିବାକୁ ଆଗଭର ହୋଇଛି ।

ଚଳିତ ନିର୍ବାଚନର ଫଳାଫଳ ଆସିବା ପରେ ନିଜ ରାଜନୈତିକ (ପୃଷ୍ଠା ୭ରେ)

## ସୁପ୍ରିମୋଙ୍କୁ ଭେଟି ଧନ୍ୟବାଦ ଜଣାଇଲେ ନବ ନିର୍ବାଚିତ ପ୍ରାର୍ଥୀ

## ନିଜ ଅଞ୍ଚଳ ଓ ରାଜ୍ୟବାସୀଙ୍କ ପାଇଁ କାମ କରିବାକୁ ଆହ୍ୱାନ

**ଭୁବନେଶ୍ୱର, ୫।୬**
**ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳବାର ୨୦୨୪-ସାଧାରଣ ନିର୍ବାଚନ ଫଳାଫଳ ପ୍ରକାଶ ପରେ ନବ ନିର୍ବାଚିତ ବିଜେଡି ପ୍ରାର୍ଥୀମାନେ ବୁଧବାର ସନ୍ଧ୍ୟାରେ ନବୀନ ନିବାସରେ ପହଞ୍ଚି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ଏହି ଅବସରରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ନବୀନ ନବ ନିର୍ବାଚିତ ପ୍ରାର୍ଥୀମାନଙ୍କ ସହ ଆଲୋଚନା ମଧ୍ୟ କରିଥିଲେ । ଜନମତକୁ ସମର୍ଥନ ଜଣାଇବା ସହ ନିଷ୍ଠାପର ଭାବେ ପୂର୍ବ ଭଳି ନିଜନିଜ ଅଞ୍ଚଳବାସୀ ଏବଂ ରାଜ୍ୟବାସୀଙ୍କ ସେବା କରିବା ପାଇଁ ଦଳର ସବୁ ନିର୍ବାଚିତ ପ୍ରାର୍ଥୀଙ୍କୁ ବିଜେଡି ସୁପ୍ରିମୋ ପରାମର୍ଶ ଦେଇଛନ୍ତି ।

ନବୀନ ନିବାସରେ ଅନୁଷ୍ଠିତ ବୈଠକରେ ନବ ନିର୍ବାଚିତ ଦଳୀୟ ପ୍ରାର୍ଥୀ ଗଣେଶ୍ୱର ବେହେରା, ନବ ମଲ୍ଲିକ, ଦେବୀ ରଞ୍ଜନ ତ୍ରିପାଠୀ, ସଞ୍ଜୀବ ମଲ୍ଲିକ, ଚକ୍ରପାଣି କହଁର, ଅଭିମନ୍ୟୁ ସେଠି, ବଦ୍ରି ନାରାୟଣ ପାତ୍ର, ବିଶ୍ୱ ରଞ୍ଜନ ମଲ୍ଲିକ, ପ୍ରଶାନ୍ତ ବେହେରା, ଅଧୀରାଜ ପାଣିଗ୍ରାହୀ, ସୌଭିକ ବିଶ୍ୱାଳ, ଅନନ୍ତ ନାରାୟଣ ଜେନା, ନଳିନିକାନ୍ତ ପ୍ରଧାନ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଗୌତମ ବୁଦ୍ଧ ଦାସ, ଧ୍ରୁବ ଚରଣ ସାହୁ, ପ୍ରମିଳା ମଲ୍ଲିକ, ଅରବିନ୍ଦ ମହାପାତ୍ର, ବିଭୁତି ବଳବନ୍ତରାୟ, ରମେଶ ବେହେରା, ସତେନ୍ଦ୍ର ହରିପାଲଙ୍କ ପ୍ରମୁଖ ଉପସ୍ଥିତ ଥିଲେ । ଏହି ବୈଠକରେ ବିଜେଡି ସୁପ୍ରିମୋ ନବ ନିର୍ବାଚିତ ପ୍ରାର୍ଥୀମାନଙ୍କୁ ଲୋକଙ୍କ ପାଇଁ ସେବା ମନୋଭାବ ନେଇ କାମ କରିବାକୁ ପରାମର୍ଶ ଦେଇଥିଲେ । ବୈଠକ ଆରମ୍ଭରେ ଶ୍ରୀ ପଟ୍ଟନାୟକ ଜଣ ଜଣ କରି ସବୁ ନିର୍ବାଚିତ ପ୍ରାର୍ଥୀଙ୍କ ସହ ଆଲୋଚନା କରିଥିଲେ । ଚଳିତ ନିର୍ବାଚନରେ ବିଜେଡି ସମୁଦାୟ ୫୧ଟି ଆସନରେ ବିଜୟଲାଭ କରିଛି ।



## ସହସ୍ରତାଲ୍‌ରେ ଦୁର୍ଘଟଣା
## ୮ ପର୍ବତାରୋହୀଙ୍କ ମୃତ୍ୟୁ

**ଡେରାଡୁନ, ୫।୬**

ପର୍ବତ ଚଢିବା ବେଳେ ଫସିଥିଲେ ପର୍ବତାରୋହୀ । ୧୮ଜଣ ପର୍ବତାରୋହୀ ଫସିଥିବା ବେଳେ ପୂର୍ବରୁ ୪ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ବୁଧବାର ଆଉ ୪ଜଣଙ୍କର ମୃତ୍ୟୁ ହୋଇଛି । ଖରାପ ପାଗ ଯୋଗୁଁ ମଙ୍ଗଳବାର(ମେ ୨୯ ତାରିଖ) ଦିନ ସହସ୍ରତାଲ ଟ୍ରାକିଂ ରୁଟରେ ୨୨ଜଣ ପର୍ବତାରୋହୀ ଫସି ଯାଇଥିଲେ । ତେବେ ଉକ୍ତ ସ୍ଥାନରେ ୪ଜଣଙ୍କର ମୃତ୍ୟୁ ହୋଇଥିଲା । ତେବେ ବୁଧବାର ଆଉ ୪ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ମୃତ୍ୟୁ ସଂଖ୍ୟା ୮କୁ ବୃଦ୍ଧି ପାଇଛି । ତେବେ ବୁଧବାର ବାୟୁସେନା ପକ୍ଷରୁ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଛି । ୬ଜଣ ପର୍ବତାରୋହୀଙ୍କୁ ଏୟାରଲିଫ୍ଟ କରାଯାଇଛି । ତେବେ ରେସ୍କ୍ୟୁ (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

### ବିଜୟ ପାଇଁ ସମ୍ବଲପୁରବାସୀଙ୍କୁ ଧନ୍ୟବାଦ ଜଣାଇଲେ କେନ୍ଦ୍ରମନ୍ତ୍ରୀ

## ମୋଦିଙ୍କର ସଫଳ ନେତୃତ୍ୱରେ ବିକଶିତ ହେବ ସମ୍ବଲପୁର

**ଭୁବନେଶ୍ୱର, ୫।୬**
**ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ଲୋକସଭା ଆସନରେ ବିଜୟ ଲାଭ କରିଥିବା ବିଜେପି ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ଭିଡ଼ିଓ ବାର୍ତ୍ତା ଯୋଗେ ତାଙ୍କୁ ବହୁମାତ୍ରାରେ ଭୋଟ୍ ଦେଇ ଆଶୀର୍ବାଦ କରିଥିବାରୁ ଲୋକସଭା ଆସନର ସମସ୍ତ ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ ଆହୁରି କହିଛନ୍ତି ଯେ



ସମ୍ବଲପୁର ହେଉଛି ସ୍ୱାଭିମାନ ମାଟି । ସମ୍ବଲପୁରର ମାନ ସମ୍ମାନକୁ ବଢାଇବା ସହ ଏହାର ବିକଶିତ କରିବା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ସଫଳ ନେତୃତ୍ୱରେ ସମ୍ବଲପୁର ବିକଶିତ ହେବ । ସମ୍ବଲପୁର ବିକଶିତ କରିବା କାମ ଆଗକୁ ବଢାଯିବ । ସେଥିପାଇଁ ସମ୍ବଲପୁରବାସୀଙ୍କ ନିରନ୍ତର ସହଯୋଗ କାମନା କରୁଛି । ଆମେ ସମସ୍ତେ ମିଳିମିଶି କରି (ପୃଷ୍ଠା ୭ରେ)

## ଏନ୍‌ଏଚ୍‌ଆରସିରେ ପହଞ୍ଚିଲା ପୁରୀ ବାଣ ବିସ୍ଫୋରଣ ମାମଲା

**ଭୁବନେଶ୍ୱର, ୫।୬**
**ନ୍ୟୁଜ୍ ବ୍ୟୁରୋ**

ପୁରୀ ନରେନ୍ଦ୍ର ପୋଖରୀ ବାଣ ବିସ୍ଫୋରଣ ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ପହଞ୍ଚିଛି ମାମଲା । ଏହି ଘଟଣାକୁ ନେଇ ନ୍ୟାୟ ପାଇଁ ଲଢେଇ ପରିବାରର ସଭାପତି ସୁବ୍ରତ ଦାସ ଏନଏଚଆରସି ନିକଟରେ ମାମଲା ଦାୟର କରିଛନ୍ତି । ମେ' ମାସ ୨୯ ତାରିଖ ବିଳମ୍ବିତ ରାତିରେ ପୁରୀ ଜିଲ୍ଲା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନରେନ୍ଦ୍ର ପୁଷ୍କରିଣୀରେ ଭଉଁରୀ ନୀତି ଚାଲିଥିବା ବେଳେ ହଠାତ୍ ବାଣ ବିସ୍ଫୋରଣ ହୋଇଥିଲା ।

ନରେନ୍ଦ୍ର ପୁଷ୍କରଣୀ ବାଣ ବିସ୍ଫୋରଣ ଘଟଣାରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇଛି । ଏହାକୁ ମିଶାଇ ମୃତ୍ୟୁସଂଖ୍ୟା ୧୫ରେ ପହଞ୍ଚିଛି । ଅନ୍ୟ ୧୨ ଜଣ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ୩ ଜଣ ସୁସ୍ଥ ହେବା ପରେ ହସ୍ପିଟାଲରୁ ଡିସଚାର୍ଜ କରାଯାଇଛି ।

ସେମାନେ ଘରକୁ (ପୃଷ୍ଠା ୭ରେ)

## ଓଡ଼ିଶାରେ ବିଜେପିର ପ୍ରଥମ ମୁଖ୍ୟମନ୍ତ୍ରୀ କିଏ ହେବେ ?

### ଗିରୀଶ ମୁର୍ମୁଙ୍କ ନାଁ ନେଇ ଚର୍ଚ୍ଚା

**ନୂଆଦିଲ୍ଲୀ, ଭୁବନେଶ୍ୱର, ୫।୬**
**ନ୍ୟୁଜ୍ ବ୍ୟୁରୋ**

୨୦୨୪-ସାଧାରଣ ନିର୍ବାଚନରେ ଓଡ଼ିଶାରେ ବିଜେପି ଅଭୁତପୂର୍ବ ବିଜୟ ହାସଲ କରିଛି । ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନରେ ଦଳ ଭଲ ପ୍ରଦର୍ଶନ କରିଛି । ୧୪୭ ବିଧାନସଭା ଆସନ ମଧ୍ୟରୁ ବିଜେପି ୭୮ ଆସନରେ ବିପୁଳ ବିଜୟ ଲାଭ କରିଥିବା ବେଳେ ୨୧ ଲୋକସଭା ଆସନ ମଧ୍ୟରୁ ୨୦ଟିରେ ବିଜୟ ଲାଭ କରିଛି । ତେବେ ଏହି ନିର୍ବାଚନ ଫଳାଫଳ ଆସିବା ପରେ ଏବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆସନରେ କିଏ ବସିବ ସେ ନେଇ ଦଳୀୟ ମହଲରେ ଘମାଘୋଟ ଆଲୋଚନା ଆରମ୍ଭ ହୋଇଯାଇଛି । ଦିନେ ଦୁଇଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ପଦ ଲାଗି ନାମ ଆସିଯିବ ବୋଲି କୁହାଯାଉଛି । ପ୍ରାଥମିକ ପର୍ଯ୍ୟାୟରେ ବାଲେଶ୍ୱର ଲୋକସଭା ଆସନରୁ ଜିତିଥିବା ପ୍ରତାପ ଷଡଙ୍ଗୀ, ସମ୍ବଲପୁର ଲୋକସଭା ଆସନରୁ ଜିତିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରାପଡା (ପୃଷ୍ଠା ୭ରେ)

## ଅଂଶୁଘାତ ନେଲାଣି ୩୬ ଜୀବନ

**ଭୁବନେଶ୍ୱର, ୫।୬**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଅଂଶୁଘାତ ଜନିତ ମୃତ୍ୟୁସଂଖ୍ୟା ୩୬କୁ ବୃଦ୍ଧି ପାଇଛି । ୧୫୧ ଜଣଙ୍କର ଅଂଶୁଘାତ ମୃତ୍ୟୁ ନେଇ ଅଭିଯୋଗ ଆସିଥିବା ବେଳେ ସେଥି ମଧ୍ୟରୁ ତଦନ୍ତ ପରେ ୩୬ ଜଣଙ୍କ ମୃତ୍ୟୁ ଅଂଶୁଘାତଜନିତ ବୋଲି ସ୍ପଷ୍ଟ ହୋଇଛି । ୩୧ଟି ମୃତ୍ୟୁର କାରଣ ଭିନ୍ନ ରହିଛି । ଆଉ ୮୪ ଜଣଙ୍କ ମୃତ୍ୟୁର ତଦନ୍ତ ଚାଲିଛି ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

### ଏକାଳ ସକାଳ



ସବୁତ ସେଇ ବାବୁଙ୍କ ଭିଆଣ
କୁଆଡେ ମିଳୁନି ଦେଖା
ଶଙ୍ଖ ଦଳିଆଙ୍କ ବକ୍‌ବକ୍ ଶୁଣି
ହୃଦୟ ହେଲାକି ଧକ୍କା
ହାତେ ଧରି ଖାଲି ଅଖା
ଦଳଟାର ପୁରା ବାଉଳା ଅବସ୍ଥା
ଡର ଖାଇବଣି ପକ୍କା ।

## ଆସିଲା ହାତୀ ଗଣନା ରିପୋର୍ଟ: ୩୮ ବନଖଣ୍ଡରେ ଅଛନ୍ତି ୨୦୯୮ ହାତୀ



**ଭୁବନେଶ୍ୱର, ୫।୬**
**ନ୍ୟୁଜ୍ ବ୍ୟୁରୋ**

ଆସିଲା ରାଜ୍ୟର ନିଜସ୍ୱ ହାତୀ ଗଣନା ରିପୋର୍ଟ । ୭ ବର୍ଷରେ ରାଜ୍ୟରେ ହାତୀ ସଂଖ୍ୟା ବଢ଼ିଛି ମାତ୍ର ୧୨୨ । ଏବେ ରାଜ୍ୟର ୩୮ ବନଖଣ୍ଡରେ ଅଛନ୍ତି ୨ ହଜାର ୯୮ ହାତୀ । ୨୦୧୭ରେ ଏ ସଂଖ୍ୟା ଥିଲା ୧ ହଜାର ୯୭୬ । ରାଜ୍ୟରେ ଥିବା ହାତୀଙ୍କ ମଧ୍ୟରୁ ୪୭୪ଟି ପୁରୁଷ ହାତୀ ଥିବା ବେଳେ ୧ ହଜାର ୩୯ଟି ମାଈ ହାତୀ ଓ ୫୯୪ଟି ଛୁଆ ହାତୀ ଅଛନ୍ତି । ଏନେଇ ବନ୍ୟପ୍ରାଣୀ ପିସିସିଏଫ ସୁଶାନ୍ତ ନନ୍ଦ କହିଛନ୍ତି, ରାଜ୍ୟରେ ଏବେ ହାତୀଙ୍କ ସଂଖ୍ୟା ବଢ଼ିଛି । ରାଜ୍ୟର ହାତୀ ଧାରଣ କ୍ଷମତା ଅନୁସାରେ ରାଜ୍ୟରେ ହାତୀଙ୍କ ସଂଖ୍ୟା ଠିକ୍ ରହିଛି । ତେବେ ଶୀତ ଋତୁରେ ପଡ଼ୋଶୀ ରାଜ୍ୟରୁ ହାତୀ ଆସିଥିବାରୁ ସେ ସମୟରେ ରାଜ୍ୟର ହାତୀଙ୍କ ସଂଖ୍ୟା ଜାଣିବା ପାଇଁ ନଭେମ୍ବର ୧୫ରୁ ୧୭ ଯାଏଁ ପୁଣି ଥରେ ହାତୀ ଗଣନା କରାଯିବ । ତେବେ ଗତ ୫ ବର୍ଷରେ ବିଭିନ୍ନ କାରଣରୁ ରାଜ୍ୟରେ ୪୦୩ ହାତୀ ମରିଛନ୍ତି । ଅର୍ଥାତ୍ ବର୍ଷକୁ ମାତ୍ର ୩-୪ % ହାତୀ ମରୁଛନ୍ତି ଯାହାକି ସ୍ୱାଭାବିକ । ଏମିତିକି ଗତ ବର୍ଷ ମାତ୍ର ୬୬ ହାତୀଙ୍କ ମୃତ୍ୟୁ ହୋଇଛି । ତେବେ ହାତୀଙ୍କ ଗତିବିଧି ଉପରେ (ପୃଷ୍ଠା ୭ରେ)

## ଆସନ୍ତା ୩/୪ ଦିନ ମଧ୍ୟରେ ଓଡ଼ିଶା ଛୁଇଁବ ମୌସୁମୀ

**ଭୁବନେଶ୍ୱର, ୫।୬ : ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୩ ରୁ ୪ ଦିନ ମଧ୍ୟରେ ଓଡ଼ିଶା ଛୁଇଁବ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ । ମୋସୁମୀ ବାୟୁ ପ୍ରଥମେ ଦକ୍ଷିଣ ଓଡ଼ିଶାରେ ପ୍ରବେଶ କରିବା ପରେ ଅନ୍ୟ ଅଞ୍ଚଳଗୁଡ଼ିକୁ ସ୍ପର୍ଶ କରିବ । ଓଡ଼ିଶାରେ ମୌସୁମୀ ବାୟୁ ସ୍ପର୍ଶ ପାଇଁ ପାଗ ଅନୁକୂଳ ରହିଛି । ସାଧାରଣତଃ ଜୁନ୍ ଦ୍ୱିତୀୟ ସପ୍ତାହରେ ଓଡ଼ିଶାରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିଥାଏ । ଚଳିତଥର ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସ୍ୱାଭାବିକ ସମୟର ଦୁଇ ଦିନ ପୂର୍ବରୁ କେରଳ ଛୁଇଁଥିବା ବେଳେ ଓଡ଼ିଶାରେ ଆସନ୍ତା ୩ ରୁ ୪ ଦିନ ମଧ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ



ବାୟୁ ଓଡ଼ିଶା ଛୁଇଁବା ନେଇ ଆକଳନ କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର । ଅନ୍ୟପଟେ ମଙ୍ଗଳବାର ରାଜ୍ୟର ୪ ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା । ଆସନ୍ତା ୨୪ ଘଣ୍ଟା ଭିତରେ ବଲାଙ୍ଗୀର, ନୂଆପଡା, ସୁବର୍ଣ୍ଣପୁର, ବୌଦ୍ଧ, କନ୍ଧମାଳ ଓ ବରଗଡରେ ଗ୍ରୀଷ୍ମ ପ୍ରବାହ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।





# ବଜାରରେ ଚଳିଲା ୧୦ ଟଙ୍କିଆ କଏନ୍:ଟଙ୍କିକିଆକୁ ନା'

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ଅନୁମୋଦନ କ୍ରମେ ବଜାରରେ ବିଭିନ୍ନ କଏନ୍ ଚାଲିଛି । ପୂର୍ବ ପ୍ରଚଳିତ ୧୦ ପଇସା, ୨୦ ପଇସା, ୨୫ ପଇସା ଓ ୫୦ ପଇସା କଏନ୍ ଏବେ ଦେଖିବାକୁ ମିଳୁନାହିଁ । ଏବେ ବଜାରେ ଟଙ୍କିକିଆ ଠାରୁ ଆରମ୍ଭ କରି ୫ ଟଙ୍କିଆ, ୧୦ ଟଙ୍କିଆ ଓ ୨୦ ଟଙ୍କିଆ କଏନ୍ ଉପଲବ୍ଧ ରହିଛି । ତେବେ କାହିଁକି କେଜାଣି ଟଙ୍କିକିଆ ଓ ୧୦ ଟଙ୍କିଆ କଏନ୍‌କୁ ଏକ ପ୍ରକାର ବାସନ୍ଦ କରିଦିଆଯାଇଥିଲା । ୧୦ ଟଙ୍କିଆ କଏନ୍ ଦେଖିବା ମାତ୍ରକେ ଦୋକାନୀ ଏଠାରେ ଚଳିବନି କହି ଗ୍ରାହକଙ୍କୁ ଫେରାଇ ଦେଉଥିଲା । ଏଭଳି ମାନସିକତା ଦୀର୍ଘ ବର୍ଷ ଧରି ରହିଥିବା ବେଳେ ଏବେ ବ୍ରହ୍ମପୁର ବଜାରରେ ୧୦ ଟଙ୍କିଆ କଏନ୍ ଚଳପ୍ରଚଳ ହେଉଥିବା ଦେଖିବାକୁ ମିଳିଛି । କେବଳ ଏହି ୧୦ ଟଙ୍କିଆ କଏନ୍ ବଜାର ଚଳପ୍ରଚଳ ହୋଇନାହିଁ ବରଂ କିଛି ଦୋକାନୀ ନିଜ ଦୋକାନ ସମ୍ମୁଖରେ ଏଠାରେ ୧୦ ଟଙ୍କିଆ କଏନ୍ ଗ୍ରହଣ କରାଯାଏ ବୋଲି ବୋର୍ଡ଼ ଟାଙ୍ଗୁଥିବା ଦେଖିବାକୁ ମିଳିଛି । ପ୍ରଥମେ କିଛି ହାତଗଣତି ଦୋକାନୀ ଏହାକୁ ଗ୍ରହଣ କରୁଥିବା ବେଳେ ଏବେ ସମ୍ପୂର୍ଣ୍ଣ ସହରରେ ୧୦ ଟଙ୍କିଆ କଏନ୍‌କୁ ବ୍ୟବସାୟୀ ଗ୍ରହଣ କରୁଛନ୍ତି ଏବଂ ଗ୍ରାହକ ବି ନେଉଛନ୍ତି । କହିବାକୁ ଗଲେ ଦୀର୍ଘ ବର୍ଷ ପରେ ୧୦ ଟଙ୍କିଆ କଏନ୍ ଉପରେ ଲଗାଯାଇଥିବା ବାସନ୍ଦ ହଟିଯାଇଛି । ତଥାପି ଟଙ୍କିକିଆ କଏନ୍‌କୁ ଆଜି ବି ବଜାରରେ ଗ୍ରହଣ କରୁନାହାନ୍ତି । ବର୍ତ୍ତମାନ ଦୋକାନ ବଜାରରେ ଖୁଚୁରା କାରବାର ପ୍ରାୟତଃ ହ୍ରାସ ପାଇଛି । ସାଧାରଣ ଗ୍ରାହକ ଯେକୌଣସି ସାମଗ୍ରୀ କ୍ରୟ କରିବା ମାତ୍ରକେ ୟୁପିଆଇ କୋର୍ଡ଼ରେ ପେମେଣ୍ଟ କରୁଥିବା ଦେଖିବାକୁ ମିଳିଛି । ଏହା ସତ୍ତ୍ୱେ ବି ବଜାରରେ କଏନ୍ କାରବାର ରହିଛି । ଟଙ୍କିକିଆ ଓ ୧୦ ଟଙ୍କିଆ



କଏନ୍‌କୁ ନେଇ ବହୁ ବିବାଦ ଦେଖାଦେଇଥିଲା । ବଜାରରେ ଏଭଳି ଧାରଣା ସୃଷ୍ଟି କରାଯାଇଥିଲା ଯେ, ଏହି ଟଙ୍କା ଅଚଳନ୍ତି । ବିଭିନ୍ନ ବ୍ୟାଙ୍କ୍ କର୍ତ୍ତୃପକ୍ଷ ବି ଏଥିନେଇ ଲୋକଙ୍କୁ ସଚେତନ କରାଇବା ସହ ଆର୍‌ବିଆଇ ଅନୁମୋଦିତ କଏନ୍‌କୁ ଗ୍ରହଣ କରାନଗଲେ ଏହା ଏକ ଅପରାଧ ସଦୃଶ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା । ଏତେ ସବୁ ସତ୍ତ୍ୱେ ବି ଏଭଳି କଏନ୍ ଗୁଡ଼ିକ ବଜାରରେ ଅଚଳ ବି ହୋଇ ରହିଯାଇଥିଲା । ତେବେ ଏଭଳି ମାନସିକତା ନିର୍ଦ୍ଦିଷ୍ଟ ଅଞ୍ଚଳ ମଧ୍ୟରେ ସୀମାବଦ୍ଧ ରହିଥିଲା । ବ୍ରହ୍ମପୁର ସମେତ ଗଞ୍ଜାମ ଜିଲ୍ଲାରେ ଏଭଳି ଅଚଳନ୍ତି ମାନସିକତା ରହିଥିବା ବେଳେ ରାଜ୍ୟ ରାଜଧାନୀ ସମେତ ଅନ୍ୟ କିଛି ଅଞ୍ଚଳରେ ଏହା ଗ୍ରହଣୀୟ ରହିଥିଲା । ତେବେ ଟଙ୍କିକିଆ କଏନ୍ ଉପରେ ଆଜି ବି ଏହା ଅଚଳନ୍ତି ମାନସିକତା ଜାରି ରହିଛି । ଟଙ୍କିକିଆ କଏନ୍ ଯଦିଓ ବଜାରରେ ଦେଖିବା ବିରଳ ତଥାପି ଏହି କଏନ୍ ଏକ ପ୍ରକାର ଅଚଳନ୍ତି ହୋଇପଡ଼ିଛି । ଏଥିନେଇ ଜଣେ ବ୍ୟବସାୟୀଙ୍କ ସହ ଆଲୋଚନା କରିବା ବେଳେ ପୂର୍ବରୁ ଆମେ ବି ୧୦ ଟଙ୍କିଆ କଏନ୍‌କୁ ଗ୍ରହଣ କରୁନଥିଲୁ । କାରଣ ଆମେ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛୁ କିନ୍ତୁ ଆମ ଠାରୁ ଗ୍ରାହକ ନେବାକୁ ପଛଘୁଞ୍ଚା ହେଉଥିଲେ । ଯଦି ଗ୍ରାହକ ଏହାକୁ ନେବେ ନାହିଁ ତେବେ ଆମେ ୧୦ ଟଙ୍କିଆ କଏନ୍ ରଖି କଣ କରିବୁ ବୋଲି ପ୍ରଶ୍ନ କରିଥିଲେ । ଏବେ ଲୋକେ ବି ଗ୍ରହଣ କରୁଛନ୍ତି ଏବଂ ଆମେ ବି ଗ୍ରହଣ କରୁଛୁ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ବଜାରରେ ୧୦ ଟଙ୍କିଆ ନୋଟ୍‌ଗୁଡ଼ିକ ଯେଭଳି ଅବସ୍ଥାରେ ରହୁଛି ତାହାକୁ ଗ୍ରହଣ କରିବାକୁ ଇଚ୍ଛା ଲାଗୁନାହିଁ । ହାତକୁ ହାତ ହୋଇ ଏହା ଏତେ ଦୁର୍ବଳ ହୋଇଯାଇଛି ଯେ, କେତେବେଳେ ଏହା ଚିରି ନଷ୍ଟ ହୋଇଯିବ, ଏଭଳି ଦୁର୍ବଳ ନୋଟ୍‌କୁ ଦେଖିବା ପରେ ଲୋକେ ବାଧ ହୋଇ ୧୦ ଟଙ୍କିଆ କଏନ୍ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରୁଥିବା କହିଛନ୍ତି ।

## ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ପଶୁ ପକ୍ଷୀଙ୍କ ପାଇଁ ଜଳଛତ୍ର

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବହୁମୁଖୀ ସମାଜ ମଙ୍ଗଳ ଓ ସାଂସ୍କୃତିକ କେନ୍ଦ୍ରର ଏକ ସାଧାରଣ ବୈଠକ ବ୍ରହ୍ମପୁର ଉତ୍କଳ ଆଶ୍ରମ ରୋଡ ସ୍ଥିତ ପାତ୍ର ହସ୍ପିଟାଲ ପରିସରରେ ସଭାପତି ଡାକ୍ତର ସଙ୍କର୍ଷଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସମ୍ପାଦକ ମହମ୍ମଦ ଆସଲାମଙ୍କ ପ୍ରଚେଷ୍ଟାରେ ପଶୁପକ୍ଷୀଙ୍କ ପାଇଁ ଜଳଛତ୍ର ପାଇଁ ପାତ୍ର ବିତରଣ କରାଯାଇ ଉପଯୁକ୍ତ ଯତ୍ନ ନେବାପାଇଁ ଅନୁରୋଧ କରାଗଲା । ଆଗାମୀ ଜୁନ୍ ୫ ତାରିଖରେ ପରିବେଶ ଦିବସ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା । ବୃକ୍ଷରୋପଣ ଓ ଏକ ଆଲୋଚନା କାର୍ଯ୍ୟକ୍ରମ କରାଯିବା ପାଇଁ ପ୍ରସ୍ତାବ ଗ୍ରହଣ କରାଗଲା । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସମ୍ପାଦକ ମହମ୍ମଦ ଆସଲାମ, ବରିଷ୍ଠ ସଦସ୍ୟ ଶ୍ୟାମାସୁନ୍ଦର ଖାଡ଼ଙ୍ଗା, ସୁଦର୍ଶନ ବିଷୋୟୀ, ପାର୍ବତୀ ପ୍ରସାଦ ପାଢ଼ୀ ପ୍ରମୁଖ ନିଜ ନିଜର ମତାମତ ଉପସ୍ଥାପନା କରିଥିଲେ । ଯୁବ ସଦସ୍ୟ ଲାଲବାହାଦୁର ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଜାତୀୟ ସଂଗୀତ ଗାନ ପରେ ସଭା ଭଙ୍ଗ ହୋଇଥିଲା ।

## ବିଶ୍ୱ ବାଇସାଇକେଲ୍ ଦିବସରେ ସାଇକେଲ୍ ଚଳାଇ ସଚେତନତା ସୃଷ୍ଟିକଲେ ଯୁବଗୋଷ୍ଠୀ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ୟୁଥ୍ ଫର୍ ଭଲ୍ୟୁଣ୍ଟାରୀ ୱାର୍କ ଓ ସୁଇଚ୍ ଅନ୍ ଫାଉଣ୍ଡେସନ୍ ତରଫରୁ 'ବିଶ୍ୱ ବାଇସାଇକେଲ୍ ଦିବସ' ଉପଲକ୍ଷେ ଏକ ସାଇକେଲ୍ ଶୋଭାଯାତ୍ରା ଭୁବନେଶ୍ୱର ସ୍ଥିତ ଶିଶୁଭବନ ଛକ ଠାରୁ ମାଷ୍ଟରକ୍ୟାଣ୍ଟିନ୍ ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ସାଇକେଲ୍ ଶୋଭାଯାତ୍ରା ସହ ପରିବେଶ ପ୍ରଦୂଷଣ ସଚେତନ ସୃଷ୍ଟି କରିବା ଉଦ୍ଦେଶ୍ୟରେ 'ୱେଷ୍ଟ ପିକପ୍ ଡ୍ରାଇଭ୍' ଅଭିଯାନରେ ରାସ୍ତାକଡ଼ରେ ପଡ଼ିଥିବା ଅଳିଆ, ଆବର୍ଜନା ସଫା କରିବା ସହ ପରିବେଶ ପ୍ରଦୂଷଣ ସମ୍ବନ୍ଧେ ବାର୍ତ୍ତା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ତଥା ୟୁଥ୍ ଫର ଭଲ୍ୟୁ□ଓାରୀ ୱାର୍କର ଅଧକ୍ଷ ମୀର ଅହମ୍ମଦ ଅଲ୍ଲୀ, ଦେବରାୟ କଲେଜ ଏନ୍.ଏସ୍.ଏସ୍. ପ୍ରୋଗ୍ରାମ ଅଫିସ୍‌ର ପୂର୍ଣ୍ଣଚନ୍ଦ୍ର ସାହୁ, ସୁଇଚ୍ ଅନ୍ ଫାଉଣ୍ଡେସନ୍ ତରଫରୁ ମୋନାଲିସା ବେହେରା ଓ ଛାତ୍ରନେତା ତାପସ ଦେ, ମନୋଜ ସାହୁ ପ୍ରମୁଖ ଯୋଗଦେଇ ସାଇକେଲ୍ ଚଳାଇବା ଦ୍ୱାରା ମଣିଷର ସ୍ୱାସ୍ଥ୍ୟ ଉତ୍ତମ ରହିବା ସହ ପରିବେଶ ପ୍ରଦୂଷଣରୁ ମୁକ୍ତ, ଆଗାମୀ ପିଢୀ ପାଇଁ ଡିଜେଲ୍ ଓ ପେଟ୍ରୋଲ୍‌ର ସଂରକ୍ଷଣ ପ୍ରଭୃତି ସୂଚାରୁ ରୂପେ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ ।

## ନଦୀରୁ ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର

**ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ବେଲପଡା ଥାନା କେନକେବା ନିକଟସ୍ଥ ଲାନ୍ଥ ନଦୀରେ ଏକ ମୃତଦେହ ପଡିଥିବାର ଖବରପାଇ ବେଲପଡା ପୋଲିସ ପହଞ୍ଚି ଶବଟିକୁ ଜବତ କରି ତଦନ୍ତ ଚଳାଇଛି । ସୂଚନା ଅନୁସାରେ ବେଲପଡା ଥାନା ମଧ୍ୟପୁର ପଞ୍ଚାୟତ ଅନ୍ତର୍ଗତ କେନକେବା ଲାନ୍ଥ ନଦୀରେ ଶବଟିଏ ପଡିଥିବାର ସ୍ଥାନୀୟ ବାସିନ୍ଦା ଦେଖିଥିଲେ । ଏହି ଖବର ପ୍ରଘଟ ହେବାପରେ ବେଲପଡା ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ଓ ପୋଲିସ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ପ୍ରାଥମିକ ତଦନ୍ତରୁ ଶବଟି ଜଣେ ମହିଳାଙ୍କର ବୋଲି ଜଣାପଡିଛି । ତେବେ ସଂପୃକ୍ତ ମହିଳାଙ୍କ ପରିଚୟ ମିଳି ନଥିବା ବେଳେ ମହିଳାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି । ଘଟଣାସ୍ଥଳରେ ବୈଜ୍ଞାନିକ ଦଳ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଲପଡା ଥାନାଧିକାରୀ ସୂଚନା ଦେଇଛନ୍ତି ।

## ପୁରୀ ଜିଲ୍ଲାରେ ପୋଲିସ ଆଇନ୍ ୩୦ ଧାରା

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ପୋଲିସ ଆଇନ୍‌ର ୩୦ ଧାରା ପୁରୀ ଜିଲ୍ଲାରେ ଲାଗୁ କରାଯାଇଛି । ଏହା ଚଳିତ ମାସ ୧ ତାରିଖ ଠାରୁ ଅଗଷ୍ଟ ୨୯ ତାରିଖ ୯୦ ଦିନ ପର୍ଯ୍ୟନ୍ତ ପୁରୀ ଜିଲ୍ଲାର ସମସ୍ତ ପୋଲିସ ଷ୍ଟେସନ ଅଞ୍ଚଳ, ପୁରୀ ମ୍ୟୁନିସିପାଲିଟି, ପିପିଲି, କୋଣାର୍କ ଓ ନିମାପଡା ଏନଏସି ଅଞ୍ଚଳରେ ବଳବତ୍ତର ରହିବ । ଏହି ସମୟ ମଧ୍ୟରେ ବିନା ଅନୁମତିରେ ସଭା, ଶୋଭାଯାତ୍ରା, ମାଇକ୍ ବ୍ୟବହାରକୁ ବେଆଇନ୍ ଘୋଷଣା କରାଯାଇଛି ବୋଲି ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି ।



## କେନ୍ଦ୍ରାପଡାରେ ଅବନି ବରାଳଙ୍କ ୯୦ତମ ଜୟନ୍ତୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ତରଫରୁ ୪ ଅବନି ବରାଳଙ୍କ ୯୦ତମ ଜୟନ୍ତୀ ସ୍ଥାନୀୟ ବଳଦେବଜୀଉ କଳା ସଂସ୍କୃତି ନିକେତନ ଠାରେ ପାଳନ ହୋଇଯାଇଛି । ଶିକ୍ଷକ ନେତା, ଜିଲ୍ଲା ଶିକ୍ଷକ ମହାସଂଘର ଉପଦେଷ୍ଟା ପ୍ରଫେସର ଅଜୟ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଅବସର ପ୍ରାପ୍ତ ଅଧ୍ୟାପକ ନନ୍ଦ କିଶୋର ପରିଡା, ମୋହନ ଚରଣ ଜେନା, ସଂଘ ଉପଦେଷ୍ଟା ଡ଼ଃ ଦିଲୀପ କୁମାର ମିଶ୍ର, କାର୍ତ୍ତିକ ଚରଣ ନାୟକ, ଜିଲ୍ଲା ସମ୍ପାଦକ ନବଘନ ମହାରଣା ପ୍ରମୁଖ ଅତିଥି ରୂପେ ଯୋଗଦେଇ ଓଡ଼ିଶାରେ ଶିକ୍ଷକ-ଶିକ୍ଷା ଓ ଶିକ୍ଷାୟତନ ପ୍ରତି ଅବନି ବରାଳଙ୍କ ସେବା, ତ୍ୟାଗ ଓ ଉତ୍ସର୍ଗର ସ୍ମୃତି ଚାରଣ ସହିତ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚରଣ ସାମଲ, ରମଣୀ ରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ, ଡ଼ଃ ପ୍ରଭାକର ସାମଲ, ଚିତ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଅବନି ବରାଳଙ୍କ ସ୍ମୃତି ଚାରଣ କରିବା ସହିତ ଆଗାମୀ ଦିନରେ ବିଭିନ୍ନ ଶିକ୍ଷକ ସଂଗଠନ ଏକତ୍ରୀତ ହୋଇ ନିଜ ହକ୍ ପାଇଁ ଲଢେଇ କରିବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ଶିକ୍ଷକ ନେତା ପଣ୍ଡିତ ପ୍ରତାପ ପତି ଧନ୍ୟବାଦ ଅର୍ପଣ କରିଛନ୍ତି ।

## ପଞ୍ଚାମୁଣ୍ଡାଇ ତାଲୁକ ଆଇନ୍ ସେବା ସମିତି ପକ୍ଷରୁ ଆଇନ୍ ସଚେତନତା ଶିବିର

**ପଞ୍ଚାମୁଣ୍ଡାଇ, ନ୍ୟୁଜ୍ ବ୍ୟୁରୋ**

ପଞ୍ଚାମୁଣ୍ଡାଇ ତାଲୁକ ଆଇନ୍ ସେବା ସମିତି ଅଧ୍ୟକ୍ଷା ତଥା ସିନିୟର ସିଭିଲ୍ ଜଜ୍ ସୁଶ୍ରୀ ସଂଗୀତା ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ପିଏଲ୍‌ଭି ସଭ୍ୟ ପ୍ରଫୁଲ୍ଲ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଓ ବରିଷ୍ଠ ଆଇନଜୀବୀ ପଞ୍ଚାମୁଣ୍ଡାଇ ବାର୍ ଆସୋସିଏସନ୍‌ର ଉପସଭାପତି ସୁରେଶ କୁମାର ନରେନ୍ଦ୍ରଙ୍କ ସଂଯୋଜନାରେ ପଞ୍ଚାମୁଣ୍ଡାଇ ମାଟିଆ ଉନ୍ନିତ ଉ.ପ୍ରା. ବିଦ୍ୟାଳୟରେ ଦିନ ୧୦ଟା ସମୟରେ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପଞ୍ଚାମୁଣ୍ଡାଇ ବାର୍ ଆସୋସିଏସନ୍‌ର କୋଷାଧ୍ୟକ୍ଷ ବରିଷ୍ଠ ଆଇନଜୀବୀ ଧୀରେନ୍ଦ୍ରନାଥ ସାହୁ ମାଇଗ୍ରେଟ ଶ୍ରମିକଙ୍କ ପାଇଁ କେଉଁ କେଉଁ ଆଇନ୍ ଅଛି ଓ ସେମାନଙ୍କୁ କିପରି ସହଜରେ ତାଲୁକ ଆଇନ୍ ସେବା ସମିତି ସାହାଯ୍ୟ କରିପାରୁଛି ଏବଂ ଅନ୍ୟ ତଥ୍ୟ ଗୁଡିକ ବିଷୟରେ ଆଲୋଚନା କରି ଶିଶୁମାନଙ୍କ ଠାରୁ ସମାଜର ସମସ୍ତ ବର୍ଗର ଲୋକଙ୍କର ପାରିବାରିକ, ଜମିଜମା, ଆଇନ୍‌ଗତ ବିଭିନ୍ନ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ ଓ ତାର ସମାଧାନ କିପରି ତାଲୁକ ଆଇନ୍ ସେବା ସମିତି ସହଜରେ ଶୀଘ୍ର ଏବଂ ମାଗଣାରେ କରିପାରୁଛି ତାହା ବର୍ଣ୍ଣନା କରିଥିଲେ ଓ ସମାଜର ପରିବେଶ କିପରି ଦୂଷିତ ହେଉଅଛି ଓ ଗୋଟିଏ ସବୁଜ ଗଛ ଆମ୍ଭ ମାନଙ୍କୁ ଖାଦ୍ୟ, ବସ୍ତ୍ର, ଅମ୍ଳଜାନ, ଜଳୀୟ ବାଷ୍ପ ଓ ପୃଥିବୀ ପୃଷ୍ଟରେ ମିଳୁଥିବା ସମସ୍ତ ଶକ୍ତି କିପରି ଦେଉଛି ତାହା ତନ ତନ କରି ବୁଝାଇଥିଲେ । ଏବଂ ପ୍ରତ୍ୟେକଙ୍କୁ ଅତି କମ୍‌ରେ ୧୦ଟି ଲେଖାଏଁ ଗଛ ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆଇନଜୀବୀ ଭବାନୀ ଶଙ୍କର ପଣ୍ଡା, ଜିତେନ୍ଦ୍ର କୁମାର ନନ୍ଦୀ, ପିଏଲଭି ସଭ୍ୟ ଧବଳେଶ୍ୱର ଖଣ୍ଡାଇ ଓ ମାଟିଆ ଗାଁର ପୁରୁଷ ଓ ମହିଳାମାନେ, ବିଦ୍ୟାଳୟ କମିଟିର ସଭାପତି ଉପସ୍ଥିତ ରହି ସଭାଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ । ପ୍ରଧାନ ଶିକ୍ଷକ ଗୋଲେଖ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରି ସଭାଟିକୁ ସାଙ୍ଗ କରିଥିଲେ ।

## ଅଧ୍ୟାପକଙ୍କ ବିୟୋଗରେ ଶୋକସଭା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଶୈଳବାଳା ମହିଳା ସ୍ୱୟଂ ଶାସିତ ମହା ବିଦ୍ୟାଳୟର ଅଧ୍ୟାପକ ଡ଼ଃ ସମାନ ରାଗିବଙ୍କ ବିୟୋଗରେ ଏକ ଶୋକସଭା ଅଧ୍ୟକ୍ଷା ପ୍ରଫେସର ଡ଼ଃ ଗାୟତ୍ରୀ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭା ଆରମ୍ଭରେ ଅଧ୍ୟାପକ ସ୍ୱର୍ଗତ ରାଗିବଙ୍କ ପାଇଁ ୨ ମିନଟ୍ ନୀରବ ପ୍ରାର୍ଥନା କରାଯିବା ପରେ ତାଙ୍କର ବନ୍ଧୁ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଡ଼ଃ ଅନିରୁଦ୍ଧ ଖିଲାର ସ୍ୱର୍ଗତ ରାଗିବଙ୍କ ବ୍ୟକ୍ତିଗତ ଜୀବନ ଓ ପରିବାର ବିଷୟରେ ସଭାକୁ ଅବଗତ କରାଇଥିଲେ । ସେ କହିଥିଲେ ଯେ ଏହା ତାଙ୍କର ବ୍ୟକ୍ତିଗତ କ୍ଷତି । ଅଧ୍ୟକ୍ଷା ପ୍ରଫେସର ବିଶ୍ୱାଳ ତାଙ୍କୁ ଭୁୟସୀ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ସ୍ୱର୍ଗତ ରାଗିବ ଅସୁସ୍ଥତା ସତ୍ତ୍ୱେ ସେ ସୂଚାରୁ ରୂପେ ତାଙ୍କର ପାଠପଢା କାର୍ଯ୍ୟ ଜାରି ରଖିଥିଲେ । କାର୍ଯ୍ୟକ୍ରମ ରେତାଙ୍କର ଗଜଲା ତମରିନ, ଡ଼ଃ ବିଶ୍ୱଦାସ ମହାନ୍ତି, ଡ଼ଃ ପ୍ରଶାନ୍ତ ସାମନ୍ତରାୟ, ଡ଼ଃ ବନ୍ଦନା ପାଠକ, ଡ଼ଃ ବିକାଶ ଦାସ, ଡ଼ଃ ମମତାରାଣୀ ସାହୁ, ଡ଼ଃ ମମତା ଜେନା, ଡ଼ଃ ସ୍ୱପ୍ନଶଙ୍କର ନାୟକ ସ୍ୱର୍ଗତ ରାଗିବଙ୍କ ଭିଶୋଇ ମହମ୍ମଦ ତମିରୁଦ୍ଦିନଙ୍କ ସହ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ପ୍ରାର୍ଥନାରେ ଅଂଶ ଗ୍ରହଣ କରିଥିଲେ ।

## ଚନ୍ଦନ ଯାତ୍ରାରେ ବାଣ ବିସ୍ଫୋରଣ ଘଟଣା:ସୁସ୍ଥ ହୋଇ ଘରକୁ ଫେରିଲେ ୩ ଜଣ

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ଚନ୍ଦନ ଯାତ୍ରା ଅବସରରେ ନରେନ୍ଦ୍ର ପୋଖରୀ ବାଣ ଦୁର୍ଘଟଣାରେ ୧୩ ଜଣଙ୍କ ମୃତ୍ୟୁ ଘଟଣା ସମସ୍ତଙ୍କ ମନରେ ଅତ୍ୟନ୍ତ ବିଷାଦ ଭରି ଦେଇଥିଲା । ତେବେ ଆସିଛି ଏକ ଭଲ ଖବର । କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ୧୫ ବର୍ଷୀୟ ବଳରାମ ଦାସ ଓ ୨୪ ବର୍ଷୀୟ ମନମୋହନ ବେହେରା ଏବଂ ପୁରୀ ଶ୍ରୀ ଜଗନ୍ନାଥ ମେଡ଼ିକାଲ କଲେଜ ହସ୍‌ପିଟାଲ୍‌ରୁ ୪୯ ବର୍ଷୀୟ ଶ୍ରୀଧର ରାଉତ ସୁସ୍ଥ ହୋଇ ହସ୍‌ପିଟାଲ୍‌ରୁ ଡିସ୍‌ଚାର୍ଜ ହୋଇଛନ୍ତି ବୋଲି ମେଡ଼ିକାଲ କର୍ତ୍ତୃପକ୍ଷ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଅବଗତ କରାଇଛନ୍ତି । ସମସ୍ତ ଚିକିତ୍ସାଧିନ ଆହତଙ୍କ ଅବସ୍ଥା ସମ୍ପର୍କରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ମେଡ଼ିକାଲର କର୍ତ୍ତୃପକ୍ଷଙ୍କ ସହ ନିରନ୍ତର ସମ୍ପର୍କ ରଖାଯାଇଛି । ଦୁର୍ଘଟଣାରେ ସମସ୍ତ ଆହତଙ୍କ ଚିକିତ୍ସା ଖର୍ଚ୍ଚ ସରକାରଙ୍କ ପକ୍ଷରୁ ବହନ କରାଯାଉଛି । ଇତି ମଧ୍ୟରେ ମୃତକଙ୍କ ପରିବାରକୁ ସରକାରଙ୍କ ଘୋଷଣା ମୁତାବକ ୪ ଲକ୍ଷ ଲେଖାଏଁ ଟଙ୍କା ପ୍ରଦାନ କରାଯାଉଛି । ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ସମସ୍ତ ଆହତଙ୍କ ଆରୋଗ୍ୟ କାମନା କରିଛନ୍ତି । ପୂର୍ବରୁ ୬ ଜଣ ଆହତ ସୁସ୍ଥ ହୋଇ ନିଜ ନିଜ ଘରକୁ ଫେରିଥିଲେ ।

## ରାୟଗଡ଼ାରେ ବଜ୍ରାଘାତ:୨ ମୃତ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ରାୟଗଡାରେ ବଜ୍ରାଘାତରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି । ରାୟଗଡା ବ୍ଲକରେ ବଜ୍ରାଘାତରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି । ମିରାବାଲି ପଞ୍ଚାୟତ ମିରାବାଲି ଗ୍ରାମର ୩୮ ବର୍ଷୀୟ ଶୀତେଇ ଜିଲ୍ଲାକାରଙ୍କର ମୃତ୍ୟୁ ଘଟିଥିବା ସମୟରେ କାରୁବାଇ ପଞ୍ଚାୟତର କାରୁବାଇ ଗ୍ରାମରେ ୪୫ ବର୍ଷୀୟ ମୃତୂକା ମଣ୍ଡାଙ୍ଗୀଙ୍କର ମୃତ୍ୟୁ ଘଟିଛି । ଉଭୟ ଗତକାଲି ବର୍ଷା ପବନରେ ଗାଁ ନିକଟରୁ ଆମ୍ବ ସଂଗ୍ରହ କରିବାକୁ ଯାଇଥିବା ସମୟରେ ବଜ୍ରାଘାତର ଶିକାର ହୋଇଥିଲେ । ଉଭୟଙ୍କ ଶବ ବ୍ୟବଚ୍ଛେଦ ନିମନ୍ତେ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଛି ।



**ଭୁବନେଶ୍ୱର:** କଟକ ଗୁରୁ ପ୍ରଡକ୍ସନ୍ ପକ୍ଷରୁ ଭଞ୍ଜକଳାମଣ୍ଡପରେ ପରିବେଶିତ ନାଟକ ଅଜାମିଳ ପଣ୍ଡା **(ଫଟୋ:ସମ୍ବାଦ କଳିକା)**

## ବରିଷ୍ଠ ପାଲାଗାୟକ ରାୟଶ୍ରୀ ହୃଷିକେଶ ଧଳଙ୍କ ପରଲୋକ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ବାରୋ ପଞ୍ଚାୟତ ଅଧୀନ ଚବିଶପଡ଼ା ଶାସନ ଗ୍ରାମର ବରିଷ୍ଠ ପାଲାଗାୟକ ତଥା ସାହିତ୍ୟିକ ରାୟଶ୍ରୀ ହୃଷୀକେଶ ଧଳଙ୍କର ଗତ ୩୦ ତାରିଖରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୯୫ ବର୍ଷ ହୋଇଥିଲା । ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ । ସ୍ୱର୍ଗ ଧଳ ଏକାଧାରରେ ଜଣେ ସୁଶିକ୍ଷକ, ପାଲା ଗାୟକ, କବି, ସମାଜ ସେବକ ତଥା ଶିଶୁ ପତ୍ରିକା ଝୁମୁକାର ସମ୍ପାଦକ ଥିଲେ । ଏଥି ସହିତ ସେ ବହୁତ ଗୁଡିଏ କାବ୍ୟ ଓ କବିତା ରଚନା କରିଛନ୍ତି । ସଚିତ୍ର ମହାଲକ୍ଷ୍ମୀ ପୁରାଣ, ସାବିତ୍ରୀ ବ୍ରତ, ତାରିଣୀ ମହିମା ତଥା ଅନେକ ଗୁଡିଏ ଅପ୍ରକାଶିତ ପାଣ୍ଡୁଲିପି ରହିଛି । ସେ କିଛି ଦିନ ପାଇଁ ନିଖିଳ ଉତ୍କଳ ପାଲାଗାୟକ ସଂଗଠନର ସଭାପତି ଥିଲେ । ତାଙ୍କର ବିୟୋଗରେ ସ୍ଥାନୀୟ ଅଞ୍ଚଳର କଳାକାର ଓ ସାହିତ୍ୟିକମାନଙ୍କ ମଧ୍ୟରେ ଶୋକର ଛାୟା ଖେଳି ଯାଇଛି । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ଅଚ୍ୟୁତାନନ୍ଦ ଧଳ, ନିତ୍ୟାନନ୍ଦ ଧଳ, ଗୋରା ଚାନ୍ଦ ଧଳ, ଝିଅ ଜ୍ୱାଇଁ, ପୁତ୍ରବଧୂ, ନାତି ନାତୁଣୀ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁ ଖବରପାଇ ସରପଞ୍ଚ ଉଦ୍ଧବ ଚରଣ ନାୟକ, ଶିକ୍ଷାବିତ୍ ଲକ୍ଷ୍ମୀକାନ୍ତ ମହାପାତ୍ର, କବି ସନ୍ନ୍ୟାସୀ ଚରଣ ବ୍ରହ୍ମ, ନାରାୟଣ ଚନ୍ଦ୍ର ଧଳ, ନାରାୟଣଚନ୍ଦ୍ର ମାନ୍ଧାତା, ସମାଜସେବୀ ଭିକାରୀ ନାୟକ, ନରହରି ନାୟକ, ଦେବେନ୍ଦ୍ର ପୁହାଣ, ରାମଚନ୍ଦ୍ର ନାୟକ, ଅମରେଶ ନାୟକ, ରମେଶ ନାୟକ, ରଘୁନାଥ ମଲିକ, ପ୍ରଶାନ୍ତ ମଲିକ, ପିତାମ୍ବର ମହାପାତ୍ର, ପ୍ରମୋଦ ମହାପାତ୍ର, ବରଦାକାନ୍ତ ମହାପାତ୍ର, ନିତ୍ୟାନନ୍ଦ ପତି, ଭାସ୍କର ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିବା ବେଳେ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ ।

## ରାସ୍ତା ଜବରଦଖଲ:ଗାଁରେ କୃତ୍ରିମ ବନ୍ୟା

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ଠାରୁ କେନ୍ଦ୍ର ସରକାରଙ୍କ ପର୍ଯ୍ୟନ୍ତ ଗାଁରୁ ସହର ପର୍ଯ୍ୟନ୍ତ ରାସ୍ତାଘାଟ ଉନ୍ନତିକରଣ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଥିବାବେଳେ ଅଧିକାଂଶ ସ୍ଥାନରେ ରାଜନୀତି ଜନିତ ସାହି ଓ ବସ୍ତି ବାସିନ୍ଦାଙ୍କ ବିବାଦ ଯୋଗୁଁ ଏହାର ଉନ୍ନତିକରଣରେ ଅଂକୁଶ ଲାଗିଛି । ଫଳରେ ସାଧାରଣ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲାର ଧାମନଗର ବିଜ୍ଞାପିତ ଅଞ୍ଚଳରେ । ଏହି ଏନଏସିଟି ୧୧ଟି ୱାର୍ଡ଼କୁ ନେଇ ଗଠିତ ହୋଇଥିବାବେଳେ ସରକାରଙ୍କ ପକ୍ଷରୁ ଏହାର ବିକାଶ ପାଇଁ କୋଟି କୋଟି ଟଙ୍କା ଆସିଛି । ମାତ୍ର ତାହା ବାଟମାରଣା ହେବା ଫଳରେ ରାସ୍ତାଘାଟ ଉନ୍ନତିକରଣରେ ବାଧା ଉପୁଜିଛି । ଏଥିନେଇ ଜନ ପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କର ଆନ୍ତରିକତାର ଅଭାବ ଏହାର ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରିଛି । ଏବେ ଅନେକ ବସ୍ତି ଓ ରାସ୍ତା ଏଥିଯୋଗୁ ନିର୍ମାଣ ହୋଇପାରୁନଥିବା ବେଳେ ଡ୍ରେନ୍ ନଥିବାରୁ ଜଳ ନିଷ୍କାସନ ନହେବା ଫଳରେ ରାସ୍ତା ଉପରେ ବର୍ଷା ଜନିତ କୃତ୍ରିମ ନଦୀ ସୃଷ୍ଟି ହୋଇଛି । ଏଠାରେ ସୂଚନାଥାଉକି ଧାମନଗର ଏନ୍‌ଏସିର ୯ ନଂ ୱାର୍ଡର ପଠାଣମହଲା ସାହି ରାସ୍ତାଟି ବର୍ଷା ଜଳରେ କୃତ୍ରିମ ନଦୀର ଭ୍ରମ ସୃଷ୍ଟି କରିଛି । ଖରାଦିନରେ ନଦୀନାଳ ଶୁଖିଲା ଥିବାବେଳେ ଗତ କେହି ଅସରାଏ ବର୍ଷା ଉକ୍ତ ବସ୍ତିର ରାସ୍ତାରେ ପାଣିର ହ୍ରଦ ସୃଷ୍ଟି କରିଛି । ଫଳରେ ଦୀର୍ଘଦିନ ହେବ ପାଣି ଜମି ରହୁଥିବାରୁ ତାହା ଧୀରେ ଧୀରେ ଅପରିଷ୍କାର ହୋଇ ଦୁର୍ଗନ୍ଧ ବାହାରି ପରିବେଶକୁ ଅସ୍ୱାସ୍ଥ୍ୟକର ଆଡକୁ ଟାଣି ନେଉଛି । ଉକ୍ତ ପାଣିରେ ଏବେ ପୋକ ସାଲୁବାଲୁ ହେଉଥିବାରୁ ଲୋକେ ରୋଗାକ୍ରାନ୍ତ ହେଲେଣି । ଏହି ରାସ୍ତାଟି ନିକଟରେ କଂକ୍ରିଟ ହୋଇଥିଲେ ମଧ୍ୟ ଜଳ ନିଷ୍କାସନ ପାଇଁ କୌଣସି ଡ୍ରେନ୍‌ର ବ୍ୟବସ୍ଥା ନଥିଲା । ତେବେ ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନାଙ୍କ ଉଦ୍ୟମ ଫଳରେ ଡ୍ରେନ୍ ପାଇଁ ଟେଣ୍ଡର କରାଯାଇଛି । ପାଖାପାଖି ୭ ଲକ୍ଷ ଟଙ୍କା ମଞ୍ଜୁର ମଧ୍ୟ ହୋଇଛି । କିନ୍ତୁ କିଛି ମୁଷ୍ଟିମେୟ ଲୋକ ରାସ୍ତା ପାର୍ଶ୍ୱ ସରକାରୀ ଜମିକୁ ଦୀର୍ଘବର୍ଷ ହେବ ଅବରୋଧ କରି ସ୍ଥାୟୀ ପକ୍କାଗୃହ ନିର୍ମାଣ ପୂର୍ବକ ରାସ୍ତାକୁ ଅବରୋଧ କରିଥିବାରୁ ଉକ୍ତ ଡ୍ରେନ୍ ନିର୍ମାଣରେ ବାଧା ସୃଷ୍ଟି ହେଉଛି ବୋଲି ୯ ନଂ କାଉନ୍‌ସିଲର ନଜମା ଖାତୁନ ତାଙ୍କୁ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଏଠାରେ ସୂଚନାଥାଉକି ଏହି ରାସ୍ତା ଜବରଦଖଲ ନେଇ ଗତବର୍ଷ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଥାନାଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ ଗୋଟିଏ ବର୍ଷ ବିତିଯାଇଥିଲେ ବି କୌଣସି ସମାଧାନ ହୋଇପାରିନାହିଁ । ଫଳରେ ଉକ୍ତ ବସ୍ତିଟି ଅବସ୍ଥା ସଂକଟମୟ ହୋଇପଡିଛି । ଏ ସମ୍ପର୍କରେ ଅଧ୍ୟକ୍ଷା ନିବେଦିତା ଜେନାଙ୍କ ସହ ଯୋଗାଯୋଗ କରାଯିବାରେ ଟେଣ୍ଡର କାର୍ଯ୍ୟ ସରିଛି, ତେବେ କିଛି ସମସ୍ୟା ରହିଥିବାରୁ ଖୁବ୍‌ଶୀଘ୍ର କାର୍ଯ୍ୟନିର୍ବାହୀଙ୍କ ସହ ଆଲୋଚନା ପରେ ସ୍ଥାୟୀ ସମାଧାନ କରାଯିବ ବୋଲି ଗଣମାଧ୍ୟମକୁ କହିଛନ୍ତି । ତେବେ ତୁରନ୍ତ ଏହି ଘଟଣାର ସ୍ଥାୟୀ ପ୍ରତିକାର କରାନଗଲେ ଖୁବ୍‌ଶୀଘ୍ର ଜନ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଅଧିବାସୀ ଚେତାବନୀ ଦେଇଛନ୍ତି ।

## ମୋ ସ୍କୁଲ ଅଭିଯାନ ସମାବେଶ ପାଇଁ ପ୍ରସ୍ତୁତି କୁସଙ୍ଗ ହାଇସ୍କୁଲ ନୂତନ ଗୃହ ଉଦ୍‌ଘାଟିତ ହେବ

**ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ**

ସର୍ବ ପୁରାତନ ସ୍କୁଲ ପୂର୍ବତନ ଛାତ୍ର, ଶିକ୍ଷକ ସାମିଲ ହେବେ । କୁସଙ୍ଗ ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ମୋ ସ୍କୁଲ ଅଭିଯାନ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ କମିଟିର ସଭାପତି ବଂଶିଧର ସାଏ ଅଧ୍ୟକ୍ଷତାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୋଳାନାଥ ପର୍ଡିଆ ମଞ୍ଚାସିନ ଥିଲେ । ପ୍ରଧାନ ଶିକ୍ଷକ ସଭାରେ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସଭାପତି ଶ୍ରୀ ସାଏ "ମୋ ସ୍କୁଲ ଅଭିଯାନ" ଆନୁକୁଲ୍ୟରେ ନିର୍ମିତ ନୂତନ ଶ୍ରେଣୀ କୋଠରୀର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାର ସୂଚନା ଦେଇଥିଲେ ଏବଂ ସର୍ବ ସମ୍ମତିକ୍ରମେ ଆସନ୍ତା ତା.୨୬.୦୬.୨୦୨୪ ଅପରାହ୍ନ ୩ ଘଣ୍ଟା ସମୟରେ ଉକ୍ତ ଶ୍ରେଣୀ କୋଠରୀର ଉଦ୍‌ଘାଟନ କରାଯିବା ପାଇଁ ସ୍ଥିର ହେଲା । ଏହି ଅବସରରେ ଉପସ୍ଥିତ ପୁରାତନ ଛାତ୍ରଛାତ୍ରୀ ଶିକ୍ଷକ, ଶିକ୍ଷୟତ୍ରୀ, ଉପଦେଷ୍ଟାମାନେ ବିଦ୍ୟାଳୟର ଶୈକ୍ଷିକ ପରିବେଶକୁ ଆହୁରି ବିକଶିତ କରିବା ପାଇଁ ସୁନିଶ୍ଚିତ ମତାମତ ଦେଇଥିଲେ । ଉପଦେଷ୍ଟାମାନଙ୍କ ମଧ୍ୟରେ ଆଦିକନ୍ଦ ସାହୁ, ମୁରଲିଧର ପଟେଲ, ପୁରାତନ ଛାତ୍ର ଡା. ରୁଦ୍ର ନାରାୟଣ ପଟେଲ, ନିଳାଞ୍ଚଳ ଚିରଗୁନ, ଦୁତିଆ ଦେହେରୀ, ବୃନ୍ଦାବନ ପଟେଲ, ଉଦ୍ଧବ ସା, ଘନଶ୍ୟାମ ଭୋଇ, ପ୍ରେମାନନ୍ଦ ପଟେଲ, ଆନନ୍ଦ ପଟେଲ, ଭାବଗ୍ରାହୀ ସାହୁ, ରତନଲାଲ ପୃଷ୍ଟି, ବିଶ୍ୱଜିତ ପଟେଲ, କେୟମ ଖାନ, ରାହାସ ବିହାରୀ ପଟେଲ, କରୁଣାକର ପଟେଲ, ବିରେନ୍ଦ୍ର ପୁଟେଲ, ଦେବାନନ୍ଦ ପୃଷ୍ଟି ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ କର୍ମଚାରୀ ଉପସ୍ଥିତ ଥିଲେ ।

## କୋଭିଡ୍ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ କୋଭିଡ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. ନକୁଳ ସାହୁ କହିଲେ ଆଦାନ କାଳରେ ଶରୀରରୁ ଶକ୍ତି ଓ ଇମ୍ୟୁନିଟି କମିଯାଏ । ଯେଉଁମାନଙ୍କ ରୋଗ ପ୍ରତିରୋଧକ ଶକ୍ତି କମ୍ ଥାଏ, ଜନ ଗହଳି ସ୍ଥାନକୁ ଗଲେ ଭୂତାଣୁ ଥିବା ରୋଗୀର ଛିଙ୍କ କାଶ ନାସାସ୍ରାବ ଦ୍ୱାରା ଭୂତାଣୁ ସହଜରେ ସଂକ୍ରମିତ ହୋଇଯାଏ । ଏହା ବାୟୁବାହିତ ହୋଇଥିବା ଯୋଗୁଁ ସୁସ୍ଥ ରୋଗୀକୁ ସଂକ୍ରମିତ କରେ । ଆଧୁନିକ ବିଜ୍ଞାନ ବିଭିନ୍ନ ଜାତୀୟ ଭୂତାଣୁ କହୁଥିବା ବେଳେ ସବୁଗୁଡ଼ିକୁ ଆୟୁର୍ବେଦରେ ଗୋଟିଏ ଭାବେ ପ୍ରକାଶ କରି ଗୋଟିଏ ପ୍ରତିକ୍ରିୟାହୀନ ସଫଳ ଚିକିତ୍ସା କୁହାଯାଇଛି । କାରଣକୁ ଛାଡି ପ୍ରତିରୋଧ ପାଇଁ ମାସ୍କ ପିନ୍ଧନ୍ତୁ, ଦୂରତା ରକ୍ଷା କରନ୍ତୁ, କର୍ପୁର ପାଖରେ ଧରନ୍ତୁ, ଗଙ୍ଗଶିଉଳୀ, ତୁଳସୀ, ଗୁଳୁଚି ପତ୍ର ରସ ବା ବଟିକା ଖାଆନ୍ତୁ । ନାକ, ଆଖିରୁ ପାଣି ବହିଲେ, ଜ୍ୱର ହେଲେ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ଯେଉଁ ଔଷଧ ଦ୍ୱାରା ଇମ୍ୟୁନିଟି, ରକ୍ତକଣା ନଷ୍ଟ ହେବ ସେହି ଔଷଧ ଦୋକାନୀ ଠାରୁ ଖାଆନ୍ତୁ ନାହିଁ । ଏହି ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା । ଶିବିର ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ ରାଓ । ଏହି ଶିବିର ପ୍ରତି ସୋମବାର ଅନୁଷ୍ଠିତ ହୁଏ । ସମସ୍ତେ ଏହାର ସୁଯୋଗ ନେବାକୁ ପ୍ରତିଷ୍ଠାନ ଅନୁରୋଧ କରିଛନ୍ତି ।

## ପୁରୀ ବାଣ ବିସ୍ଫୋରଣ ଘଟଣା:ମୃତାହତଙ୍କ ସହାୟତା ରାଶି ବୃଦ୍ଧି ପାଇଁ ଯୁବ କଂଗ୍ରେସର ଦାବି

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ଚନ୍ଦନ ଯାତ୍ରାରେ ବାଣ ବିସ୍ଫୋରଣ ଘଟଣାରେ ମୃତକଙ୍କ ପରିବାରକୁ ୨୦ ଲକ୍ଷ, ଆହତଙ୍କୁ ୫ ଲକ୍ଷ ସହାୟତା ପାଇଁ ଦାବି କରିଛି ଯୁବ କଂଗ୍ରେସ । ଜିଲ୍ଲା ଯୁବ କଂଗ୍ରେସ ତରଫରୁ ଜିଲ୍ଲା ସଭାପତି ଆଲୋକ କୁମାର ଦାଶଙ୍କ ନେତୃତ୍ୱରେ ପୁରୀ ବିଧାନସଭା ସଭାପତି ମନୋଜ ମଣ୍ଡଳ, ପୁରୀ ବିଧାନ ସଭା ଉପସଭାପତି ଅନିଲ ବେଜ, ଜିଲ୍ଲା ଉପସଭାପତି ଜଗଦୀଶ ରାଉତ, ଜିଲ୍ଲା ସାଧାରଣ ସମ୍ପାଦକ ଅର୍ପିତ ଦିକ୍ଷୀତ, ଜିଲ୍ଲା ସମ୍ପାଦକ ଲକ୍ଷ୍ମୀକାନ୍ତ ନାୟକଙ୍କ ସହ ସାହିଲ ମହାନ୍ତି, ହେମନ୍ତ ପ୍ରଧାନ, ସମ୍ବିତ ପ୍ରଧାନ, ସାହିଲ ପୃଷ୍ଟିଙ୍କ ସହ ଅନ୍ୟ ଯୁବ କଂଗ୍ରେସର ଶତାଧିକ କର୍ମୀ ଏକାଠି ହୋଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ୫ ଦଫା ଦାବିପତ୍ର ପ୍ରଦାନ କରିଥିଲେ । ଅକ୍ଷୟ ତୃତୀୟା ଠାରୁ ଦିଅଁ ଚାପ ଖେଳ ଆରମ୍ଭ ଠାରୁ ଶେଷ ଭଉଁରୀରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୁଏ । ମଇ ୨୯ ତାରିଖ ପୁରୀ ପାଇଁ ଏକ କଳାଦିନ ବା ପୁରୀ ସହରର ସୁରକ୍ଷା ଓ ସ୍ୱାସ୍ଥ୍ୟ ବିଭାଗର ଅପାରଗତା ପାଇଁ ପୁରୀ ଏକ କଳଙ୍କିତ ଇତିହାସ ସୃଷ୍ଟିକଲା ବୋଲି ଯୁବ କଂଗ୍ରେସ କହିଛି । ପୁରୀ ସହର ବାସୀ ଧିକ୍କାର କରୁଛନ୍ତି ପ୍ରଶାସନିକ ବ୍ୟବସ୍ଥାକୁ । ସ୍ୱାସ୍ଥ୍ୟ ବ୍ୟବସ୍ଥା ସହ ତଥାକଥିତ ଫାଇଭ-ଟି ନବୀନ ସରକାରର ପୁରୀର ବିକାଶକୁ କେନ୍ଦ୍ର କରି । ଯୁବ କଂଗ୍ରେସ ତରଫରୁ ୫ ଦଫା ଦାବି ପତ୍ର ଉପରେ ୭ ଦିନ ମଧ୍ୟରେ ପଦକ୍ଷପ ନନିଆଗଲେ ପୁରୀ ଜିଲ୍ଲା ଯୁବ କଂଗ୍ରେସ ତରଫରୁ ଜିଲ୍ଲାପାଳ ଅଫିସ ଘେରାଉ କରାଯିବ ବୋଲି ଯୁବ କଂଗ୍ରେସ କହିଛି । ୫ ଦଫା ଦାବି ମାନଙ୍କ ମଧ୍ୟରେ ଭଉଁରୀ ଶ୍ରଦ୍ଧାଳୁ ନିୟନ୍ତ୍ରଣ ଦାୟିତ୍ୱରେ ଯିଏ ଥିଲେ ସେମାନଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ସେଦିନ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀ କୁଆଡେ ଯାଇଥିଲେ, ତଦନ୍ତ କରାଯାଉ । ବିକାଶ ନାମରେ ପ୍ରାଥମିକ ଚିକିତ୍ସା ଦେବାରେ ବିଫଳ ପୁରୀ ମୁଖ୍ୟ ଚିକିତ୍ସା କେନ୍ଦ୍ର । ଯୁବ କଂଗ୍ରେସ ତରଫରୁ ସି.ଡି.ଏମ.ଓଙ୍କୁ ବହୁତ ତାଗିଦ କରାଯାଇଥିଲା । ପୋଡାଜଳା ବିଭାଗ କରିବାକୁ ହେଲେ ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ । ଯାହା ଫଳରେ ଆଜି ପ୍ରାଥମିକ ଚିକିତ୍ସା ନପାଇ ଅନେକ ଜୀବନ ଗଲା । ଆଇ.ସି.ୟୁର ଅଭାବବି ୧୩ଟି ଜୀବନ ଯିବାର କାରଣ । ଏହାକୁ କେନ୍ଦ୍ର କରି ତୁରନ୍ତ ସି.ଡି.ଏମ.ଓ. ନିଜର ଅପାରଗ କାର୍ଯ୍ୟଭାରକୁ ନେଇ ନୈତିକତା ଦୃଷ୍ଟିରୁ ଇସ୍ତଫା ପ୍ରଦାନ କରନ୍ତୁ । ଏହି ଅଗ୍ନିକାଣ୍ଡରେ ପ୍ରଶାସନ ଆହତଙ୍କ ପରିବାରକୁ ୫ ଲକ୍ଷର ସହାୟତା ସହ ମୃତ ପରିବାରକୁ ୨୦ ଲକ୍ଷ ଟଙ୍କା ଓ ଗୋଟିଏ ପରିବାରରୁ ୨ରୁ ଉର୍ଦ୍ଧ୍ୱ ମୃତକଙ୍କୁ ୧ କୋଟି ସହାୟତା ପ୍ରଦାନ କରନ୍ତୁ । ପୁରୀରେ ବିକାଶ ନାମରେ ପ୍ରଚାର କରୁଥିବା ପ୍ରଶାସନ ଓ ସରକାର ତୁରନ୍ତ ପୁରୀରେ ୫୦ରୁ ଉର୍ଦ୍ଧ୍ୱ ଆଇ.ସି.ୟୁ ବିଶିଷ୍ଟ ସୁପର ସ୍ପେସାଲିଷ୍ଟ ମେଡିକାଲ କରିବା ପାଇଁ ଅନୁଦାନ ପ୍ରଦାନ କରି ତୁରନ୍ତ କାର୍ଯ୍ୟକ୍ଷମ କରନ୍ତୁ । ୫ ଦଫା ସମ୍ବଳିତ ଦାବିକୁ କେନ୍ଦ୍ର କରି ତୁରନ୍ତ ସମସ୍ତ ଦାବି ଉପରେ ପଦକ୍ଷପ ନନିଆଗଲେ ଆଗାମୀ ୭ ଦିନ ପରେ ଜିଲ୍ଲାପାଳ ଅଫିସ ଘେରାଉ ସହ ଜୋର୍‌ଦାର୍ ଆନ୍ଦୋଳନ ପୁରୀ ଜିଲ୍ଲା ଯୁବ କଂଗ୍ରେସ ତରଫରୁ କରାଯିବ ବୋଲି ଚେତାବନୀ ଦେଇଛନ୍ତି ପୁରୀ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ଦାଶ ।





# ୨ୟ ଥର ବିଜେପି ଦଖଲରେ ଭୁବନେଶ୍ୱର ଲୋକସଭା

## ୪୦ ହଜାର ଭୋଟରେ ଅପରାଜିତା ଜିତିଲେ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଖୋର୍ଦ୍ଧା ଜିଲ୍ଲାରେ ୨୦୨୪ ସାଧାରଣ ନିର୍ବାଚନ ପର୍ବ ଶେଷ ହୋଇଥିବା ବେଳେ ଫଳାଫଳ ପ୍ରକାଶ ପାଇଛି । ୨୫ ତାରିଖରେ ଜିଲ୍ଲାରେ ସାଧାରଣ ଜନତା ନିଜ ନେତା ବାଛିଥିଲେ, ବୁଧବାର ସେହି ନେତାଙ୍କ ଫଳ ଆସିଛି । ଜିଲ୍ଲାରେ ତ୍ରିମୁଖୀ ଲଢ଼େଇ ନଜରକୁ ଆସିଥିବାବେଳେ ବିଜେପି-ବିଜେଡ଼ି ମଧ୍ୟରେ କଡ଼ା ଟକ୍କର ହୋଇଛି । ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟିବା ସହ ଭାରତୀୟ ଜନତା ଦଳ (ବିଜେପି) ପ୍ରାର୍ଥୀ ଅପରାଜିତା ଷଡଙ୍ଗୀ ବିଜୟୀ ହୋଇଛନ୍ତି । ଭୁବନେଶ୍ୱର ଓ ଉପକଣ୍ଠର ଜନତା ଅପରାଜିତାଙ୍କୁ ନେତା ଭାବେ ବାଛିଛନ୍ତି । ବିଜେପି ପ୍ରାର୍ଥୀ ଅପରାଜିତା ଷଡଙ୍ଗୀଙ୍କୁ ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀରୁ ମୋଟ ୫,୧୨,୫୧୯ ଖଣ୍ଡ ଭୋଟ ମିଳିଛି ।

ଖୋର୍ଦ୍ଧା ବିଧାନସଭା ଆସନରେ ନିର୍ବାଚନ ହେବା ଦିନ ଠାରୁ ଏଠାରେ ବିଜେପି କେବେ ବାଜିମାତ କରିନଥିଲା । ୨୦୧୯ରେ ଅବଶ୍ୟ ଏଠାରେ ବିଜେଡ଼ି-ବିଜେପି ମଧ୍ୟରେ କଡ଼ା ଟକ୍କର ହୋଇଥିଲା, କିନ୍ତୁ ଶେଷରେ ବିଜେଡ଼ି ପ୍ରାର୍ଥୀ ଜ୍ୟୋତିନ୍ଦ୍ର ନାଥ ମିତ୍ରା ବିଜୟ ହୋଇଥିଲେ । କିନ୍ତୁ ଚଳିତ ନିର୍ବାଚନରେ ପ୍ରଥମ ଥର ଏଠାରୁ ବିଜେପି ବାଜିମାତ କରିଛି । ନିଜ ପ୍ରତିଦ୍ୱନ୍ଦ୍ୱି ତଥା ବିଜେଡ଼ି ପ୍ରାର୍ଥୀ ରାଜେନ୍ଦ୍ର କୁମାର ସାହୁଙ୍କୁ ପ୍ରଶାନ୍ତ ୮ ହଜାର ୫୯୮ ଭୋଟରେ ପରାସ୍ତ କରିଛନ୍ତି । ପ୍ରତିଦ୍ୱନ୍ଦ୍ୱି ଭାବେ ବିଜେଡ଼ି ପ୍ରାର୍ଥୀ ମନ୍ମଥ ରାଉତରାୟଙ୍କୁ ୪,୭୭,୩୬୭ ଖଣ୍ଡ ଭୋଟ ମିଳିଛି । ଅପରାଜିତା ମନ୍ମଥଙ୍କ ଠାରୁ ୩୫,୧୫୨ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି । ସେହିପରି ଅନ୍ୟତମ ପ୍ରତିଦ୍ୱନ୍ଦ୍ୱି ଭାବେ କଂଗ୍ରେସ ପ୍ରାର୍ଥୀ ସାୟେଦ ୟାସିର ନୱାଜ୍‌ଙ୍କୁ ୬୬,୩୬୨ ଖଣ୍ଡ ଭୋଟ ମିଳିଛି । ସେହିପରି ଅନ୍ୟ ପ୍ରାର୍ଥୀଙ୍କ ମଧ୍ୟରେ ସିପିଆଇ (ଏମ) ପ୍ରାର୍ଥୀ ସୁରେଶ ପାଣିଗ୍ରାହୀଙ୍କୁ ୪,୧୪୮ ଖଣ୍ଡ ଭୋଟ ମିଳିଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ହୁଲାଶ ସେନାପତିଙ୍କୁ ୨,୨୫୧, ସ୍ୱାଧୀନ ପ୍ରାର୍ଥୀ କିଶୋର କୁମାର ସୁତାରଙ୍କୁ ୨,୨୦୩, ସ୍ୱାଧୀନ ପ୍ରାର୍ଥୀ ସୁଧାଂଶୁ ଶେଖର ଦାସ ୧,୭୫୮, ସ୍ୱାଧୀନ ପ୍ରାର୍ଥୀ ସନ୍ତୋଷ କୁମାର ମିଶ୍ରଙ୍କୁ ୧,୭୪୪, ଓଡ଼ିଶା ଜନତା ପାର୍ଟି ପ୍ରାର୍ଥୀ ସଙ୍ଗୀତା ପଟ୍ଟନାୟକ ୧,୫୩୦, କଳିଙ୍ଗ ସେନା ପ୍ରାର୍ଥୀ ପ୍ରଦୀପ କୁମାର ସାହୁଙ୍କୁ ୧,୫୦୩, ସୁପ୍ରିମ୍ ଜିରୋ ପାର୍ଟି ଅଫ୍ ଭାରତ ପ୍ରାର୍ଥୀ ଶାନ୍ତିଲତା ରାଉତଙ୍କୁ ୧,୪୪୧, ଭାରତୀୟ ବିକାଶ ପରିଷଦ ପ୍ରାର୍ଥୀ ନଟବର ମହାରଣାଙ୍କୁ ୧,୦୮୭ ଓ ନୋଟାରେ ୮,୩୦୨ ଖଣ୍ଡ ଭୋଟ ପଡିଛି ।

# କେନ୍ଦ୍ରାପଡ଼ାରେ ବୈଜୟନ୍ତ ପଣ୍ଡାଙ୍କ ବାଜିମାତ୍

## ଭେଟେରାନ ଅତନୁଙ୍କ ପରାଜୟରେ ସମର୍ଥକ ବିସ୍ମିତ



ବିଜେପି ସାଂସଦ ବୈଜୟନ୍ତ ପଣ୍ଡା | ବିଜେପି ବିଧାୟକ, ମହାକାଳପଡା ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ | ବିଜେଡି ବିଧାୟକ, କେନ୍ଦ୍ରାପଡା ଗଣେଶ୍ୱର ବେହେରା | ବିଜେଡି ବିଧାୟକ, ପାଟକୁରା ଅରବିନ୍ଦ ମହାପାତ୍ର | ବିଜେଡି ବିଧାୟକ, ରାଜନଗର ଧ୍ରୁବ ସାହୁ | ବିଜେଡି ବିଧାୟକ, ଆଳି ପ୍ରତାପ କେଶରୀ ଦେବ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଚଳିତ ୨୦୨୪ ସାଧାରଣ ନିର୍ବାଚନ ଫଳାଫଳ ମଙ୍ଗଳବାର ପ୍ରକାଶ ପାଇଛି । ସମସ୍ତ ଆଶା ଆଶଙ୍କାର ଅନ୍ତ ଘଟାଇ ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡା ବିଜୟୀ ହୋଇଛନ୍ତି । ଅପରପକ୍ଷରେ ଭେଟେରାନ ରାଜନେତା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀରୁ ନବାଗତ ବିଜେପି ପ୍ରାର୍ଥୀ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକଙ୍କ ଠାରୁ ୩୩ ହଜାର ୩୪ ଭୋଟରେ ପରାଜୟ ବରଣ କରିଛନ୍ତି । ସେହିଭଳି ଅନ୍ୟ ବିଧାନସଭା କ୍ଷେତ୍ର ଯଥା ଆଳି, ରାଜନଗର, କେନ୍ଦ୍ରାପଡା ଓ ପାଟକୁରା ନିର୍ବାଚନ ମଣ୍ଡଳୀରେ ବିଜେଡି ନିଜର ସ୍ଥିତି ବଜାୟ ରଖିବା ସହ ଏହି ନିର୍ବାଚନ ମଣ୍ଡଳୀ ଗୁଡିକୁ ପୁନର୍ବାର ନିଜ ଅକ୍ତିଆରରେ ରଖିଛି । ବିଜେଡିର ଗଡ କୁହାଯାଉଥିବା କେନ୍ଦ୍ରାପଡାରେ ବିଜେପିର ବିଜୟ ଓ ପ୍ରମୁଖ ନେତା ଅତନୁଙ୍କ ପରାଜୟ ଘୋର ବିସ୍ମୟ ସୃଷ୍ଟି କରିଛି । ଜିଲ୍ଲାରେ ବିଜେଡିର ଶକ୍ତି କେନ୍ଦ୍ର କୁହାଯାଉଥିବା ଅତନୁଙ୍କ ପରାଜୟ ସମର୍ଥକ, ଶୁଭେଚ୍ଛୁଙ୍କ ମଧ୍ୟରେ ବିସ୍ମୟ ସୃଷ୍ଟି କରିଛି । ତେବେ କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ଗଣେଶ୍ୱର ବେହେରା ୩୫୧୫୦ ଭୋଟରେ ବିଜେପି ପ୍ରାର୍ଥୀ ଗୀତାଞ୍ଜଳୀ ସେଠୀଙ୍କୁ ପରାଜିତ କରିଛନ୍ତି । ସେହିଭଳି ଆଳି ନିର୍ବାଚନ ମଣ୍ଡଳୀରୁ ମନ୍ତ୍ରୀ ପ୍ରତାପ ଦେବ ନବାଗତ କଂଗ୍ରେସ ପ୍ରାର୍ଥୀ ଡାକ୍ତର ଦେବସ୍ମିତା ଶର୍ମାଙ୍କୁ ୧୯ ହଜାର ୬୨୯ ଭୋଟରେ ହରାଇ ବିଜୟୀ ହୋଇଥିବା ବେଳେ ବିଜେପିର କୃଷ୍ଣ ପଣ୍ଡା ତୃତୀୟ ସ୍ଥାନରେ ରହିଥିବା ଜଣାପଡିଛି । ରାଜନଗର ନିର୍ବାଚନ ମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ଧ୍ରୁବ ସାହୁ ବିଜେପି ପ୍ରାର୍ଥୀ ଲଳିତ ବେହେରାଙ୍କୁ ୧୮ ହଜାର ୧୩୪ ଭୋଟରେ ପରାଜିତ କରିଛନ୍ତି । ପାଟକୁରା ନିର୍ବାଚନ ମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ବିଜେପି ପ୍ରାର୍ଥୀ ତେଜେଶ୍ୱର ପରିଡାଙ୍କୁ ହରାଇ ବିଜୟୀ ହୋଇଛନ୍ତି । ତେବେ ଜିଲ୍ଲାର ୫ଟି ବିଧାନସଭା କ୍ଷେତ୍ର ମଧ୍ୟରୁ ବିଜେପି ଗୋଟିକରେ ବିଜୟ ଲାଭ କରିଥିବା ବେଳେ ଅନ୍ୟ ୩ଟିରେ ଦ୍ୱିତୀୟ ସ୍ଥାନରେ ରହି ବିଜେଡିକୁ କଡା ଟକ୍କର ଦେଇ ବିଜେଡିର ଗଡ ଭାଙ୍ଗିବାକୁ ଉଦ୍ୟମ କରିଛି । ସେହିଭଳି କଂଗ୍ରେସ କେବଳ ଆଳି ନିର୍ବାଚନ ମଣ୍ଡଳୀରେ ଦ୍ୱିତୀୟ ସ୍ଥାନରେ ରହି ନିଜର ସ୍ଥିତି ବଜାୟ ରଖିବାକୁ ଉଦ୍ୟମ କରିଥିବା ବେଳେ ଅନ୍ୟ ସମସ୍ତ ନିର୍ବାଚନ ମଣ୍ଡଳୀରେ ତୃତୀୟ ସ୍ଥାନରେ ରହିଛି । ଚଳିତ ନିର୍ବାଚନ ରାଜନୈତିକ କ୍ଷେତ୍ରରେ ବିପର୍ଯ୍ୟୟ ସୃଷ୍ଟି କରିବା ସହ ଭୋଟର ମାନଙ୍କ ମନଭାବ ଆକଳନ କରିବାରେ ରାଜନୀତି ବିଶ୍ଳେଷକ ମାନଙ୍କୁ ଦ୍ୱନ୍ଦ୍ୱରେ ପକାଇଛି ।

# କେନ୍ଦୁଝର ଲୋକସଭା ଆସନ ହାତେଇଲେ ଅନନ୍ତ ନାୟକ

## ୩ ବିଧାନସଭା ଆସନରେ ବିଜେପି ଓ ୩ଟିରେ ବିଜେଡ଼ି ବିଜୟୀ



**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ, ନ୍ୟୁଜ୍**

ସାଧାରଣ ନିର୍ବାଚନ୨୦୨୪ର ଫଳାଫଳ ଆସିଯାଇଥିବା ବେଳେ, କେନ୍ଦୁଝର ଲୋକସଭା ଆସନ ଭାରତୀୟ ଜନତା ପାର୍ଟି ପ୍ରାର୍ଥୀ ଅନନ୍ତ ନାୟକଙ୍କ ହାତକୁ ଆସିଛି । ପୂର୍ବରୁ ଦୁଇଥର ସାଂସଦ ଥିବା ଅନନ୍ତ ୫,୬୦୩୯୩ ଖଣ୍ଡ ଭୋଟ ପାଇଥିବା ବେଳେ, ସେ ବିଜେଡିର ୪,୬୮,୬୭୩ ଖଣ୍ଡ ଭୋଟ ପାଇଥିବା ଧନୁର୍ଜୟ ସିଦ୍ଧୁଙ୍କୁ ୯୧,୭୨୦ ଖଣ୍ଡ ଭୋଟ ବ୍ୟବଧାନରେ ପଛରେ ପକାଇ ଦେଇ ବିଜୟ ଲାଭ କରିଛନ୍ତି । କେନ୍ଦୁଝର ଜିଲ୍ଲାରେ ଭାରତୀୟ ଜନତା ପାର୍ଟି ପାଟଣା, କେନ୍ଦୁଝର ସଦର ଓ ତେଲକୋଇ ଆସନରେ ବିଜୟୀ ହୋଇଥିବା ବେଳେ, ଘଷିପୁରା, ଆନନ୍ଦପୁର ଓ ଚମ୍ପୁଆ ବିଧାନସଭା ଆସନ ବିଜେଡି ହାତକୁ ଆସିଛି । କେନ୍ଦୁଝର ଲୋକସଭା କ୍ଷେତ୍ରର କରଞ୍ଜିଆ ବିଧାନ ସଭା ଆସନ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ପଦ୍ମଲୋଚନ ହାଇବ୍ରୁଙ୍କ ବିଜୟ ଲାଭ ହୋଇଛି । କେନ୍ଦୁଝର ସଦର ବିଧାନସଭା ଆସନରୁ ପୂର୍ବଥରର ବିଧାୟକ ମୋହନ ଚରଣ ମାଝୀ ବିଜୟ ଲାଭ କରିଛନ୍ତି । ସେ ୮୭,୮୧୫ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱି ବିଜେଡି ପ୍ରାର୍ଥୀ ମିନା ମାଝୀଙ୍କ ଠାରୁ ୧୧୫୭୭ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟଲାଭ କରିଛନ୍ତି । ଘଷିପୁରା ଆସନରୁ ବିଜେଡିର ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ବଦ୍ରୀ ନାରାୟଣ ପାତ୍ର ୮୨,୩୦୯ ଟି ଭୋଟ ପାଇ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱି ସ୍ୱାଧୀନ ପ୍ରାର୍ଥୀ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ଠାରୁ ୧୩,୭୫୧ ଖଣ୍ଡ ଭୋଟ ବ୍ୟବଧାନରେ ପୁଣି ଥରେ ବିଜୟ ଲାଭ କରିଛନ୍ତି । ଆନନ୍ଦପୁର ବିଧାନସଭା ଆସନରୁ ନୂଆ ମୁହଁ ଭାବେ ବିଜେଡିର ଅଭିମନ୍ୟୁ ସେଠୀ ୧୦,୯୬୬ ଭୋଟ ବ୍ୟବଧାନରେ ୭୧,୬୫୧ ଖଣ୍ଡ ଭୋଟ ପାଇ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱି ପୂର୍ବତନ ପିସିସି ସଭାପତି ଜୟଦେବ ଯେନାଙ୍କୁ ହରାଇ ବିଜୟୀ ହୋଇଛନ୍ତି । ତେଲକୋଇ ବିଧାନସଭା ଆସନରେ ବିଜେପିର ଡାକ୍ତର ଫକୀର ମୋହନ ନାୟକ ୮୩,୮୧୮ ଖଣ୍ଡ ଭୋଟ ପାଇ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱି ଜିଲ୍ଲା ବିଜେଡି ସଭାପତି ମାଧବ ସର୍ଦ୍ଦାରଙ୍କୁ ୯୪୩୯ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି । ପାଟଣା ବିଧାନସଭା କ୍ଷେତ୍ରରେ ବିଜେପି ପ୍ରାର୍ଥୀ ଅଖିଳ ଚନ୍ଦ୍ର ନାଏକ ୮୧,୫୩୦ ଖଣ୍ଡ ଭୋଟ ପାଇ ୩୩,୭୦୭ ଖଣ୍ଡ ଭୋଟ ବ୍ୟବଧାନରେ ନିକଟତମ ପ୍ରତିଦ୍ୱନ୍ଦ୍ୱି ପୂର୍ବଥରର ବିଧାୟକ ଜଗନ୍ନାଥ ନାଏକଙ୍କୁ ପରାସ୍ତ କରିଛନ୍ତି । ସେହିପରି ଚମ୍ପୁଆର ହେଭିୱେଟ ନେତା ପୂର୍ବତନ ବିଧାୟକ ସନା ମହାକୁଡ଼ ବିଜେଡି ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ୧,୦୨,୩୪୬ ଖଣ୍ଡ ପାଇ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱି ମୁରଲୀ ମନୋହର ଶର୍ମାଙ୍କୁ ୪୦,୩୨୨ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି । କେନ୍ଦୁଝରରେ ଅନନ୍ତ ନାୟକଙ୍କ ବିଜୟ ପରେ ବହୁ ସଂଖ୍ୟାରେ କର୍ମୀ ଓ ନେତାଙ୍କ ନିକଟରୁ ଶୁଭେଚ୍ଛାର ଶୁଅ ଛୁଟିଛି । କେନ୍ଦୁଝର ବାସୀ ଏଥର ଅନନ୍ତଙ୍କ ଉପରେ ଭରସା କରିଥିବାରୁ ସେ ସମସ୍ତ ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେହିପରି କେନ୍ଦୁଝରରେ ବିଜେପି କାର୍ଯ୍ୟାଳୟରେ ବାଣ ଫୁଟାଇ ମିଠା ବାଣ୍ଟି ଜିତିବାର ଖୁସି ମନେଇବା ଦେଖିବାକୁ ମିଳିଛି । କେନ୍ଦୁଝର ବିକାଶରେ ଅନନ୍ତଙ୍କର ଭାରି ଯୋଗଦାନ ଆଶା କରାଯାଉଛି । ସେହିପରି ଅନନ୍ତ କେନ୍ଦ୍ରମନ୍ତ୍ରୀ ମଣ୍ଡଳ ଓ ମୋହନ ରାଜ୍ୟମନ୍ତ୍ରୀ ମଣ୍ଡଳରେ ସ୍ଥାନ ପାଇବା ନେଇ ଜିଲ୍ଲାବାସୀ ଆଶା ବାନ୍ଧି ବସିଛନ୍ତି । ଆଗାମୀ ଦିନରେ ଜିଲ୍ଲାରେ ଅନେକ ଉନ୍ନତି ମୂଳକ କାର୍ଯ୍ୟ କରାଯିବ ବୋଲି ଉଭୟ ମୋହନ ଓ ଅନନ୍ତ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି ।



# ଆଠଗଡ଼ରୁ ଅଷ୍ଟମ ଥର ପାଇଁ ବିଜୟଲାଭ କଲେ ରଣେନ୍ଦ୍ର

**ଆଠଗଡ଼, ନ୍ୟୁଜ୍ ବ୍ୟୁରୋ**

ଚଳିତ ସାଧାରଣ ନିର୍ବାଚନରେ ଆଠଗଡ଼ ନିର୍ବାଚନ ମଣ୍ଡଳୀରେ ପୁଣି ବିଜୁ ଜନତା ଦଳ ବାଜି ମାରିଛି ସମସ୍ତ କଳ୍ପନାର ଅନ୍ତ ଘଟାଇ ବିଜେପି ପ୍ରାର୍ଥୀଙ୍କୁ ପରାସ୍ତ କରି ଅଷ୍ଟମ ଥର ପାଇଁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଜୟ ହାସଲ କରିଛନ୍ତି । ଏଥିସହ ଏକ ପ୍ରମାଣପତ୍ର ନିର୍ବାଚନ ଅଧିକାରୀ ପ୍ରଦୀପ୍ତ କୁମାର ତରାଇଙ୍କ ଠାରୁ ଗ୍ରହଣ କରିଛନ୍ତି । ଏହି ଅବସରରେ ଶ୍ରୀ ସ୍ୱାଇଁ ଆଠଗଡ଼ର ବିକାଶର ଧାରା ବଜାୟ ରଖିବା ସହିତ ମିଳିମିଶି କାମ କରିବାକୁ ସମସ୍ତ ପ୍ରତିଦ୍ୱନ୍ଦ୍ୱି ପ୍ରାର୍ଥୀ ଓ କର୍ମୀ ମାନଙ୍କୁ ଆହ୍ୱାନ ଦେଇଛନ୍ତି । ଜିତିବାକୁ ନେଇ ସମସ୍ତ ଆଠଗଡ଼-ତିଗିରିଆ ଜନସାଧାରଣଙ୍କୁ ଧନ୍ୟବାଦ ଦେଇଛନ୍ତି । ରଣେନ୍ଦ୍ରଙ୍କ ଜିତିବା ଖବର ପ୍ରସାରିତ ହେବା ପରେ ବିଭିନ୍ନ ସଂଗଠନ ତଥା ପ୍ରାଥମିକ ଶିକ୍ଷକ ସମାଜ, ସମସ୍ତ ସ୍ୱୟଂ ସହାୟକା ଗୋଷ୍ଠୀ, ମହିଳା ବିଜେଡି, ଯୁବ ବିଜେଡ଼ି ପ୍ରମୁଖଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି । ଆଠଗଡ଼ ନିର୍ବାଚନ ମଣ୍ଡଳୀରେ ମୋଟ ୧ ଲକ୍ଷ ୭୩ ହଜାର ୯୮୧ ଜଣ ମତଦାନ କରିଥିଲେ । ମୋଟ ୧୨ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ବିଜେଡ଼ି ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ୮୬୦୦୬, ବିଜେପି ପ୍ରାର୍ଥୀ ଅଭୟ କୁମାର ବାରିକ ୮୨୪୨୨, କଂଗ୍ରେସ ପ୍ରାର୍ଥୀ ସୁଦର୍ଶନ ସାହୁ ୨୪୦୫ ଖଣ୍ଡ ଭୋଟ ପାଇଥିବା ଜଣାପଡିଛି । ବିଜେଡ଼ି ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିକଟତମ ପ୍ରତିଦ୍ୱନ୍ଦ୍ୱି ବିଜେପିର ଅଭୟ କୁମାର ବାରିକଙ୍କୁ କଡ଼ା ମୁକାବିଲାରେ ୩୫୮୪ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଥିଲେ ।



# ଚମ୍ପୁଆରୁ ବିଜେଡ଼ି ପ୍ରାର୍ଥୀ ସନାତନ ମହାକୁଡ଼ ବିଜୟୀ

**ଯୋଡ଼ା, ନ୍ୟୁଜ୍ ବ୍ୟୁରୋ**

ଚମ୍ପୁଆ ନିର୍ବାଚନ ମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ସନାତନ ମହାକୁଡ଼ ୩୯୯୯୪ ଭୋଟରେ ବିଜୟୀ ହୋଇଛନ୍ତି । ମଙ୍ଗଳବାର ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ଭୋଟ ଗଣତି ହୋଇଥିଲା ଏହି ନିର୍ବାଚନ ମଣ୍ଡଳୀରେ ୨୫୪ଟି ବୁଥ ରହିଥିବା ବେଳେ ୧୯ଟି ରାଉଣ୍ଡରେ ଭୋଟ ଗଣତି ହୋଇଥିଲା । ୧୯ଟି ରାଉଣ୍ଡରୁ ମାତ୍ର ୮ମ ରାଉଣ୍ଡରେ ଭାଜପା ଅଧିକ ଭୋଟ ପାଇଥିବା ବେଳେ ଅନ୍ୟ ୧୮ଟି ରାଉଣ୍ଡରେ ବିଜେଡି ପ୍ରାର୍ଥୀର ଭୋଟ ଅଧିକ ରହିଥିଲା । ରାଜ୍ୟରେ ମୋଦି ଲହର ପ୍ରଭାବ ଦେଖିବାକୁ ମିଳିଥିବା ବେଳେ ଚମ୍ପୁଆରେ ୨୦୧୯ ପରି ବିଜେଡିକୁ ପୁଣି ଥରେ ଏହି ଆସନ ନିଜ ଅକ୍ତିଆରକୁ ନେଇଛି । ଚଳିତ ବିଧାନସଭା ନିର୍ବାଚନରେ ଚମ୍ପୁଆ ନିର୍ବାଚନ ମଣ୍ଡଳୀରୁ ୧୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । କଂଗ୍ରେସ ପ୍ରାର୍ଥୀ ଭୋଟ ବ୍ୟବଧାନରେ ତୃତୀୟ ସ୍ଥାନରେ ରହିଥିଲେ । ଶେଷ ପର୍ଯ୍ୟାୟ ତଥା ୧୯ ତମ ରାଉଣ୍ଡରେ ବିଜେଡି ପ୍ରାର୍ଥୀ ସନାତନ ମହାକୁଡ଼ ସର୍ବମୋଟ ୧୦୩୧୨୦ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱି ଭାଜପା ପ୍ରାର୍ଥୀ ମୁରଲୀ ମନୋହର ଶର୍ମା ସର୍ବମୋଟ ୬୩୧୨୬ଟି ଭୋଟ ଓ ତୃତୀୟ ସ୍ଥାନରେ ରହିଥିବା କଂଗ୍ରେସ ପ୍ରାର୍ଥୀ ଯଶୋବନ୍ତ ନାରାୟଣ ସିଂ ଲାଗୁରୀ ସର୍ବମୋଟ ୮୬୪୯ ଭୋଟ ପାଇଥିଲେ । ସେହିପରି ନୋଟାରେ ୧୩୪୩ ଭୋଟ ପଡ଼ିଥିବା ସୂଚନା ରହିଛି । ତେବେ ବିଜେଡି ପ୍ରାର୍ଥୀ ସନାତନ ମହାକୁଡ଼ ୩୯୯୯୪ ଭୋଟରେ ଚମ୍ପୁଆ ଆସନରୁ ବିଜୟୀ ହୋଇଛନ୍ତି ।



# ବାପା ହାରିଲେ ପୁଅ ଜିତିଲେ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କଂଗ୍ରେସ ରାଜନୀତିରେ ତୁଙ୍ଗନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଦାସ ନିର୍ବାଚନ ହାରି ଯାଇଛନ୍ତି । ତେବେ ତାଙ୍କ ପୁଅ ସାଗର ଦାସ ନିର୍ବାଚନ ଜିତିଛନ୍ତି । କଳାହାଣ୍ଡିର ନର୍ଲା ବିଧାନସଭା ଆସନରେ ଭକ୍ତ ଲଢୁଥିବା ବେଳେ ବିଜେଡି ପ୍ରାର୍ଥୀ ତାଙ୍କୁ ପରାସ୍ତ କରିଛନ୍ତି । ଅପରପକ୍ଷରେ ଭବାନୀ ପାଟଣା ଆସନରେ ତାଙ୍କ ପୁଅ ସାଗର ଦାସ ବିଜେପି ପ୍ରାର୍ଥୀଙ୍କୁ ହରାଇ ନିର୍ବାଚିତ ହୋଇଛନ୍ତି । ଭବାନୀପାଟଣା ଆସନରେ ଭକ୍ତଙ୍କ ପୁଅ ସାଗର ଦାସ ୬୭ ହଜାର ୮୫ ଖଣ୍ଡ ଭୋଟ ପାଇଥିବାବେଳେ ସେ ବିଜେପିର ବିଧାୟକ ତଥା ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକଙ୍କୁ ୧୩ ହଜାର ୭୪୧ ଭୋଟରେ ହରାଇଛନ୍ତି । ପ୍ରଦୀପ୍ତଙ୍କୁ ୫୩ ହଜାର ୩୪୪ ଖଣ୍ଡ ଭୋଟ ମିଳିଛି । ଅପରପକ୍ଷରେ ବିଜେଡି ପ୍ରାର୍ଥୀ ଲଳିତା ନାୟକ ୫୦ ହଜାର ୮୯୭ ଖଣ୍ଡ ଭୋଟ ପାଇ ତୃତୀୟରେ ଅଛନ୍ତି । ନର୍ଲା ଆସନରେ ସାଗରଙ୍କ ବାପା ଭକ୍ତ ଦାସ ପରାସ୍ତ ହୋଇଛନ୍ତି । ଭକ୍ତଙ୍କୁ ବିଜେଡି ପ୍ରାର୍ଥୀ ମନୋରମା ମହାନ୍ତି ୫ ହଜାର ୨୦୫ ଖଣ୍ଡ ଭୋଟରେ ହରାଇଛନ୍ତି । ଏହି ଆସନରେ ଭକ୍ତଙ୍କୁ ୬୨ ହଜାର ୩୨୭ ଖଣ୍ଡ ଭୋଟ ମିଳିଥିବାବେଳେ ମନୋରମାଙ୍କୁ ୬୭ ହଜାର ୫୩୨ ଖଣ୍ଡ ଭୋଟ ମିଳିଛି । ବିଜେପି ପ୍ରାର୍ଥୀ ଅନିରୁଦ୍ଧ ପ୍ରଧାନ ୪୭ ହଜାର ୪୧୭ ଖଣ୍ଡ ଭୋଟ ପାଇଛନ୍ତି ।

# ବାରବାଟୀ-କଟକ ଗଡ଼କୁ ଦ୍ୱିତୀୟ ଥର ବଜାୟ ରଖିଲା କଂଗ୍ରେସ



**କଟକ, ନ୍ୟୁଜ୍ ବ୍ୟୁରୋ**

ବାରବାଟୀ କଟକ ନିର୍ବାଚନ ମଣ୍ଡଳୀରେ ପୁଣିଥରେ କଂଗ୍ରେସ ବାଜିମାତ କରିଛି । ୨୦୦୯ ନିର୍ବାଚନରୁ ବାରବାଟୀ କଟକରେ ବିଜେଡି ଓ କଂଗ୍ରେସ ମଧ୍ୟରେ କଡା ମୁକାବିଲା ହୋଇଆସୁଛି । ୨୦୦୯ରେ ବିଜେଡିରୁ ଦେବାଶିଷ ସାମନ୍ତରାୟ ୫୨ ହଜାର ୯୭ ଭୋଟ ପାଇଥିଲା ବେଳେ ପ୍ରତିଦ୍ୱନ୍ଦ୍ୱି କଂଗ୍ରେସର ସୁରେଶ ମହାପାତ୍ରଙ୍କୁ ୨୭ ହଜାର ୬୧୨ ଭୋଟ ମିଳିଥିଲା । ତୃତୀୟରେ ବିଜେପିରୁ ସମୀର ଦେ ୧୫ ହଜାର ୧୩୧ ଭୋଟ ପାଇଥିଲେ । ୨୦୧୪ ଭଳି ୨୦୧୯ରେ ମଧ୍ୟ ମୋକିମ ଓ ଦେବାଶିଷଙ୍କ ମଧ୍ୟରେ ଦ୍ୱିତୀୟ ବାର ଲଢେଇ ହୋଇଥିଲା । ତେବେ ପ୍ରଥମ ଥର ଫେଲ ମାରିଥିବା ମୋକିମ ଦ୍ୱିତୀୟ ଥରେ ୨୧୪୩ ଖଣ୍ଡ ଭୋଟରେ ବାଜିମାତ କରିଥିଲେ । ମୋକିମଙ୍କୁ ମୋଟ ୫୦ ହଜାର ୨୪୪ ଖଣ୍ଡ ଏବଂ ଦେବାଶିଷଙ୍କୁ ୪୮ ହଜାର ୧୦୧ ଖଣ୍ଡ ଭୋଟ ମିଳିଥିଲା । ଚଳିତ ନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅମିତ ଶାହାଙ୍କ କଟକ ଗସ୍ତ ହୋଇଥିଲା । ସେପଟେ ବିଜେଡି ଲାଗି ମଙ୍ଗ ଧରିଥିଲେ ନବୀନ ପଟ୍ଟନାୟକ ଓ ଭିକେ ପାଣ୍ଡିଆନ । ଏଭଳି ପ୍ରତିକୂଳ ପରିସ୍ଥିତିରେ ଝିଅ ସୋଫିଆ ପାଇଁ ଅଣ୍ଟା ଭିଡିଥିଲେ ମୋକିମ । ଯଦିଓ ପ୍ରଚାର ଶେଷ ଦିନରେ କଂଗ୍ରେସର ଜଣେ ରାଷ୍ଟ୍ରୀୟ ପ୍ରବକ୍ତା କଟକ ଆସିଥିଲେ । ମାତ୍ର ତାଙ୍କର ଗସ୍ତ ସେତେଟା ପ୍ରଭାବ ପଡିବନି ବୋଲି ସ୍ପଷ୍ଟ ହୋଇଥିଲା । ତେବେ ମୋକିମଙ୍କ ସଂଗଠନକୁ ଆହୁରି ବଳ ଯୋଗାଇଥିଲା ବିଜେଡିର ପ୍ରାର୍ଥୀ ତଥା ଦଳବଦଳ ନେତା ପ୍ରକାଶ ବେହେରାଙ୍କ ପ୍ରତି ତାଙ୍କରି ଦଳୀୟ କର୍ମୀଙ୍କ ଅସନ୍ତୋଷ । ଏହା ହିଁ କଂଗ୍ରେସ ବିଜୟର ମୁଖ୍ୟ ସୂତ୍ର ହୋଇଥିଲା । ବିଜେଡିର ଭୋଟ ଦୁଇ ଭାଗରେ ବାଣ୍ଟି ହୋଇ କଂଗ୍ରେସ ଓ ବିଜେପି ଖାତାକୁ ଗଲା । ଫଳସ୍ୱରୂପ କଂଗ୍ରେସ ବିଜୟ ଲାଭ କରିଥିଲା ବେଳେ ବିଜେପି ଦ୍ୱିତୀୟ ସ୍ଥାନକୁ ଆସିଛି । ପ୍ରଥମ ଥର ବିଜେଡି ତୃତୀୟ ସ୍ଥାନକୁ ଖସିଛି । ବାରବାଟୀ କଟକ ୨୦୧୪ରେ କଂଗ୍ରେସରୁ ନୂଆ ମୁହଁ ଭାବେ ମହମ୍ମଦ ମୋକିମ ମଇଦାନକୁ ଓହ୍ଲାଇଥିଲେ । ସେ ୧୪ ହଜାର ୩୨୮ ଖଣ୍ଡ ଭୋଟ ବ୍ୟବଧାନରେ ପରାଜୟ ବରଣ କରିଥିଲେ । ବିଜେଡିରୁ ଦେବାଶିଷ ସାମନ୍ତରାୟଙ୍କୁ ୫୭ ହଜାର ୬୬୩ ଖଣ୍ଡ ଭୋଟ ଏବଂ କଂଗ୍ରେସର ମୋକିମଙ୍କୁ ୪୩ ହଜାର ୩୩୫ ଭୋଟ ମିଳିଥିଲା । ତୃତୀୟରେ ବିଜେପିର ପ୍ରଦୀପ ସ୍ୱାଇଁ ୨୦ ହଜାର ୫୫୨ ଭୋଟ ପାଇଥିଲେ ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୬।୬।୨୦୨୪, ଜ୍ୟେଷ୍ଠ ଦି୨୪ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୦୫।୦୭।୧୯** **ଚନ୍ଦ୍ରୋଦୟ- ନାସ୍ତି**

ଅମାବାସ୍ୟା- ସଂଘ ୬।୦୮ ପର୍ଯ୍ୟନ୍ତ । ରୋହିଣୀ ନକ୍ଷତ୍ର- ରାଘ ୮।୧୯ ପର୍ଯ୍ୟନ୍ତ । ବୃଷ ଚନ୍ଦ୍ର- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି -** ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ବିଛା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ସଂଘ ୬।୦୮ ପରେ ପାଣି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୧ ଗତେ ଘ୬।୦୩ ମଧ୍ୟେ । ଦିଘ ୯।୩୩ ଗତେ ଘ ୧୧।୧୯ ମଧ୍ୟେ । **ପର୍ବୋତ୍ସବ -** ଜ୍ୟେଷ୍ଠ ଅମାବାସ୍ୟା, ସାବିତ୍ରୀ ବ୍ରତ ।


**ମେଷ:** କୌଣସି କାର୍ଯ୍ୟରେ ମନ ଲାଗିବ ନାହିଁ । ପରିବାରରେ ଅଯଥା ଅଶାନ୍ତି ମନକୁ ଭାରାକ୍ରାନ୍ତ କରିବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । କର୍ମକ୍ଷେତ୍ରରେ ଅସଫଳତା ଦେଖାଦେବ ।


**ବୃଷ:** ଶାରୀରିକ ସୁସ୍ଥତା ଅନୁଭବ କରିବେ । ଅଯଥା ଯୁକ୍ତିତର୍କରୁ ଦୂରେଇ ରହିବା ଭଲ । ମନ ଅସ୍ଥିର ରହିବ । ପୁରାତନ ବନ୍ଧୁଙ୍କ ସହ ଭେଟ ହୋଇପାରେ । ପାରିବାରିକ ଅଶାନ୍ତି ଓ କଳହ ଦେଖାଦେବାର ସୂଚନା ।


**ମିଥୁନ:** ମନରେ ସରସତା ଆସିବ । କିନ୍ତୁ ଅପରାହ୍ନେ ଦୁଶ୍ଚିନ୍ତାର ପରିମାଣ ବଢ଼ିବ । ଆୟ ଠାରୁ ବ୍ୟୟର ପରିମାଣ ସମାନ ରହିବ । ଦେହ ଭଲ ରହିବ । ପରିବାରରେ ସୁଖ ଶାନ୍ତି ମିଳିବ । ଦେହ ଭଲ ରହିବ ।


**କର୍କଟ:** ଅପେକ୍ଷା କରିଥିବା ଖବରଟି ଅପରାହ୍ନେ ପାଇପାରନ୍ତି । ଧର୍ମ କାର୍ଯ୍ୟ କରିବାର ସୁଯୋଗ । ଆର୍ଥିକ ସ୍ଥିତି ଭଲ ରହିବ । ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି । ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।


**ସିଂହ:** ଯଶସ୍ୱୀ ହେବେ । ବ୍ୟବସାୟରେ ଲାଭବାନ୍ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ଉତ୍ତମ ଭୋଜନ କରିପାରନ୍ତି । ଦେହ ସୁସ୍ଥ ରହିବାର ସୂଚନା ।


**କନ୍ୟା:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ । ଶରୀର ଅସୁସ୍ଥ ରହିବ । ମାନସିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ । ରୋଜଗାର ସ୍ଥିର ରହିବ । ଘରେ କଳହ ଦେଖାଦେବ ।


**ତୁଳା:** ଶାରୀରିକ ଅସୁସ୍ଥତା ଦେଖାଦେବ । ଶତ୍ରୁମାନେ ପରାଜିତ ହେବେ । ବ୍ୟବସାୟରେ ସଙ୍କୁଚିତ ହେବେ । ପାରିବାରିକ ଅଶାନ୍ତି ବଢ଼ିବାର ସୂଚନା । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ମନ ଅସ୍ଥିର ରହିବ ।


**ବିଛା:** ଅସାବଧାନତା ବଶତଃ ଦ୍ରବ୍ୟହାନୀ । ଭଲ କରିବାକୁ ଯାଇ ଅପଦସ୍ଥ ହେବେ । ବାଣିଜ୍ୟ କ୍ଷେତ୍ରରେ ସଫଳତା ମିଳିବ । ଖର୍ଚ୍ଚର ପରିମାଣ ଅଧିକ ହେବ । ଗୃହେ କଳହ ଓ ଅଶାନ୍ତି ଦେଖାଦେଇପାରେ ।


**ଧନୁ:** ସାଧନାରେ ସିଦ୍ଧି ଲାଭ କରିବେ । ସମ୍ମାନିତ ହେବେ । ଯୋଜନାବଦ୍ଧ ଭାବରେ କାର୍ଯ୍ୟ କରି ଉପକୃତ ହେବେ । ରୋଜଗାର ଭଲ ହେବ । ଘରେ ସୁଖ ଲାଭ ହେବ । ବିପଦସ୍ଥ ହେବାର ସୂଚନା ।


**ମକର:** ଶତ୍ରୁ ନାଶ ହେବେ । କାର୍ଯ୍ୟ ସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲ ରହିବ । ଉପର କର୍ମକର୍ତ୍ତା ଆପଣଙ୍କର ସାହାଯ୍ୟ ଲୋଡ଼ିବେ । ଆୟ ଓ ବ୍ୟୟ ସମାନ ରହିବ । ପ୍ରତ୍ୟୁଷର ଯାତ୍ରା ସଫଳ ହେବ । ଘରେ ଆନନ୍ଦ ।


**କୁମ୍ଭ:** ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ପ୍ରସ୍ତୁତ ହେବେ । ଅପ୍ରିୟ ସତ୍ୟ କହି ବିରୋଧୀ ହେବେ । ମାଲିମୋକଦ୍ଦମାରେ ବିଜୟ ହାସଲ ହେବ । ପରିବାରରେ ସୁଖ ଶାନ୍ତି ବଜାୟ ରହିବାର ସୂଚନା । ଆୟ ପୂର୍ବ ପରି ସ୍ଥିର ରହିବ ।


**ମୀନ:** କର୍ମକ୍ଷେତ୍ରରେ ସମ୍ମାନ ଓ ପଦମର୍ଯ୍ୟାଦା ବଢ଼ିବ । ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ । ଖର୍ଚ୍ଚ ଅଧିକ ହେତୁ ମନରେ ସରସତା ରହିବ ନାହିଁ । ସମ୍ମାନିତ ହେବେ । ଲୋକ ସମ୍ପର୍କ ବୃଦ୍ଧି ପାଇବ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୭।୬।୨୦୨୪, ଜ୍ୟେଷ୍ଠ ଦି୨୫ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୦୫।୦୭।୨୦** **ଚନ୍ଦ୍ରୋଦୟ- ପ୍ରାଘ୫।୨୭।୧୩**

ପ୍ରତିପଦ- ଦିଘ ୪।୪୫ ପର୍ଯ୍ୟନ୍ତ । ମୃଗଶିରା ନକ୍ଷତ୍ର- ରାଘ ୭।୪୩ ପର୍ଯ୍ୟନ୍ତ । ବୃଷ ଚନ୍ଦ୍ର- ପ୍ରାଘ ୭।୫୬ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି -** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ମକର ଓ ମୀନ ରାଶିର । ପ୍ରାଘ ୭।୫୬ ଗତେ ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** ବିଛା ରାଶିର । ପ୍ରାଘ ୭।୫୬ ଗତେ କନ୍ୟା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣି କଖାରୁ ଦିଘ ୪।୪୫ ଗତେ ବୋଇତି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୪ ଗତେ ଘ୬।୫୬ ମଧ୍ୟେ । ଦିଘ ୧୨।୧୨ ଗତେ ଘ ୨।୪୯ ମଧ୍ୟେ । **ପର୍ବୋତ୍ସବ -** ଦ୍ୱିତୀୟା ଚନ୍ଦ୍ର ଦର୍ଶନ ଓ ପୂଜା ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଏବେବି ଭରସା ଋଷ୍ ତେଲ

ଋଷ୍‌ରୁ ଭାରତ ଅଧିକ ପରିମାଣର ଅଶୋଧିତ ତେଲ ଆମଦାନି କରୁଛି। ତେଲ ଉପରେ ପୂର୍ବରୁ ଋଷ୍ ପ୍ରଦାନ କରୁଥିବା ରିହାତି ହ୍ରାସ ଏବଂ ପାଶ୍ଚାତ୍ୟ ଦେଶଗୁଡ଼ିକର କଟକଣା ସତ୍ତ୍ୱେ ଭାରତ ଏହି ଦେଶରୁ ଅଧିକ ତେଲ ଆମଦାନି ଜାରି ରଖିଛି। ଭାରତର ମୋଟ ତେଲ ଆମଦାନିରେ ଋଷର ଯୋଗଦାନ ୨୦୨୩-୨୪ ଆର୍ଥିକ ବର୍ଷରେ ୩୫ ପ୍ରତିଶତ ରହିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଭାରତ ଏହାର ମୋଟ ତେଲର ୨୩ ପ୍ରତିଶତ ଋଷରୁ ଆମଦାନି କରିଥିଲା ବୋଲି ଶକ୍ତି କର୍ଗୋ ଟ୍ରାକର ଭର୍ଟେକ୍ସାର ରିପୋର୍ଟରୁ ଜଣାଯାଇଛି। ଅନ୍ୟପକ୍ଷରେ ବିଶ୍ୱର ଅନ୍ୟ ପ୍ରମୁଖ ତୈଳ ଯୋଗାଣକାରୀ ରାଷ୍ଟ୍ର ଇରାକ, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ ଏବଂ ଯୁକ୍ତରାଷ୍ଟ୍ର ଆମେରିକାରୁ ଭାରତର ତେଲ ଆମଦାନି ଅଂଶ ହ୍ରାସ ପାଇଛି। ଭାରତର ମୋଟ ତେଲ ଆମଦାନିରେ ଇରାକର ଅଂଶ ୨୦ ପ୍ରତିଶତକୁ, ସାଉଦି ଆରବର ୧୫ ପ୍ରତିଶତକୁ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ୬ ପ୍ରତିଶତକୁ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ବଜାର ଅଂଶ ୩.୫ ପ୍ରତିଶତକୁ କମିଛି। ୨୦୨୩-୨୪ରେ ଋଷ୍ ଭାରତକୁ ଦୈନିକ ୧.୫୭ ନିୟୁତ ବ୍ୟାରେଲ ଅଶୋଧିତ ତେଲ ଯୋଗାଇ ଦେଇଛି, ଯାହାକି ୨୦୨୨-୨୩ରେ ଦୈନିକ ୧ ନିୟୁତ ବ୍ୟାରେଲରେ ରହିଥିଲା। ଅନ୍ୟପକ୍ଷରେ ଭାରତକୁ ଇରାକ ୨୦୨୨-୨୩ରେ ଦୈନିକ ୦.୯୫ ନିୟୁତ ବ୍ୟାରେଲ୍ ଅଶୋଧିତ ତେଲ ପ୍ରଦାନ କରିଥିବାବେଳେ ୨୦୨୩-୨୪ରେ ଏହା ୦.୮୯ ନିୟୁତ ବ୍ୟାରେଲକୁ ହ୍ରାସ ପାଇଛି। ସେହିଭଳି ଉପରୋକ୍ତ ସମୟ ମଧ୍ୟରେ ସାଉଦି ଆରବରୁ ଭାରତର ତେଲ ଆମଦାନି ଦୈନିକ ୦.୭୮ ନିୟୁତ ବ୍ୟାରେଲରୁ ୦.୬୯ ନିୟୁତ ବ୍ୟାରେଲକୁ କମିଛି। ପରିବହନଜନିତ ଅସୁବିଧା ସତ୍ତ୍ୱେ ଭାରତୀୟ ତୈଳ ବିଶୋଧନକାରୀମାନେ ଋଷ୍‌ରୁ ଅଶୋଧିତ ତେଲ ଆମଦାନି କରିବାକୁ ପସନ୍ଦ କରୁଛନ୍ତି। ଏହାର କାରଣ ହେଲା ଋଷ୍ ପ୍ରଦାନ କରୁଥିବା ରିହାତି। ୟୁକ୍ରେନ ସହିତ ଯୁଦ୍ଧ ପରଠାରୁ ଋଷ ତେଲ ଉପରେ ପ୍ରଦାନ କରୁଥିବା ରିହାତି କମାଇ ଚାଲିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଋଷ୍ ଏହାର ଅଶୋଧିତ ତେଲ ଉପରେ ବ୍ୟାରେଲ ପିଛା ୩୦ ଡଲାର ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଥିଲା। କିନ୍ତୁ ଏବେ ଏହା ବ୍ୟାରେଲ ପିଛା ୨ରୁ ୩ ଡଲାରକୁ ହ୍ରାସ ପାଇଛି। ଏହା ସତ୍ତ୍ୱେ ଉକ୍ତ ଦେଶରୁ ଭାରତର ତେଲ ଆମଦାନି ବଢ଼ିଛି।



ଇଂ ଗୁରୁପ୍ରସାଦ ସରକାର
ମୋ : ୯୪୩୭୦୩୦୪୫୩

ଶ୍ରୀ ସତ୍ୟସାଇ ମହିମା-୨୬୨

# ବାବା ମରଫେଟ୍ ଦମ୍ପତିଙ୍କୁ ସୁନାମୁଦି, ନିସହାୟଙ୍କୁ ଧୋତି, ଶାଢ଼ି, ଯୁବକ ଭକ୍ତଙ୍କୁ ତ୍ରିମୂର୍ତ୍ତି ପଦକ ଦେଲେ



ଭଗବାନ ଶ୍ରୀ ସତ୍ୟସାଇ ବାବା ହର୍ସଲେ ପର୍ବତର ଅତ୍ୟୁଚ୍ଚ ଭୂମିରେ ପ୍ରାୟ ୧୨ଦିନ ଅତିବାହିତ କଲାପରେ ତାଙ୍କ ଭକ୍ତମାନଙ୍କ ଗହଣରେ ହ୍ୱାଇଟ୍ ଫିଲ୍ଡ୍‌କୁ ଫେରିଲେ। ଫେରିଲା ବେଳେ ମରଫେଟ୍ ଓ ତାଙ୍କ ପତ୍ନୀ ଆଇରିସ୍ ବାବାଙ୍କ ସହିତ କାର୍ ଆଗସିଟ୍‌ରେ ବସିଥିବା ସୌଭାଗ୍ୟ ଲାଭ କରିଥିଲେ। ହ୍ୱାଇଟ୍ ଫିଲ୍ଡରେ ବାବା ନିଜ ବଡ କାରରୁ ଗୋଟିଏ କୋଠରୀ ଓ ସ୍ନାନାଗାର ମରଫେଟ୍ ଦମ୍ପତିଙ୍କ ରହିବା ପାଇଁ ଛାଡି ଦେଲେ। ବାବା ହ୍ୱାଇଟ୍ ଫିଲ୍ଡରେ ହିନ୍ଦୁ ପ୍ରଥା ଅନୁସାରେ ମରଫେଟ୍‌ଙ୍କ ଷାଠିଏ ତମ ଜନ୍ମ ଦିବସରେ ମରଫେଟ୍ ଦମ୍ପତିଙ୍କ ପୁନର୍ବିବାହ କରିବା ସ୍ଥିର କରିଥିଲେ। ଏଥି ପାଇଁ ବାବା ମରଫେଟ୍‌ଙ୍କୁ ଏକ ଧଳା ରେଶମ ଧୋତି ଓ ଅଙ୍ଗବସ୍ତ୍ର ଏବଂ ଆଇରିସ୍‌ଙ୍କୁ ଏକ ଧଳା ରେଶମ ଶାଢ଼ି ଉପହାର ଦେଇ ସେଦିନ ଏହା ପରିଧାନ କରିବାକୁ କହିଥିଲେ। ଏହି ଅନୁଷ୍ଠାନ ପାଇଁ କେନ୍ଦ୍ର ହଲରେ ବନ୍ଦୋବସ୍ତ କରାହୋଇଥିଲା। ମରଫେଟ୍ ଦମ୍ପତିଙ୍କ ସହ ଆଉ କେତେ ଦମ୍ପତିଙ୍କ ପାଇଁ ମଧ୍ୟ ବ୍ୟବସ୍ଥା ହୋଇଥିଲା। କେତେଜଣ ଦମ୍ପତି ପୁନର୍ବିବାହ ପରେ ମରଫେଟ୍ ଦମ୍ପତିଙ୍କ ପାଳି ପଡିଲା। ସେମାନେ ଯାଇ ଏକ ସୁସଜ୍ଜିତ ବେଦି ଉପରେ ବସିଲେ। ବାବା ଶୂନ୍ୟରେ ହାତ ବୁଲେଇ ଦୁଇଟା ମୂଲ୍ୟବାନ୍ ପଥର ଖଣ୍ଡିଏ ସୁନାମୁଦି ସୃଷ୍ଟି କରି ପରସ୍ପରଙ୍କୁ ପିନ୍ଧେଇ ଦେବା ପାଇଁ ଗୋଟିଏ ମରଫେଟ୍‌ଙ୍କୁ ଓ ଅନ୍ୟଟି ଆଇରିସ୍‌ଙ୍କୁ ବଢେଇ ଦେଲେ। ପରସ୍ପରଙ୍କୁ ଫୁଲମାଳ ଟିଏ ପିନ୍ଧେଇ ଦେବା ପାଇଁ ଗୋଟିଏ ଲେଖାଁଏ ଫୁଲମାଳ ଉଭୟଙ୍କୁ ଦିଆଗଲା। ବାବାଙ୍କ ଗଳାରେ ଏକ ଫୁଲମାଳ ପିନ୍ଧେଇ ଦେବା ପାଇଁ ଉଭୟଙ୍କୁ ଆଉ ଏକ ଫୁଲମାଳ ଦିଆଗଲା। ପଣ୍ଡିତ ମାନଙ୍କ ଶ୍ଳୋକ ଆବୃତ୍ତି ମଧ୍ୟରେ ଉତ୍ସବଟି ବାବାଙ୍କ ନିର୍ଦ୍ଦେଶରେ ଅନୁଷ୍ଠିତ ହେଲା। ପରଦିନ ଆଉଏକ ଉତ୍ସବ ଅନୁଷ୍ଠିତ ହେଲା। ପ୍ରାୟ ୧୨୦ଜଣ ନିହୋୟ ନରନାରୀଙ୍କୁ ଧୋତି ଓ ଶାଢ଼ି ବଣ୍ଟାଗଲା। ବାବାଙ୍କ ପକ୍ଷରୁ ମରଫେଟ୍ ଧୋତି ଓ ଆଇରିସ୍ ଶାଢ଼ି ପିନ୍ଧିବା ଦାୟିତ୍ୱ ନେଲେ। ଏହା ପରେ ଅଗଣିତ ଦରିଦ୍ର ଲୋକଙ୍କୁ ଭୂରି ଭୋଜନରେ ଆପ୍ୟାୟିତ କରାଗଲା।

ଥରେ ସନ୍ଧ୍ୟାରେ ବାବା ବାଙ୍ଗାଲୋରରେ ଜଣେ ଭକ୍ତଙ୍କ ଘରେ ବସିଥିବା ବେଳେ ପ୍ରଚାର ହୋଇଗଲା ଯେ, ବାବା ତା ପରଦିନ ପୁଟ୍ଟାପାର୍ତ୍ତି ଚାଲିଯିବେ। ତା ପରଦିନ ଜଳଖିଆ ଖାଇବା ପୂର୍ବରୁ ବାବା ମରଫେଟ୍ ଦମ୍ପତିଙ୍କ କୋଠରୀରେ ପ୍ରବେଶ କରି ସେମାନଙ୍କ ସୁଟ୍‌କେଶ୍ ଆଡକୁ ଅନେଇ କହିଲେ,'' କଣ, ତୁମେ ମାନେ ଚାଲି ଯାଉଛ' ମରଫେଟ୍ କହିଲେ, ''ଆମେ ଶୁଣିଲୁ ଆଜି ଆପଣ ପୁଟ୍ଟାପାର୍ତ୍ତି ଚାଲିଯିବେ। ତେଣୁ ଆପଣଙ୍କ ସହ ଯିବା ପାଇଁ ଜିନିଷ ସଜାଡିଛୁ। ବାବା କହିଲେ ନାନା ମୁ ପୁଟ୍ଟାପାର୍ତ୍ତି ଯାଉନି। ଗୋଟିଏ ଦିନ ପାଇଁ ମାଦ୍ରାଜ ଯାଉଛି। ମୋ ସହିତ ଆସିପାର।'' ଜଳଖିଆ ଖାଇ ସାରିବା ପରେ ମରଫେଟ୍ ବାବାଙ୍କ ସହ ଗାଡିରେ ବସିଲେ। ରାଜା ରେଡି ଗାଡି ଚଳାଉଥିଲେ। ପଛସିଟ୍‌ରେ ବାବାଙ୍କ ଦୁଇପଟେ ମରଫେଟ୍ ଓ ଜଣେ ଷୋହଳ ବର୍ଷର ଯୁବକ ଭକ୍ତ ବସିଥିଲେ। ବାବା ବାଟରେ ଗୋଟିଏ ପାନପତ୍ର ଧରି ବୁଢା ଆଙ୍ଗୁଠି ନଖରେ ଗୋଟିଏ ଗୋଲାକାର ଚିତ୍ର ଆଙ୍କିଲେ। ତା ଭିତରେ ଗୋଟିଏ ପ୍ରତୀକ ଅଙ୍କନ କଲେ। ତା'ପରେ ଏହି ପ୍ରତୀକଟି କ'ଣ ବୋଲି ମରଫେଟ୍‌ଙ୍କୁ ପଚାରିଲେ। ମରଫେଟ୍ କିଛି ଉତ୍ତର ଦେବା ପୂର୍ବରୁ ତାଙ୍କ ଠାରୁ ପତ୍ରଟି ଟାଇନେଇ ଯୁବକଙ୍କ ପାପୁଲିରେ ରଖିଲେ। ବାବା ନିଜର ଆଙ୍ଗୁଠି ଉଠେଇ ଦେବା ମାତ୍ରେ ଗୋଲାକାର ସବୁଜପତ୍ରଟି ନିଶ୍ଚିହ୍ନ ହୋଇଗଲା। ତା' ସ୍ଥାନରେ ଯୁବକର ହାତରେ ସମାନ ଆକାରର ଏକ ବସ୍ତୁ ଦେଖାଗଲା। ଏହାଥିଲା ଭଗବାନ ବିଷ୍ଣୁଙ୍କର ଛବି ଧାରର କରିଥିବା ଏକ ଏନାମେଲ ଥାଳିଆ। ବାବା ଏଇଟାକୁ ମରଫେଟ୍‌ଙ୍କୁ ଦେଇ ଭଲ ଭାବରେ ପରୀକ୍ଷା କରି ଦେଖିବାକୁ କହିଲେ। ମରଫେଟ୍ ଦେଖିଲେ ଯେ, ଧଳା ପୃଷ୍ଠଭୂମି ଉପରେ ଏକ ସବୁଜ ରଙ୍ଗର ପ୍ରତିକୃତି ଅଙ୍କିତ ହୋଇଥିଲା ଓ ତାହାର ରଙ୍ଗ ଠିକ୍ ପୂର୍ବର ପତ୍ର ଭଳି। ଏହା ହାରରେ ଲଗାଯାଉଥିବା ପଦକ ଭଳି ଦିଶୁଥିଲା ଏବଂ ହାର ସହିତ ସଂଯୁକ୍ତ କରିବା ପାଇଁ ଏଥିରେ ଏକ ରନ୍ଧ୍ର ମଧ୍ୟ ଥିଲା। ଏହାକୁ ନେଇ ବାବା ପୁଣି ନିଜ ଲୀଳା ପ୍ରଦର୍ଶନ କରି ଏହାକୁ ଯୁବକଙ୍କ ପାପୁଲିରେ ଥୋଇଦେଲେ। ଏଥର ଯୁବକ ହାତରେ ଧରିଲା ହିନ୍ଦୁ ତ୍ରିମୂର୍ତ୍ତି ଅର୍ଥାତ୍ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ତ୍ରିଶିର ଅଙ୍କିତ ସମାନ ଆଖିରେ ଆଉ ଏକ ପଦକ। ବାବା ଏହି ପଦକଟି ଯୁବକଙ୍କୁ ପ୍ରଦାନ କରି ନିଜ ପାଖରେ ରଖିବା ପାଇଁ ଅନୁମତି ଦେଲେ। (କ୍ରମଶଃ)



ଡ.(ଇଂ)ସଞ୍ଜୟ କୁମାର ପଣ୍ଡା
ପ୍ରାକ୍ତନ ଅର୍ଥକମିଟି ସଦସ୍ୟ
ଓଡିଶା ସାହିତ୍ୟ
ଏକାଡେମୀ, ବୌଦ୍ଧ

# ସାମାଜିକ ଚେତନାରେ ସାବିତ୍ରୀ ଅମାବାସ୍ୟା

ବିଶ୍ୱବ୍ରହ୍ମାଣ୍ଡରେ ସ୍ରଷ୍ଟାଙ୍କ ଅନନ୍ୟ ଉପହାର ହେଉଛି ନାରୀ। ନାରୀ ସୃଷ୍ଟି ସର୍ଜନାରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ସୃଷ୍ଟିର ସମସ୍ତ ଉପାଦାନକୁ ପ୍ରତିପୋଷଣ କରିବାରେ ସମର୍ଥ। ନାରୀର ଐଶ୍ୱରୀୟ ସାନ୍ନିଧ୍ୟରେ ସାରାଜଗତ ବିମୋହିତ ଓ ପୁଲକିତ। ସାଂସାରିକ ଭାବ ବନ୍ଧନର ପ୍ରମୁଖ ରଜ୍ଜୁ ହିଁ ନାରୀ। ନାରୀ ନିଜର ଆଧାତ୍ମିକ ଶକ୍ତି ବଳରେ ସର୍ବଂସହା ଭାବେ ପୂଜିତ ହେବା ସ୍ଥଳେ କଦାଚିତ୍ ନିଜର କ୍ଷୋଭାନଳରେ ବିଧ୍ୱଂସକାରିଣୀ ମଧ୍ୟ ହୋଇପାରେ। ସେ ଧାତ୍ରୀ, କର୍ତ୍ତ୍ରୀ, ଲାସ୍ୟମୟୀ, ସ୍ନେହମୟୀ କିମ୍ବା ପ୍ରେରଣାଦାୟୀ ହୋଇ ଜଗତର କଲ୍ୟାଣୀ ହୋଇଥାଏ। ନାରୀ ଶକ୍ତି, ମାତା, ପିତା, ବିଦ୍ୟା ଦୟା, କ୍ଷମା, ସ୍ୱାହା ଓ ସ୍ୱଧା ସ୍ୱରୂପିଣୀ ଆଖ୍ୟା ବହନ କରି ଦେବୀ ତୁଲ୍ୟ ମୋକ୍ଷ ପ୍ରଦାୟିନୀ ରୂପେ ଉପାସ୍ୟ ହୋଇଥାଏ। ଦୁହିତା, ଜାୟା, ଭଗ୍ନୀ ଓ ମାତୃ ରୂପରେ ସାଂସାରିକ ସୌଖ୍ୟ, ବିଶ୍ୱାସ ଓ ସୁରକ୍ଷା ପ୍ରଦାନ କରି ଭାବନା ଗଙ୍ଗା ନିର୍ଝରିବା ଦିବ୍ୟ ଦକ୍ଷତା ବହନ କରି ସଂସାରକୁ ଅଗ୍ରସିତ କରେ। ଅତଏବ ସର୍ଜନାର ପ୍ରାରମ୍ଭରୁ ନାରୀ ବିନା ବ୍ରହ୍ମାଣ୍ଡର ସମ୍ପୂର୍ଣ୍ଣତା ଅକଳ୍ପନୀୟ। ନାରୀ ହିଁ ତ୍ରିଲୋକର ସମସ୍ତ ଦେବତାଙ୍କ ଜ୍ୟୋତିର ସାମଗ୍ରିକ ପରିପ୍ରକାଶ। ଏଣୁ ଦେବୀ ମାହାତ୍ମ୍ୟରେ ୨.୧୩ ରେ ଉଲ୍ଲିଖିତ ଅଛି ଯେ –

**ଅତୁଳଂ ତତ୍ର ତତ୍ତେଜଃ ସର୍ବ**
**ଦେବଶରୀରଜଂ**
**ଏକସ୍ଥଂ ତଦଭୂନ୍ନାରୀ ବ୍ୟାପ୍ତ**
**ଲୋକତ୍ରୟଂ ତ୍ୱିଷାଃ।**

ନାରୀ କେବେ ମାତୃ ସମ ଶରୀର ପୋଷଣ କରେ, କେବେ ଭଗ୍ନୀ ସମ ଭାତୃ-ପ୍ରେମ ଓ ବିଶ୍ୱାସ ପ୍ରତୀକ ସାଜେ, କେବେ ଭାର୍ଯ୍ୟା ରୂପେ ସ୍ୱାମୀର ଦୀର୍ଘ ଜୀବନ କାମନା କରି ସଂସାରରେ ପୁଲକ ଭରିଦିଏ କିମ୍ବା ସ୍ନେହ, ପ୍ରେମ ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଭାବେ ସାରା ସଂସାରକୁ ମୋକ୍ଷ ପ୍ରଦାନ କରି ପୃଥିବୀକୁ ବୈକୁଣ୍ଠର ଅନୁଭବ ପ୍ରାପ୍ତ କରାଇଥାଏ। ପ୍ରସଙ୍ଗ ଉପକ୍ରମରେ ସାବିତ୍ରୀ ଅମାବାସ୍ୟା ସ୍ୱାମୀ, ସ୍ତ୍ରୀର ଅପୂର୍ବ ଈଶ୍ୱରୀୟ ସମ୍ପର୍କକୁ ଇଙ୍ଗିତ କରିବା ସହ ଉତ୍ତର ପିଢ଼ିକୁ ପବିତ୍ର ସାଂସାରିକ ବନ୍ଧନର ବିଶ୍ୱସନୀୟ ବାର୍ତ୍ତା ସମ୍ପ୍ରସାରିତ କରୁଛି। ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ ଯୁଧିଷ୍ଠୀର ଦ୍ରୋପଦୀଙ୍କ ସମତୁଲ ସତୀ ସମ୍ବନ୍ଧରେ ଋଷି ମାର୍କଣ୍ଡେୟଙ୍କ ସମ୍ମୁଖରେ ଜିଜ୍ଞାସା ରଖିବାରୁ ସତୀ ସାବିତ୍ରୀଙ୍କ ବର୍ଣ୍ଣନା ପ୍ରଶସ୍ତି ହେଲା ଯାହାକି ହିନ୍ଦୁ ଧର୍ମର ପଞ୍ଚମ ପୁରାଣ ନାମେ ବ୍ୟାସଦେବ ମହର୍ଷିଙ୍କ ଦ୍ୱାରା ରଚିତ ମହାଭାରତର ବନ ପର୍ବରେ ବର୍ଣ୍ଣିତ ହୋଇଛି। ଏହି ବନ ପର୍ବରେ ନଳ ଦମୟନ୍ତୀଙ୍କ ଗଭୀର ପ୍ରେମତତ୍ତ୍ୱ ମଧ୍ୟ ଉଲ୍ଲିଖିତ। ପୌରାଣିକ ତଥ୍ୟ ଅନୁଯାୟୀ ମଦ୍ର ରାଜା ଅଶ୍ୱପତି ଅପୁତ୍ରିକ ଥିବାରୁ ଦୀର୍ଘ ଅଷ୍ଟାଦଶ ବର୍ଷ କଠୋର ତପସ୍ୟା କରିବାରୁ ବ୍ରହ୍ମାଙ୍କ ପତ୍ନୀ ସାବିତ୍ରୀ ଦେବୀ ରୂପେ ରାଜା ଅଶ୍ୱପତି ସମ୍ମୁଖରେ ଆବିର୍ଭୂତ ହୋଇ ବର ଯାଚନା କଲେ। ରାଜା ଅଶ୍ୱପତି ନିଜର ସାମ୍ରାଜ୍ୟ ବିସ୍ତାର ଓ ସୁରକ୍ଷା ପାଇଁ ଅନେକ ପୁତ୍ର ସନ୍ତାନର ବର ଯାଚନା କଲେ। ମାତ୍ର ଦେବୀ ସାବିତ୍ରୀ ଏକ କନ୍ୟା ସନ୍ତାନର ବର ପ୍ରଦାନ କଲେ। ଫଳତଃ ରାଜାଙ୍କ ପାଟରାଣୀ ମାଳବ ରାଜକନ୍ୟାଙ୍କ ଗର୍ଭରୁ ଏକ କନ୍ୟା ସନ୍ତାନ ଜାତ ହେଲା। ଯାହାଙ୍କ ନାମ ସାବିତ୍ରୀ ଦେବୀଙ୍କ ନାମ ଅନୁକରଣରେ 'ସାବିତ୍ରୀ' ନାମିତ ହେଲା। ପ୍ରାପ୍ତ ବୟସ୍କା ହେବା କ୍ରମେ ପିତାଙ୍କ ଆଗ୍ରହ ହେତୁ ଅନେକ ଆଶ୍ରମ ଓ ବନାଞ୍ଚଳ ସ୍ୱର୍ଣ୍ଣ ରଥରେ ପରିଭ୍ରମଣ କରି ଶେଷରେ ସାଲଭ୍ୟ ସାମ୍ରାଜ୍ୟର ଦେଶାନ୍ତର ଅନ୍ଧରାଜା ଦ୍ୟୁମତ ସେନଙ୍କ ପୁତ୍ର ସତ୍ୟବାନଙ୍କୁ ନିଜର ଭବିଷ୍ୟତ ପତି ରୂପେ ମନୋନୀତ କରିଥିଲେ। ଏହି ସମ୍ବାଦ ସାବିତ୍ରୀ ପିତା ଅଶ୍ୱପତି ଓ ମହର୍ଷୀ ନାରଦଙ୍କ ସମ୍ମୁଖରେ ଉପସ୍ଥାପିତ କରିବାରୁ ସତ୍ୟବାନ ଅଳ୍ପାୟୁ ଥିବା ନାରଦ ପ୍ରକାଶ କଲେ। ସତ୍ୟବାନ ଅତ୍ୟନ୍ତ ବିଜ୍ଞ, ସତ୍ୟବାଦୀ, ଦୟାଳୁ ଓ ଅପୂର୍ବ ସୁନ୍ଦର ହେଲେ ମଧ୍ୟ ଏକବର୍ଷ ମଧ୍ୟରେ ମୃତ୍ୟୁ ସୁନିଶ୍ଚିତ ଜ୍ଞାତ କରି ମଧ୍ୟ ସାବିତ୍ରୀ ତାଙ୍କୁ ବିବାହ କରିବାକୁ ଜିଦ୍ ଧରିବାରୁ ଉଭୟ କୁଳର ସମ୍ମତିକ୍ରମେ ବିବାହ ସମ୍ପନ୍ନ ହେଲା। ବନ ମଧ୍ୟରେ ଅତ୍ୟନ୍ତ ସୁଖଦ ସାଂସାରିକ ଜୀବନ ଅତିବାହିତ କଲେ ସୁଦ୍ଧା ନାରଦ ମୂନୀଙ୍କ ଭବିଷ୍ୟତ ବାଣୀ ସାବିତ୍ରୀଙ୍କୁ ଆନ୍ଦୋଳିତ କରୁଥିଲା। ବର୍ଷର ଅନ୍ତିମ ତ୍ରିଦିବସ ଉପନୀତ ହେବାରୁ ସାବିତ୍ରୀ ବ୍ରତ, ଉପବାସ ଓ ଯଜ୍ଞ କର୍ମରେ ନିମଜ୍ଜିତ ହେଲେ। ଶେଷ ଦିବସରେ ନିଜ ପତି ସତ୍ୟବାନଙ୍କ ସହ ବନଜାତ କାଷ୍ଠ ସଂଗ୍ରହ ନିମନ୍ତେ ଗମନ କଲେ। ଏହି ସମୟରେ ସତ୍ୟବାନ ଅସୁସ୍ଥ ହୋଇ ସାବିତ୍ରୀଙ୍କ କୋଳରେ ମସ୍ତକ ରଖି ନିଷ୍ପ୍ରାଣ ହୋଇଗଲେ। ଯମ ଦେବତା ସତ୍ୟବାନଙ୍କ ପ୍ରାଣ ନେଇ ଗମନ କରନ୍ତେ ସାବିତ୍ରୀ ମଧ୍ୟ ତାଙ୍କୁ ଅନୁଧାବନ କଲେ। ସାବିତ୍ରୀଙ୍କ ପତିବ୍ରତା ଗୁଣରେ ଅତ୍ୟନ୍ତ ପ୍ରୀତ ହୋଇ ଯମରାଜା ତିନୋଟି ବର ଯାଚନା କଲେ। ପର୍ଯ୍ୟାୟ କ୍ରମେ ପ୍ରଥମେ ଅନ୍ଧ ଶ୍ୱଶୁରଙ୍କ ଚକ୍ଷୁଦାନ, ଦ୍ୱିତୀୟତଃ ସାମ୍ରାଜ୍ୟ ପ୍ରାପ୍ତି ଓ ତୃତୀୟରେ ଶତପୁତ୍ର ଜନନୀର ବର ନିବେଦନ କଲେ। ଯମରାଜା ପତିବ୍ରତା ସତୀ ସାବିତ୍ରୀଙ୍କ ଧାର୍ମିକ ଗୁଣ, ଗଭୀର ପ୍ରେମ, ସତ୍ୟ, ବିଶ୍ୱାସ ଓ ତ୍ୟାଗ ଗୁଣରେ ଅତ୍ୟନ୍ତ ବିମୋହିତ ହୋଇ ତ୍ରିବର ପ୍ରଦାନ କରିବାରୁ ନିଜର ତୀକ୍ଷ୍ଣ ବୁଦ୍ଧିମତ୍ତା ହେତୁ ସାବିତ୍ରୀ ନିଜର ପତିଦେବ ସତ୍ୟବାନଙ୍କ ପୁନଃ ଜୀବନ ପ୍ରାପ୍ତ କରିଥିଲେ। ଫଳତଃ ଦେବୀ ସ୍ୱରୂପା ସତୀ ସାବିତ୍ରୀଙ୍କ ହେତୁ ସତ୍ୟବାନଙ୍କୁ ଦୀର୍ଘାୟୁ ଓ ସାମ୍ରାଜ୍ୟ ପ୍ରାପ୍ତି ହେବା ସହ ଶ୍ୱଶୁରଙ୍କ ଚକ୍ଷୁ ଲାଭ ହେଲା। ଏହି ପବିତ୍ର ଦିବସ ଜ୍ୟେଷ୍ଠମାସ ଅମାବାସ୍ୟା ତିଥିରେ ସଂଘଠିତ ହୋଇଥିବାରୁ ଏହାକୁ ପବିତ୍ର ସାବିତ୍ରୀ ଅମାବାସ୍ୟା ତିଥି ରୂପେ ହିନ୍ଦୁଧର୍ମରେ ପାଳନ କରାଯାଇ ହିନ୍ଦୁ ଧର୍ମାବଲମ୍ବୀ ସ୍ତ୍ରୀ ଶକ୍ତି ନିଜ ନିଜର ସ୍ୱାମୀଙ୍କ ଦୀର୍ଘାୟୁ କାମନା କରିବା ସହ ବ୍ରତ ଉପବାସ ପାଳନ କରିଥାନ୍ତି। ସଭ୍ୟତାର କ୍ରମବିକାଶହେତୁ ପ୍ରାଚୀନ ବନବାସୀ ଯୁଗରୁ ଉତ୍ତର ଆଧୁନିକ ଯୁଗ ପର୍ଯ୍ୟନ୍ତ ପ୍ରତି କ୍ଷେତ୍ରରେ ସାମାଜିକ ବିପ୍ଳବ ନୂତନ ରୂପରେଖରେ ସଂଜ୍ଞାବଦ୍ଧ ହୋଇଛି। ସାମାଜିକପରିବର୍ତ୍ତନର ସ୍ରୋତସ୍ୱିନୀ ପ୍ରବାହରେ ଚିନ୍ତାଚେତନା କେତେ ସର୍ପିଳ ପଥ ଦେଇ ଅତିକ୍ରମ କରିବା ସହ କେବେ ଶିଥିଳ ତ' କେବେ କ୍ଷିପ୍ର ବେଗେ ଗତି କରିଛି। କିନ୍ତୁ ପ୍ରତ୍ୟେକ କାଳ ଖଣ୍ଡରେ ନାରୀ ନରମାନଙ୍କ ସ୍କନ୍ଧରେ ସ୍କନ୍ଧ ମିଳିତ କରି ସଂସାର ସାଗରକୁ ଅତିକ୍ରମଣ କରିବାର ଦକ୍ଷତା ବହନ କରୁଛି। ପ୍ରାଚୀନ କାଳରେ ଯୁଗୋପଯୋଗୀ ଗୃହକର୍ତ୍ତ୍ରୀ ରୂପେ ନିଜର ଦାୟିତ୍ୱ ସୁସମ୍ପାଦିତ କରି ଶାନ୍ତ, ଶୀତଳ ସ୍ନେହର ପଣତରେ ସମଗ୍ର ଜଗତକୁ ଏକାକାର କରି ଜୀବନ ସୁଧା ବଣ୍ଟନ କରିଛି। ଗୃହକୁ ମନ୍ଦିର ରୂପେ ଗଢିତୋଳି ମର୍ତ୍ତ୍ୟ ବୈକୁଣ୍ଠର ସଂଜ୍ଞା ପ୍ରଦାନ କରି ଶୃଙ୍ଖଳିତ ଜୀବନଚର୍ଯ୍ୟା ସହ ଭାବାବେଗରେ ସମାଜରେ ପୁଲକ ବିବର୍ଦ୍ଧିତ କରିବାରେ ସକ୍ଷମ ଦିବ୍ୟକାନ୍ତି ସମ୍ପନ୍ନ ମାତୃକୁଳ। ଶକ୍ତି ସ୍ୱରୂପାରେ ମଧ୍ୟ ପୂଜିତା ନାରୀ ନିଜର ଦୟା, କ୍ଷମା ଗୁଣ ବଳରେ ସମାଜରେ ଶାନ୍ତି ପ୍ରତିଷ୍ଠା କରି ଅନେକ ଅସୁର ଚରିତ୍ରକୁ ନିଧନ କରି ସୃଷ୍ଟିର ଅପୂର୍ବ ସମ୍ଭାରକୁ ସଂରକ୍ଷିତ ରଖିପାରିଛି। ସ୍ୱୟଂ ସିଦ୍ଧା ନାରୀ ଆଧୁନିକ ସମାଜରେ ନିଜର ଶକ୍ତିର ପରାକାଷ୍ଠା ପ୍ରଦର୍ଶନ କରି ପରିବାର ପ୍ରତିପୋଷଣ କରି କଳା, ବିଜ୍ଞାନ ଓ ସାମାଜିକ ସ୍ତରରେ ନିଜର ଉତ୍କର୍ଷତା ପ୍ରମାଣିତ କରିଛି। ବିଜ୍ଞାନ ଓ ବୈଷୟିକ ଯୁଗରେ ନିଜର ଅପୂର୍ବ ବୁଦ୍ଧିମତ୍ତାର ପ୍ରୟୋଗରେ ପୁରୁଷଙ୍କ ଠାରୁ ମଧ୍ୟ ଊର୍ଦ୍ଧ୍ୱକୁ ସ୍ଥାନିତ କରିପାରିଛି ଆଧୁନିକ ସ୍ତ୍ରୀ । ଭୌତିକ ବିକାଶରେ ଅନ୍ୟତମ ସୁତ୍ରଧର ହୋଇ ନୂତନ ସଂଜ୍ଞା ନିର୍ଦ୍ଧାରଣ କରିପାରିଛି ସ୍ତ୍ରୀ। ଭୌତିକ ବିକାଶ ବିଜ୍ଞାନ ସର୍ବସ୍ୱ ଥିବା ବେଳେ ଆର୍ଥିକ ପ୍ରାଚୁର୍ଯ୍ୟ ବୌଦ୍ଧିକ ବିକାଶର କଣ୍ଠରୋଧ କରିବା ସହ ସାମାଜିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବନ୍ଧନ କ୍ରମଶଃ ଢିଲା ହେବାକୁ ଲାଗିଲାଣି। ଆଧୁନିକତାର ଦ୍ୱାହି ଦେଇ ପୁରୁଷ ଓ ସ୍ତ୍ରୀ ପରି ଦିବ୍ୟ ସତ୍ତାକୁ ପରସ୍ପରର ପ୍ରତିଯୋଗୀ କରିଦେଇ ସାମାଜିକ ବିକାଶକୁ ପତୋନ୍ମୁଖୀ କରିବାକୁ ଲାଗିଲେଣି। ପରସ୍ପର ପ୍ରତି ଅସ୍ପର୍ଦ୍ଧା ଜାଗ୍ରତ କରି ଏକ ଉତ୍ତପ୍ତ ବାତାବରଣ ସୃଷ୍ଟି ହେବା ଅତ୍ୟନ୍ତ ପରିତାପର ବିଷୟ। ସାମାଜିକ ସ୍ତରରେ ମୁକ୍ତ ପୃଥିବୀରେ ସମାନ୍ତରାଳ ଭାବରେ ଉଭୟ ନାରୀପୁରୁଷ ପରସ୍ପରର ପରିପୂରକ ହେବା ବିଧେୟ। କିନ୍ତୁ ଅର୍ଥ ପ୍ରାବଲ୍ୟ କିମ୍ବା ଆଧୁନିକତାର ଦ୍ୱାହିଦେଇ ନିଜର ପରିବାରକୁ ଅଣଦେଖା କରିବା କେତେ ଗ୍ରହଣୀୟ ତାହା ବିଚାର୍ଯ୍ୟ। ସୁଖ, ସ୍ୱାଚ୍ଛନ୍ଦ୍ୟର ପରିଧିରେ ମନୁଷ୍ୟ ଅବିବେକି ହେଲେ ସାଂସାରିକ ପରିବେଶ କଳୁଷିତ ହେବ। ସ୍ତ୍ରୀକୁ ତାର ପଦମର୍ଯ୍ୟଦା କରିବା ପ୍ରତ୍ୟେକ ପୁରୁଷର କର୍ତ୍ତବ୍ୟ। ଏଥି ସହିତ କେବଳ ଗୃହର ବାହ୍ୟ ପରିବେଶରେ ନିଜକୁ ସମ୍ଭ୍ରାନ୍ତ, ବିକଶିତ ଓ ଶିକ୍ଷିତ ପ୍ରତିପାଦିତ କରିବା ଲକ୍ଷ୍ୟ ନେଇ ସ୍ୱାବଲମ୍ବୀ ହେବା ନ୍ୟାୟରେ ସାମାଜିକ ବିଧିବ୍ୟବସ୍ଥାକୁ ପ୍ରଶ୍ନବାଚୀ କରିବା ଅତ୍ୟନ୍ତ ପରିତାପର ବିଷୟ। ହିନ୍ଦୁ ଧର୍ମରେ ନାରୀକୁ ସର୍ବୋଚ୍ଚସ୍ଥାନ ପ୍ରଦାନ କରାଯାଇ ବୈକୁଣ୍ଠ ନିର୍ମାତାର ମର୍ଯ୍ୟଦା ପ୍ରଦାନ କରାଯାଇଛି। ଏଣୁ ପ୍ରତ୍ୟେକ ନାରୀ ସତୀ ସାବିତ୍ରୀ ତୁଲ୍ୟ ନିଜ ନିଜର ସତ୍ୟବାନଙ୍କ ଦୀର୍ଘାୟୁ କାମନା କରି ସାଂସାରିକ ପ୍ରତିବଦ୍ଧତାକୁ ପ୍ରମାଣିତ କରିବା ଉଚିତ୍। ଆଧୁନିକ ସମାଜରେ ବୌଦ୍ଧିକ ତତ୍ତ୍ୱର ମାନ କ୍ଷୀଣ ହେବାରୁ ସମ୍ବେଦନଶୀଳତାର ଅଭାବ ପରିଲକ୍ଷିତ ହେଉଛି। ପ୍ରତି କ୍ଷେତ୍ରରେ ଅସହିଷ୍ଣୁ ହୋଇ ଯଦି ଉଭୟ ପୁରୁଷ ଓ ନାରୀ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱବୋଧକୁ ତଉଲିବା ଆରମ୍ଭ କରିବେ, ତାହା ଅତ୍ୟନ୍ତ ଦୁର୍ବିସହ ହେବା ସହ ସାମାଜିକ ବିଲକ୍ଷଣ ଦେଖାଦେବ। ଏକ ଦୃଶ୍ୟ ପଟ୍ଟରେ ହିନ୍ଦୁନାରୀ ସମଗ୍ର ସଂସାରକୁ ଉଦ୍ଧାର କରୁଥିବାର ଅନେକ ଦୃଷ୍ଟାନ୍ତ ଦୃଶ୍ୟମାନ ହେଉଥିବା ସ୍ଥଳେ ଶିକ୍ଷାର ଦ୍ୱାହି ଦେଇ ନିଜର ଦାୟାଦ ଓ ପରିବାର ବର୍ଗକୁ ଅଣଦେଖା କରିବା କେତେ ଦୂର ଯଥାର୍ଥ, ତାହା ବିଚାର୍ଯ୍ୟ। ଆଜିର ସମାଜରେ ଅତି ପଣ୍ଡିତ ହୋଇ ବିଜ୍ଞାନୀ ଚିନ୍ତା କରିବା ଯେପରି ବିନାଶକାରୀ ଠିକ୍ ସେହିପରି ଅତି ଧର୍ମୀ ହୋଇ ଅନ୍ଧଭକ୍ତ ହେବା ମଧ୍ୟ ଅପକାରୀ ଅଟେ। ଏଣୁ ଉଭୟ ନାରୀ ଓ ପୁରୁଷ ହସ୍ତ ମିଳିତ କରି ସମାଜରେ ପ୍ରତିବନ୍ଧନକୁ ଅଗ୍ରସିତ କରିପାରିଲେ ସାମାଜିକ ଚେତନା ପରିବର୍ଦ୍ଧିତ ହେବ। କିଛି ବିଜ୍ଞାନୀ ସ୍ନେହ, ପ୍ରେମ, ମୈତ୍ରୀ ଓ ତ୍ୟାଗର ବ୍ରତ ଉପବାସକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ସ୍ତ୍ରୀ କାହିଁକି କରିବ, ପୁରୁଷ କାହିଁକି ନୁହେଁର ପ୍ରଶ୍ନବାଣ ଭେଦ କରନ୍ତି। କିନ୍ତୁ ନାରୀ ମାତୃ ତୁଲ୍ୟ ହେଲେ ସସ୍ନେହେ, ଶାଶ୍ୱତ ଭାବେ ପୂଜିତ ହୁଏ କିନ୍ତୁ ଉଗ୍ରମୂର୍ତ୍ତିକୁ ସଂସାର ଭୟ କରେ। ଏଣୁ କଣ ଗ୍ରହଣୀୟ ତାହା ସ୍ୱଷ୍ଟ ଅନୁମେୟ। ଆଧୁନିକ ଯୁଗରେ ବିଜ୍ଞାନ ଶିକ୍ଷାର ଉତ୍ତପ୍ତ କ୍ରମଶଃ ସାଂସାରିକ ପରିବେଶକୁ ବିଧ୍ୱଂସିତ କରିବାର ଆଶଙ୍କା ସୃଷ୍ଟି କଲାଣି। ଜୀବନ ପ୍ରକୃତି ଉପରେ ନିର୍ଭରଶୀଳ, ପ୍ରକୃତି ଜୀବନ ଉପରେ ନୁହେଁ। ବ୍ରହ୍ମାଣ୍ଡ ସୃଷ୍ଟିରେ ପ୍ରତ୍ୟେକ ସର୍ଜନାର ଏକ ସ୍ୱତନ୍ତ୍ର ଲକ୍ଷ୍ୟ ବିଧାନ ହୋଇଛି। ନାରୀ ଓ ପୁରୁଷ ନିଜ ନିଜର ଆଧାତ୍ମିକ ଅନ୍ତରାତ୍ମାର ସ୍ୱରକୁ ଚିହ୍ନଟ କରି ସମାଜଧର୍ମୀ ହେଲେ ସମାଜ ପୁଷ୍ପ ପ୍ରସ୍ଫୁଟିତ ହେବ ଏବଂ ଏହାର ବାସ୍ନା ସମସ୍ତଙ୍କୁ ଆମୋଦିତ କରିବ। ହିନ୍ଦୁ ଧର୍ମ ମତେ ସାବିତ୍ରୀ ପରି ତ୍ୟାଗ ନିଦର୍ଶନ ପ୍ରଦର୍ଶନ କଲେ ନିଶ୍ଚିତ ରୂପେ ପ୍ରଭୁକୃପା ଲାଭ ସହ ଅମୃତ ବର୍ଷା ହେବ। ନାରୀମାନେ କେବଳ ସାବିତ୍ରୀ ନୁହେଁ ମାତା, ଭଗ୍ନୀ ଓ ଦେବୀ ରୂପେ ସମାଜରେ ସ୍ନେହ, ଶ୍ରଦ୍ଧା, ତ୍ୟାଗ ବଣ୍ଟନ କରି ସର୍ବଦା ପୂଜିତ ହୁଅନ୍ତୁ। ପୁରୁଷମାନେ ମଧ୍ୟ ହିମାଳୟ ସମ ବିଶ୍ୱାସ ଉଚ୍ଚାଟିତ କରି ସମଗ୍ର ଜଗତକୁ ସୁରକ୍ଷିତ ରଖିବା ସହ ସାମାଜିକ ପ୍ରତିବନ୍ଧକକୁ ବି ନଷ୍ଟ କରି ପୁଣ୍ୟତା ସ୍ପର୍ଶ ପ୍ରଦାନ କରନ୍ତୁ। ନାରୀ ଓ ପୁରୁଷ ପ୍ରତିଯୋଗୀ ନ ହୋଇ ପ୍ରତିରୂପ ହେଲେ ସାମାଜିକ ପ୍ରେମ ପ୍ରତିଧ୍ୱନି ସର୍ବଦା ଗୁଞ୍ଜରିତ ହେବ। ନାରୀ କେବେ ମଧ୍ୟ କୁମାତା ନ ହେଉ ମା'ର ପ୍ରେମ ପଣତ ସର୍ବଦା ଜଗତକୁ ପ୍ରୀତି ଛାୟା ପ୍ରଦାନ କରୁ, ଏହାହିଁ ଆଜିର ପବିତ୍ର ଦିବସର ଅନ୍ତର୍ନିହିତ ସନ୍ଦେଶ ହେଉ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

**ସତ୍ୟ ଭାଗବତ**

**ପ୍ରଥମ ଅଧ୍ୟାୟ**

**ଓଁ**

**'ଜୟନ୍ତୀ, ମଙ୍ଗଳା, କାଳୀ,**
**ଭଦ୍ରକାଳୀ କପାଳିନୀ**
**ଦୁଗସ୍ଥା, କ୍ଷମା, ଶିବା, ଧାତ୍ରୀ**
**ସ୍ୱହା ସ୍ୱଧା ନମୁତେ।'**

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)
(କ୍ରମଶଃ)



ନିହାର ରଞ୍ଜନ ଆଚାର୍ଯ୍ୟ
ବୈଜ୍ଞାନିକ ଅଫିସର,
ଭାରତୀୟ ଜଳବାୟୁ କଂଗ୍ରେସ
ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ, ଟ୍ରଷ୍ଟ -
ଏକ ବିଜ୍ଞାନ ପ୍ରଚାର ଅନୁଷ୍ଠାନ

# ପରିସଂସ୍ଥାର ପୁନରୁଦ୍ଧାର

ପ୍ରତିବର୍ଷ ଜୁନ ୫ ତାରିଖକୁ ପରିବେଶ ଦିବସ ରୂପେ ସାରା ବିଶ୍ୱରେ ପାଳନ କରାଯାଏ ! ପରିବେଶର ସୁରକ୍ଷା ତଥା ଜୈବ ବିବିଧତାର ସଂରକ୍ଷଣ ଓ ଆମ ପୃଥିବୀ ଗ୍ରହର ସୁରକ୍ଷା ନିମନ୍ତେ ଏହି ଦିବସଟିର ପରିକଳ୍ପନା ୟୁନାଇଟେଡ୍ ନେସନ ଦ୍ୱାରା କରାଯାଇଛି ! ତେବେ ଏହି ବର୍ଷର ବିଷୟବସ୍ତୁ ହେଲା 'ପରିସଂସ୍ଥାର ପୁନରୁଦ୍ଧାର' ! ତେଣୁ ଆଲୋଚ୍ୟ ପ୍ରବନ୍ଧରେ ଏହି ବିଷୟରେ ଆସନ୍ତୁ ଆଲୋଚନା କରିବା !

ପରିବେଶବିତମାନଙ୍କ ମତାନୁସାରେ ଜୀବର ଜୀବନ କ୍ରିୟା ସମ୍ପାଦନ ନିମନ୍ତେ ପରିବେଶର ସମସ୍ତ ଜୈବିକ ଓ ଅଜୈବିକ ଉପାଦାନଗୁଡିକ ପ୍ରତ୍ୟେକ୍ଷ କିମ୍ବା ପରୋକ୍ଷ ଭାବରେ ସଂଶ୍ଳିଷ୍ଟ ହୋଇଥାନ୍ତି ! କୌଣସି ନିର୍ଦ୍ଦିଷ୍ଟ ପ୍ରାଣୀ କିମ୍ବା ଉଦ୍ଭିଦ ସ୍ୱତନ୍ତ୍ରଭାବେ ଏକାକୀ ଜୀବନଯାପନ କରିବା ଅସମ୍ଭବ ! ବିଭିନ୍ନ ଭୌତିକ ଓ ରାସାୟନିକ ପ୍ରକ୍ରିୟା ଯେ କୌଣସି ଅଂଚଳକୁ ପ୍ରଭାବିତ କରିଥାଏ ! ପୁନରପି ଜଳ, ମୃର୍ତ୍ତିକା, ଓ ବାୟୁମଣ୍ଡଳରେ ଅବସ୍ଥିତ କ୍ଷୁଦ୍ରାତିକ୍ଷୁଦ୍ର ଜୀବାଣୁ, ଭୂତାଣୁ, କବକ ଆଦି ମଧ୍ୟ ପରିବେଶ ସହ ଅଙ୍ଗାଙ୍ଗୀ ଭାବେ ଜଡିତ ଅଟନ୍ତି ! ସ୍ଥୁଳ ଭାବରେ ବିବେଚନା କଲେ ଜଣାପଡେ ଯେ, ପରିବେଶର ସମତୁଲ ଅବସ୍ଥା ନିମନ୍ତେ ପ୍ରତ୍ୟେକଙ୍କର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ ! ସୁତରାଂ, ପରସ୍ପର ନିର୍ଭରଶୀଳ ପ୍ରାଣୀ, ଉଦ୍ଭିଦ, ଅପଘଟକ ଆଦି ଯେଉଁ ନିର୍ଦ୍ଦିଷ୍ଟ ନିୟମାନୁଯାୟୀ ପରିବେଶସ୍ଥ ସମସ୍ତ ଭୌତିକ, ରାସାୟନିକ ଆଦି ନିର୍ଜୀବ ବସ୍ତୁମାନଙ୍କ ସହ ବିଭିନ୍ନ ପ୍ରତିକ୍ରିୟା ଘଟାଇ ଜୀବନ ନିର୍ବାହ କରନ୍ତି, ତାହାକୁ 'ପରିସଂସ୍ଥା' କୁହାଯାଏ !

୧୯୩୫ ମସିହାରେ ବ୍ରିଟିଶ ପରିବେଶବିତ ଟାଂସଲେ ସର୍ବପ୍ରଥମ ପରିସଂସ୍ଥା ଉକ୍ତିର ପ୍ରବର୍ତ୍ତନ କରିଥିଲେ ! ପରନ୍ତୁ ତାହାଙ୍କ ପୂର୍ବରୁ ପରିସଂସ୍ଥାର ଧାରଣା ରୁଷ ଓ ୟୁରୋପୀୟ ବୈଜ୍ଞାନିକଙ୍କ ଦ୍ୱାରା ପ୍ରଚଳିତ ହୋଇଥିଲା ! କରଲମୋବିୟସ (୧୮୬୭), ବାୟୋସିଏନସିସ ଫୋରେବସ (୧୮୭୭), ମାଇକ୍ରୋକସମ ଏବଂ ଫ୍ରେଡରିକ୍ସ (୧୯୩୦) ହେଲସିୟନ ନାମରେ ପରିସଂସ୍ଥାକୁ ନାମିତ କରିଥିଲେ ! ଇ.ପି. ଓଡାମ (୧୯୭୧) ଦର୍ଶାଇଛନ୍ତି ଯେ ପରିସଂସ୍ଥା ଗୋଟିଏ ଏକକ ଅଟେ, ଯାହାକି କୌଣସି ଅଂଚଳର ସମସ୍ତ ଜୀବମାନଙ୍କର ଅଜୈବ ବସ୍ତୁ ସହ ନିରବଛିନ୍ନ ସମ୍ପର୍କକୁ ବୁଝାଇଥାଏ ! ପରିସଂସ୍ଥା ବିନ୍ଦୁଏ ଜଳ (କ୍ଷୁଦ୍ର ପରିସଂସ୍ଥା) କିମ୍ବା ସମୁଦ୍ରର ଜଳରାଶି ବିଶାଳ ପରିସଂସ୍ଥାକୁ ନେଇ ଗଠିତ ହୋଇପାରେ ! ଏହା ଅସ୍ଥାୟୀ (ଶସ୍ୟକ୍ଷେତ୍ର), କିମ୍ବା ସ୍ଥାୟୀ (ସମୁଦ୍ର) ସଂସ୍ଥାରୂପେ ମଧ୍ୟ ବିବେଚନା କରାଯାଇପାରେ ! ପୋଖରୀ, ହ୍ରଦ, ସମୁଦ୍ର, ମରୁଭୂମି, ତୃଣଭୂମି, ଜଙ୍ଗଲ ଇତ୍ୟାଦିକୁ ପ୍ରାକୃତିକ ପରିସଂସ୍ଥା କୁହାଯାଏ ! ବ୍ୟାପକ ଅର୍ଥରେ ସମଗ୍ର ପରିବେଶ ମଣ୍ଡଳକୁ ପରିସଂସ୍ଥା ରୂପେ ବିବେଚନା କରାଯାଇପାରେ ! ପ୍ରତ୍ୟେକ ପରିସଂସ୍ଥା ଦୁଇଟି ମୁଖ୍ୟ ଉପାଦାନକୁ ନେଇ ଗଠିତ ! ଯଥା: ୧) ଜୈବ ଉପାଦାନ ଏବଂ ୨) ଅଜୈବ ଉପାଦାନ ! ଜୈବ ଉପାଦାନ - ପରିସଂସ୍ଥାରେ ଅବସ୍ଥିତ ସମସ୍ତ ଜୀବନକୁ ନେଇ ଏହା ଗଠିତ ! ଅଜୈବ ଉପାଦାନ - ପରିବେଶରେ ଅବସ୍ଥିତ ସମସ୍ତ ଜଡ଼ା ବସ୍ତୁ ଅଜୈବ ଉପାଦାନର ଅନ୍ତର୍ଭୁକ୍ତ ଅଟନ୍ତି !

ପରିବେଶ ଅନୁଯାୟୀ ବିଭିନ୍ନ ପ୍ରକାର ପରିସଂସ୍ଥା ଦେଖାଯାଏ ! ସମୁଦ୍ର, ହ୍ରଦ, ନଦୀ, ନାଳ, ପୁଷ୍କରଣୀ, ଗାଡ଼ିଆ, ଇତ୍ୟାଦି ଜଳପରିସଂସ୍ଥା ଗଠନ କରିଥାଆନ୍ତି ! ଏଗୁଡିକ ପୁଣି ମଧୁର ଜଳ ଓ ଲୁଣି ଜଳ ଏହିପରି ୨ପ୍ରକାର ପରିସଂସ୍ଥାରେ ବିଭକ୍ତ ହୋଇଥାନ୍ତି ! ସ୍ଥଳ ଭାଗରେ ବିଭିନ୍ନ ତୃଣଭୂମି ପରିସଂସ୍ଥା, କୃଷିକ୍ଷେତ୍ର ପରିସଂସ୍ଥା, ଅରଣ୍ୟ ପରିସଂସ୍ଥା, ମଧ୍ୟ ପରିସଂସ୍ଥା ଇତ୍ୟାଦି ଦୃଷ୍ଟିଗୋଚର ହୋଇଥାଏ ! ଗଠନ ପ୍ରଣାଳୀ ଓ କାର୍ଯ୍ୟକ୍ଷମତା ବିଭିନ୍ନ ପରିସଂସ୍ଥା ମଧ୍ୟରେ ଭିନ୍ନ ଭିନ୍ନ ହୋଇଥାଏ ! ଏତଦ ବ୍ୟତୀତ, କୃତ୍ରିମ ପରିସଂସ୍ଥା ମନୁଷ୍ୟ ଦ୍ୱାରା ସୃଷ୍ଟ ! ମନୁଷ୍ୟ ନିଜର ସ୍ୱାର୍ଥ ନିମନ୍ତେ କୃତ୍ରିମ ପରିସଂସ୍ଥାର ପରିକଳ୍ପନା କରିଥାଏ ! ବଗିଚା, ତୋଟା, ପାର୍କ, ପନିପରିବା, ପତର ଆଦି ଏହି ଶ୍ରେଣୀର ପରିସଂସ୍ଥା ! ଗୃହ ତଥା ଅନୁଷ୍ଠାନର ସୌନ୍ଦର୍ଯ୍ୟକରଣ ନିମନ୍ତେ କାଚଦ୍ୱାରା ନିର୍ଗତ ଏକବାରିୟମ ମଧ୍ୟ ଏକ କୃତ୍ରିମ ପରିସଂସ୍ଥା ଅଟେ ! ବହୁଦିନ ନିମନ୍ତେ ଚଳତକ୍ଷମ ମହାକାଶଯାନଗୁଡିକୁ ମଧ୍ୟ ଜୈବିକ ଓ ଅଜୈବିକ ଉପାଦାନର ସନ୍ତୁଳନ ମିଶ୍ରଣରେ କୃତ୍ରିମ ପରିସଂସ୍ଥାର ମାନ୍ୟତା ଦିଆଯାଇ କାର୍ଯ୍ୟକାରୀ କରାଯାଇଥାଏ ! ପରିସଂସ୍ଥା ଜୀବଜଗତର ମୁଖ୍ୟତଃ ଖାଦ୍ୟ, ଜଳ, ବାସ ତଥା ଜୀବନଧାରଣର ସମସ୍ତ କାର୍ଯ୍ୟ ନିର୍ବାହ କରିଥାଏ ! ଏଥିରେ ଥିବା ସମସ୍ତ ଜୀବ ପରସ୍ପର ଉପରେ ଜୀବନ ନିର୍ବାହ ନିମନ୍ତେ ନିର୍ଭରଶୀଳ ହୋଇଥାନ୍ତି ! ପରିସଂସ୍ଥା ଜଳବାୟୁ ପରିବର୍ତ୍ତନକୁ ରୋକିବା ପାଇଁ ମଧ୍ୟ ସହାୟକ ହୋଇଥାଏ ! ପରିସଂସ୍ଥା ଜୈବ ବିବିଧତା ସଂରକ୍ଷଣ ଦିଗରେ ମଧ୍ୟ ମୁଖ୍ୟ ଭୂମିକା ନିର୍ବାହ କରେ ! ତେଣୁ ଏହାର ପୁନରୁଦ୍ଧାର ପାଇଁ ସମସ୍ତେ ତତ୍ପର ହେବ ଆବଶ୍ୟକ ! ପ୍ରାକୃତିକ ପରିସଂସ୍ଥାର ସୁରକ୍ଷା ନିମନ୍ତେ ସର୍ବଦା ସଜାଗ ରହିବା ସହିତ ନିୟମିତ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ ! ଏହା ଦ୍ୱାରା ଜଳବାୟୁ ପରିବର୍ତ୍ତନକୁ ରୋକାଯିବ ସହିତ ଭିନ୍ନ ପ୍ରାଣୀ ମାନଙ୍କର ବିଲୁପ୍ତକୁ ମଧ୍ୟ ରୋକିବା ସମ୍ଭବ ହୁଏ ! ପରିସଂସ୍ଥାର ପୁନରୁଦ୍ଧାର ଦ୍ୱାରା ମୃର୍ତ୍ତିକା ସଂରକ୍ଷଣ ମଧ୍ୟ ସମ୍ଭବ ହୁଏ ! ପରିସଂସ୍ଥାର ପୁନରୁଦ୍ଧାର ନିମନ୍ତେ ନିମ୍ନଲିଖିତ କେତୋଟି ଉପାଦେୟ ତଥ୍ୟ ବିଚାରକୁ ଅଣାଯିବ ଉଚିତ ହେବ ! ୧) ପ୍ରାକୃତିକ ସମ୍ବଳର ବ୍ୟବହାରରେ ମିତବ୍ୟୟିତା ଅବଲମ୍ବନ ! ୨) କ୍ଷତିଗ୍ରସ୍ତ ପରିସଂସ୍ଥାର ପୁନରୁଦ୍ଧାର ନିମନ୍ତେ ପଦକ୍ଷେପ ଗ୍ରହଣ ଏବଂ ପରିସଂସ୍ଥାର କ୍ଷତି ଘଟାଉଥିବା କାର୍ଯ୍ୟକଳାପର ନିୟନ୍ତ୍ରଣ କରାଯିବ ଉଚିତ ! ୩) ଜୀବଜାତିର ବ୍ୟବସାୟିକ ଶୋଷଣକୁ ହ୍ରାସ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ଆବଶ୍ୟକ ! ୪) କୃତ୍ରିମ ପ୍ରଜଜନ ମାଧ୍ୟମରେ ସଙ୍କଟାପନ୍ନ ଜୀବଜାତିର ସଂଖ୍ୟା ବୃଦ୍ଧି କରି ପ୍ରାକୃତିକ ପରିସଂସ୍ଥାରେ ଛାଡ଼ିଦେବା ଉଚିତ ! ୫) ପ୍ରଭାବିତ ପ୍ରାଣୀମାନଙ୍କର ଚିକିତ୍ସା ନିମନ୍ତେ ପ୍ରାକୃତିକ ପରିସଂସ୍ଥା ନିକଟରେ ପ୍ରାଣୀ ଚିକିତ୍ସାଳୟର ସ୍ଥାପନ ହେବ ଆବଶ୍ୟକ ! ୬) ପ୍ରଦୂଷଣ ହ୍ରାସ ନିମନ୍ତେ ପଦକ୍ଷେପ ଗ୍ରହଣ ଏବଂ ଜଳୀୟ ପରିସଂସ୍ଥାକୁ ପ୍ରଦୁଷକେ ପଦାର୍ଥର ନିର୍ଗମନର ନିବାରଣ ହେବ ଆବଶ୍ୟକ ! ୭) ବନୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ଆବଶ୍ୟକ ! ୮) ପ୍ରଣୀତ ଆଇନ ସବୁକୁ କଠୋର ଭାବେ କାର୍ଯ୍ୟକାରୀ କରାଯିବ ଉପରେ ଗୁରୁତ୍ୱ ପ୍ରଦାନ କରାଯିବ ଉଚିତ ! ୯) ସାଧାରଣ ଓ ଗ୍ରାମୀଣ ଲୋକମାନଙ୍କୁ ଏଦିଗରେ ଯଥେଷ୍ଟ ସଚେତନ କରାଯିବାର ଆବଶ୍ୟକତା ରହିଛି ! ୧୦) ରାଜନୈତିକ ନେତା ଏବଂ ସରକାରୀ ଅଧିକାରୀମାନଙ୍କର ପରିସଂସ୍ଥା ପୁନରୁଦ୍ଧାର ନିମନ୍ତେ ପ୍ରତିଶୃତିବଦ୍ଧତାରେ ବୃଦ୍ଧିର ଆବଶ୍ୟକତା ରହିଛି !

ପ୍ରକୃତିର ଶ୍ରେଷ୍ଠ ଜୀବ ମନୁଷ୍ୟ ଏପର୍ଯ୍ୟନ୍ତ ଭିଭିନ୍ନ କ୍ଷେତ୍ରରେ ବହୁବିଧ ଉନ୍ନତି ସାଧନ କରିଛି ଏବଂ ଅର୍ଥନୈତିକ ପ୍ରଗତିରେ ଏବେ ଶୀର୍ଷ ସ୍ଥାନରେ ଉପନୀତ ହୋଇଛି ! କିନ୍ତୁ ଏବେ ସମୟ ଆସିଛି ତଥା ଆଜିର ଏହି ପରିବେଶ ଦିବସର ଉଦ୍ଦେଶ୍ୟ ମଧ୍ୟ ଏହା ଯେ, ଆମେ ସମସ୍ତେ ପରିସଂସ୍ଥା ମାନଙ୍କର ରକ୍ଷଣାବେକ୍ଷଣ ସହ ଏହାର ପୁନରୁଦ୍ଧାର ଦିଗରେ ମଧ୍ୟ ଯତ୍ନବାନ ହେବାର ସମୟ ଆସିଛି ! ଏଥିରେ ସମସ୍ତଙ୍କର କଲ୍ୟାଣ ରହିଛି !

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଏଇ ବନର ଛାଇ ...



**ଡଃ. ଦ୍ୱିତୀଚନ୍ଦ୍ର ସାହୁ**

ଗାଁ ମୁଖିଆ ଭାରିଖୁସି । ତାର ଗୋଟେ ବୋଲି ପୁଅ ଦାନା ସିଂ ପାଠ ପଢୁଛି । ସହର ପାଖ ଏକ ହଷ୍ଟେଲ ସ୍କୁଲରେ ସେ ପାଠ ପଢୁଛି । ଅଷ୍ଟମ ଶ୍ରେଣୀ ପଢୁଥିବା ଦାନା ସିଂ ଖରାଛୁଟିରେ ଗାଁକୁ ଫେରିଥାଏ । ଖରାଦିନ ହେଲେ ଗାଁରେ ବୈଠକ ହୁଏ । ବୈଠକରେ ନିଷ୍ପତ୍ତି ନିଆଯାଏ କିଏ କେଉଁ ଜଙ୍ଗଲ କାଟିବ । ନୁଆଡଙ୍ଗର ଚାଷ କରିବ । ବୈଠକରେ ରାଜି ନହେଲେ ବଣକୁ ଛୁଇଁପାରିବନି ଗାଁର ଲୋକେ । ଦାନା ସିଂର ବିଦ୍ୟାଳୟରେ ବର୍ଷା ମାସ ବେଳକୁ ବନ ମହୋତ୍ସବ ହୋଇଥିଲା । ବହୁତ ବଡ ବଡ ଅଫିସର, ଫରେଷ୍ଟର, ଗାର୍ଡ ଆସି ଗଛ ଲଗେଇବାର ଉପକାରିତା ସମ୍ପର୍କରେ ବୁଝେଇଥିଲେ । ଆଉ ଟିଭି ଜରିଆରେ ସିନେମା ବି ଦେଖେଇଥିଲେ ଜଙ୍ଗଲ କେମିତି ନଷ୍ଟ ହେଉଛି । ତାରି ଯୋଗୁଁ କି କି ବିପଦ ମଣିଷକୁ ଭୋଗିବାକୁ ପଡୁଛି ।

ବୈଠକରେ ତାର ବାପା ମୁଖିଆ ଭାବେ ବସିଥିଲା । ତାରି ଚାରିପଟେ ସଦର ଦାଣ୍ଡରେ ବସିଥିଲେ ଗାଁ ଲୋକେ । ଗାଁର ଶମ୍ଭୁ, ଟିଲିହା, ରତନୁ, ଜାମା ନିଜ ନିଜର ଅସୁବିଧା ମୁଖିଆକୁ କହିଲେ । ନୂଆ ଡଙ୍ଗର ଜମି କରିବାକୁ ଅନୁମତି ମାଗିଲେ । ଗାଁର ବାକି ଲୋକ ସେମାନଙ୍କ ଅସୁବିଧା କଥାକୁ ସମର୍ଥନ କଲେ । ମୁଖିଆ ଶେଷରେ ନିଷ୍ପତ୍ତି ଶୁଣେଇବେ । ଗାଁର କୋଉ ପଟ ପାହାଡରୁ ଜଙ୍ଗଲ କଟାହେବ । ଡଙ୍ଗର ପୂଜାକରି ଜଙ୍ଗଲ ହାଣିବାକୁ ହେବ ।

ଏତିକିବେଳେ ଦାନା ସିଂ ମୁଖିଆ ନିକଟକୁ ଆସି କହିଲେ- ଆମ ଗାଁ ପାଖ ଡଙ୍ଗର ଯଦି ଏମିତି କାଟିଦେବା କିଛିଦିନ ଭିତରେ ପଦା ହୋଇଯିବ । ଖରାଦିନେ ଆମକୁ ଜବର ଖରା ଲାଗିବ । ଗାଁ ତାତିଯିବ । ଝୋଲା ଝରଣା ଶୁଖିଯିବ ।

ଟିଲିହା କହିଲା- ଗଛ କାଟିଲେ ବଣରେ ଆହୁରି ଗଛ ଅଛି । କିଛି ହେବନି । ନୂଆ ଗଛ କଅଁଳିବ । ବଣ କେବେ ମରିବନି ।

ଦାନା ସିଂ କହିଲା- ବା' ତ କହୁଥିଲା ଆଗରେ ଘରକୁ ଲାଗି ବଣ ଥିଲା । ବାଘ, ଭାଲୁ, ହାତୀ ଗାଁକୁ ଆସି ଯାଉଥିଲେ । ଏବେ ବଣ ଟିକେ ଦୂରକୁ ପଳେଇଛି ଦେଖ । ଆଉ ଗୋଟେ କଥା ହେଲା ଆମେ ଯେତେ ଗଛ କାଟୁଛୁ ସେତିକି ଗଛ ଲଗାଉଛୁ କି ? ଲଗାଉନୁ ନା ! ଗଛ ନ ଲଗେଇଲେ ବଣ ତିଆରି ହେବ କେମିତି ।

ମୁଖିଆ ପଚାରିଲା- ହେଲେ ବାବୁ ! ବଣ ନ କାଟିଲେ ଆଦିବାସୀ ବଞ୍ଚିବେ କିମିତି ?

ଦାନା ସିଂ କହିଲା- ଗାଁ ଠାରୁ ଦୂରରେ ଥିବା ବଣରୁ ଯେତିକି ଲୋଡା ସେତିକି ଗଛ କାଟିବାକୁ ହେବ । ମନ ଇଚ୍ଛା ବଣ କାଟିବାକୁ ହେବନି । ବର୍ଷା ଦିନରେ କିନ୍ତୁ ପୁରୁଣା ଡଙ୍ଗର ଜମିରେ ନୂଆଗଛ ଲଗେଇବାକୁ ହେବ । ତେବେ ଯାଇ ବଣ କମିବନି । ଆମ ପ୍ରକୃତି ନଷ୍ଟ ହେବନି । ମୁଖିଆ ହିସାବରେ ତୁମେ ଗାଁଲୋକଙ୍କୁ ନୂଆ ଗଛ ବାଧକରି ଲଗେଇବାକୁ ବୈଠକରେ ସମସ୍ତଙ୍କୁ କହିବାକୁ ହେବ ।

ଦାନା ସିଂର କଥା ମୁଖିଆ ଓ ଗାଁ ଲୋକଙ୍କ ମନକୁ ପାଇଲା । ଏତିକିବେଳେ ପାଖ ଗାଁର ଜଣେ ଆଦିବାସୀ ବୁଢା ଆସିଲା । ଗଛ ଛାଇରେ ବସିଲା ଓ ନିଜ ଗାମୁଛାରେ ମୁହଁ ପୋଛି ପୋଛି କହିଲା – ଆହାଃ ! ତମର ଗାଁ କେତେ ଥଣ୍ଡା ଲାଗୁଛି । ବଣ ପାଖରେ ଅଛି । ଆମ ଗାଁ ଚାରିପଟେ ନଣ୍ଡା ପାହାଡ଼ । ଗଛବୃଛ ନାହିଁ ବୋଲି କି ଗରମ ।

ଦାନା ସିଂ ଏଥର କହିଲା- ଜେଜେ ! ଠିକ୍ କହିଲ ! ଏଇ ବନର ଛାଇ ... ମନକୁ କରେ ହାଇ !

ଏଥର ସମସ୍ତେ ହସି ଉଠିଲେ ।

*୬୬- ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ-୭୬୫୦୦୧*
*ମୋ -୯୪୩୭୯୦୯୬୭୧*

# ମମତାମୟୀ ମାଆ

**ପ୍ରଫୁଲ୍ଲ କୁମାର ସାହୁ**



କରୁଣାମୟୀ ସେନେହମୟୀ
ମମତାମୟୀ ମାଆ,
ଆସିଲେ ଯେତେ ବିପଦ ଝଡ଼
ପିଲାଙ୍କୁ ହୁଏ ସାହା ।୧

ଶୁଭ ମନାସି ଦୀପ ଜଳାଏ
ଦିଅଁଙ୍କ ପାଶେ ଯାଇ ।୨

ହେଉବା ଦିନ ହେଉବା ରାତି
ନିଜ ପିଲାଙ୍କ ପାଇଁ,
ନିଜେ ନ ଖାଇ ଖୁଆଇ ଥାଏ
ପିଲାଙ୍କ ମନ ଜାଣି,
ପିଲାଙ୍କ ପାଇଁ ସାଇତି ଥାଏ
କେତେ ଜିନିଷ ଆଣି ।୩

ନିଜ ପିଲାର ଯତନ ନେଇ
ସାନରୁ କରେ ବଡ଼,
ହୃଦୟ ତାର ବଡ଼ କୋମଳ
ପିଲାଙ୍କର ସେ ବାଡ ।୪

ପିଲାଙ୍କ ଦେହ ଗଲେ ବିଗିଡ଼ି
ପାଖରେ ଜଗି ରହେ,
ଔଷଧ ଦେଇ ପଥି ଖୁଆଇ
କେତେ ଯତନ ନିଏ ।୫

ପିଲାଙ୍କ ଖୁସି ଆଖିରେ ଦେଖି
ନିଜେ ହୁଏ ସେ ଖୁସି,
ଦୁଃଖ ବେଳରେ ଦିଏ ସାହସ
ପିଲାଙ୍କ ପାଖେ ବସି ।୬

ମାଆ ନାମଟି ଅଟେ ଅଭୁଲା
କିଏ ପାରିବ ଭୁଲି,
ଦୂରରେ ଥିଲେ ତା ମୁଖ ସଦା
ଆଖିରେ ନାଚେ ଖାଲି ।୭

*ଯଦୁ ମାଳତୀ କୃପା ନିବାସ, ଶକ୍ତି ବିହାର/ବାଲିପଡ଼ା, ମାହାଙ୍ଗା, କଟକ- ୭୫୪୨୦୭*
*ମୋ- ୭୬୦୯୦୪୪୩୮୩*

# ରହିବାକୁ ଭଲଲାଗେ ମାଟି ଚାଳଘରେ

**ନଳିନୀ ଦାଶ**



ବାପା ହାତେ ଗଢ଼ିଛନ୍ତି ମାଟି ଚାଳଘର
ସେହି ଘରେ ରହିଥାଉ ଆମ ପରିବାର
ବୋଉ ମୋର ଲିପିପୋଛି ରଖେ ପରିଷ୍କାର
ଘର ଆମ ଲାଗିଥାଏ ସରଗୁ ସୁନ୍ଦର
ମାଠିଆରେ ପାଣି ରଖି ପିଇବାକୁ ଦିଏ
ଥଣ୍ଡାପାଣି ପିଇ ମନେ ଶାନ୍ତି ଭରିଯାଏ
ଚୁଲିଜାଳି ଭାତ ରାନ୍ଧେ ମାଟିର ହାଣ୍ଡିରେ
ଡାଲି କ୍ଷୀରି ତରକାରୀ ବାଢଇ ଖୁସିରେ
ଚାଳପରେ ମାଡ଼ିଥାଏ ନାନା ଜାତି ଲତା
କବାଟରେ ଆଙ୍କିଅଛି ପଶୁପକ୍ଷୀ ଚିତା
ସଞ୍ଜବେଳେ ପଢିଥାଏ ଭାଗବତ ଗୀତା
ଠାକୁରଙ୍କ ପାଶେ ଜାଳେ ସେ ସଞ୍ଜ ସଳିତା
ଭଲିଭଲି ଗଛ ବୋଉ ହାତେ ଲଗାଇଛି
ବଢ଼ି ଯାଇ ପରିବେଶ ସ୍ୱଚ୍ଛ ରଖିଅଛି
ସୁନ୍ଦର ବଗିଚା ଯତନରେ ଗଢିଅଛି
ଫୁଲଫୁଟି ଚଉଦିଗ ଶୋଭା ପାଉଅଛି
ଘରପଛେ ଲଗାଇଛି ପରିବା ଓ ଶାଗ
ଜାତି ଜାତି ଶାଗ ଖାଇ ରହିଛୁ ନିରୋଗ
ପରିବାକୁ ତୋଳି ଆଣି ରାନ୍ଧେ ଦେଇ ରାଗ
ବଡ଼ି ଭାଜି ଭାତବାଢେ କରି କେତେ ପାଗ
ରବିଉଦେ ହେଲେ ପଡେ କଅଁଳ କିରଣ
ଘର ଆଗେ ଘେରି ଯାଏ ଫୁଲର ତୋରଣ
ପ୍ରଜାପତି ଉଡିଆସେ କରି ଗୁଞ୍ଜରଣ
ଜହ୍ନ ଉଇଁ ଢ଼ାଳିଦିଏ ସଫେଦ କିରଣ
ଗଛ ଦିଏ ଛାଇ ସାଥେ ଶୀତଳ ପବନ
ସେହିଘରେ କଟିଯାଏ ସୁଖେ ଆମ ଦିନ ।



*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୯୬୬୪୯*

# ଅ, ଆ, ଇ

**ରମାକାନ୍ତ ଦାସ**

ଅ, ଆ, ଇ
ବହିପତ୍ର ସବୁ ସଜାଡି ରଖିବା
ନହେଲେ ଖାଇଯିବ ଉଇ

ଈ, ଉ, ଊ
ମିଠା ଲାଗେ ନାଲିଆମ୍ବ
ଖଟା ଲାଗେ ଓଉ

ଋ, ୠ, ଏ
କାଉ ରାବେ କା କା
କୋଇଲି ଗୀତ ଗାଏ

ଐ,ଓ, ଔ
ତଟକା ପରିବା ବଜାରୁ ଆଣିବା
ନିତି ଖାଇବା ହେଉ

କ, ଖ, ଗ
ବରଷା ହେଲେ ମୟୂର ନାଚେ
ମାଛ ଖାଏ ବଗ

ଛ, ଜ, ଝ
ଠେକୁଆ ଖାଏ ଘାସ ପତର
ହାତୀ ବୁହାଏ ବୋଝ

ଞ , ଟ, ଠ
ସକାଳୁ ନିତି ସଅଳ ଉଠି
ପଢ଼ିବା ଆମେ ପାଠ

ଡ, ଢ଼, ଣ
ଗଛ ଅଟଇ ଆମରି ବନ୍ଧୁ
ନଷ୍ଟ କରିବନି ବଣ

ତ, ଥ, ଦ
ଗାଁ ରାସ୍ତା ସମତୁଲ କରିବା
ନହେଲେ ଖସିବ ପାଦ

ଧ, ନ, ପ
ସବୁଦିନ ଆମେ ସତ କହିବା
ମିଛ କହିବା ପାପ

ଫ, ବ, ମ
ବାପା ମାଆ ଆମ ଚଳନ୍ତି ଈଶ୍ୱର
କେହି ହେବେନି ତାଙ୍କରି ସମ

ଯ, ର, ଳ
କୃଷକ ଭାଇ ଚାଷ କରଇ
ଲଙ୍ଗଳରେ କରେ ହଳ

ୱ,ଶ, ଷ
ଖରା ବରଷା ନଡରି
ଚଷାଭାଇ କରେ ଚାଷ

ସ, ହ, କ୍ଷ
ଦୂର ପାହାଡ ଦିଶେ ସୁନ୍ଦର
ବହୁଥାଏ ଝରଣାର ସୁଅ

ୟ, ଲ
ଓଡ଼ିଆ ଆମର ମାତୃଭାଷା
କେହି ତାକୁ ନ ଭୁଲ ।

*ନନ୍ଦିଗ୍ରାମ, ନାଉଗାଁ,ଜଗତସିଂହପୁର*
*ମୋ - ୯୬୬୮୮୧୫୩୬୯*

# ଅତୁଟ ବନ୍ଧନ

**ସୁରମା ମିଶ୍ର**



ବିତି ଯାଉଅଛି ଖରାଛୁଟି ଏବେ
ଖୋଲିଯିବ ବିଦ୍ୟାଳୟ
ଛୁଟି ହୋମୱାର୍କ କରିକରି ମୋର
ଚାଲିଯାଉଛି ସମୟ

ଯାଇପାରି ନାହିଁ ମାମୁଁ ଘରକୁ ମୁଁ
ପାଠପଢା ସରୁନାହିଁ
ମାମୁଁ ଘରେ ତେଣେ ମାମୁଁ ମାଇଁ ମୋର
ବସିଥିବେ ବାଟ ଚାହିଁ

କେତେ ଆଶା ଥିଲା ଖରାଛୁଟିଟା ମୁଁ
କଟାଇବି ମାମୁଁ ଘରେ
ସବୁ ସ୍ୱପ୍ନ ମୋର ସ୍ୱପ୍ନରେ ରହିଲା
ବସିଛି ମନ ଦୁଃଖରେ

ବାପା କହିଲେ 'ମୋ ଧନଟା ପରାରେ
ମନ ମାରି ବସ ନାହିଁ
ଅଫିସରୁ ଦିନେ ଛୁଟି ଆଣି ମୁହିଁ
ନେବିରେ ତତେ ବୁଲାଇ'

ନାଇଁ ନାଇଁ ନାଇଁ ଯିବିନାହିଁ ମୁହିଁ
ସେଠାକୁ ଦିନକ ପାଇଁ
ଦିନକରେ ମୋର ମନ ମାନିବନି
ଯିବି ତେବେ କାହିଁପାଇଁ

ପାଠର ଚାପରେ ମନଟା ମୋହର
ଲାଗୁଛି ବଡ ଅସ୍ଥିର
ମାମୁଁ ଘର ଗାଁ ଶୀତଳ ପରଶେ
କ୍ଲାନ୍ତି ହୋଇଥାନ୍ତା ଦୂର

ମାମୁଁ ମାଇଁଙ୍କର ସେନେହ ଆଦର
କରିଦିଏ ମୋତେ ବଶ
ଭାରି ଭଲଲାଗେ ଶୁଣିବାକୁ ମୋତେ
ଅଜାଙ୍କର ଉପଦେଶ

ପାଖେଇ ଆସୁଛି ରଜ ପରବଟା
ମାମୁଁ ଘରେ ହୁଏ ପୂଜା
ରଜଦୋଳି ଖେଳି ପିଠାପଣା ଖାଇ
କରିଥାନ୍ତି କେତେ ମଜା

ମାମୁଁଘର ସ୍ମୃତି ଭୁଲି ପାରୁନାହିଁ
ସେତ ଅତୁଟ ବନ୍ଧନ
ଯାଇନାହିଁ ବୋଲି ମାମୁଁ ଘରକୁ ମୁଁ
ବ୍ୟାକୁଳ ହେଉଛି ମନ ।

*ବିଏଲ-୩୯, ଭିଏସଏସ ନଗର, ଭୁବନେଶ୍ୱର*
*ମୋ- ୯୮୫୩୩୪୩୯୬୫*

# ଚାରା ପୋତିଦିଅ ମାଟିରେ

**ଜଗଦୀଶ ସାହୁ**



ଗମଗମ ହୋଇ ଝାଳ ବୋହିଯାଇ
ଟପଟପ ପଡ଼େ ମାଟିରେ
ପିଲାଏ ଶୁଣିଲେ ଗୁରୁଜୀ କହିଲେ
ସମସ୍ତଙ୍କୁ ବଡ଼ ପାଟିରେ !
ଅମାନିଆ ହୋଇ ବାହାରକୁ ଯାଇ
ବୁଲ ନାହିଁ କେହି ଛୁଟିରେ
ମାନି ଆମ କଥା ଖଟେଇକି ମଥା
ପାଠପଢ଼ ରହି କୁଟୀରେ !
ନ କରିଣ ଡେରି ଜଙ୍ଗଲ ତିଆରି
କର ଚାରାପୋତି ମାଟିରେ
ଆସିବ ସମୟ ଅଂଶୁଘାତ ଭୟ
ଆପେ ଆପେ ଯିବ ତୁଟିରେ !

*ସଂଜପଡା, ହିନ୍ଦୋଳ, ଢେଙ୍କାନାଳ-୭୫୯୧୨୮*
*ମୋ-୯୦୭୮୧୮୫୬୧୬*

# ଶିଶୁ ଗୀତ

**ଡଃ ସନ୍ତୋଷ କୁମାର ପଣ୍ଡା**

ମ୍ୟାଉଁ ମ୍ୟାଉଁ କରେ ପୁଷିନାନୀ
କାଉ କରେ କାଆ, କାଆ,
ଖାଇଦେ ଧନ, ଖାଇଦେ ସୁନା
ପାଟି କରି ଟିକେ ଆଁ..
ହାତୀ ଭାଇନା ଆଣିବେ ଅନା
ବେଲୁନ ତ ନାଲି, ନେଳି,
ଗେଣ୍ଡୁ ଖେଳିବ, ହସି ଗଡ଼ିବ
ଦୁଇ ହାତେ ମାରି ତାଳି
ହନୁ ଅଜାଙ୍କୁ ସାଥୀରେ ନେଇ
ଆସିବେରେ ବାଘ ମାମୁ,
କୁଲୁ ପାଇଁକି ଆଣିବେ କୋଳି
ଆମ୍ବ, ଲିଚୁ ଆଉ ଜାମୁ
ବିଲୁଆ ନନା ଧରି ଖେଳଣା
ସଅଳ ଆସିବେ ଧାଇଁ,
କୁଲୁ ହାତରେ ଧରାଇ ଦେଇ
ସଅଳ ଯିବେ ପଳାଇ ।

*ପ୍ରଧାନାଚାର୍ଯ୍ୟ ଓ ପ୍ରକଳ୍ପ ପ୍ରମୁଖ ସରସ୍ୱତୀ ବିଦ୍ୟା ମନ୍ଦିର, (ଆବାସିକ) କେଶବଧାମ, ଗତିରାଉତପାଟଣା, କଟକ*

# ସବୁତ ଆମରି ପାଇଁ

**କୀର୍ତ୍ତନ ସାହୁ**



ସକାଳ ସୂରୁଜ କଅଁଳ କିରଣେ
ହସି ଉଠେ ଆମ ଗାଆଁ
ତା ମଧୁର ଭାବ ହୃଦେ ବୋଳି ଆମ
ଚଲା ପଥେ ହୁଏ ସାହା

ଛିଟ ପାଟ ପିନ୍ଧି ପରଜାପତିଟି
ଡେଇଁ ବୁଲେ ଫୁଲେ ଫୁଲେ
ଏମିତି ସୁନ୍ଦର ଶୋଭା କାହିଁ ଅଛି
ମିଶିବ ତାହାର ତୁଳେ

କିଏ ଦେବ ମୂଲ ମାଆର ମମତା
ବାପାଙ୍କ ଆଦର୍ଶ ବୋଧ
ଜୀବନରେ ଆମେ କରି ପାରିବା କି
ଋଣ ତାଙ୍କ ପରିଶୋଧ

ନିର୍ମଳ ଆକାଶେ ହସି ଉଠି ଜହ୍ନ
ଜୋଛନା ବିଛାରି ଦିଏ
ହୃଦୟେ ଆମର ମିଠା ଭାବ ଦେଇ
ମନ ଆମ କିଣି ନିଏ

ଗଛ ଲତା ପାଣି ପବନ ଭରିଛି
ସୁନ୍ଦର ପ୍ରକୃତି ଦେହେ
ଏଇ ସବୁ ନେଇ ଜୀବନ ଆମର
ଆଦରିବା ତାଙ୍କୁ ସ୍ନେହେ

କେତେ କେତେ କଥା ଗଢି ଦେଇଛନ୍ତି
ସୃଷ୍ଟିକର୍ତ୍ତା ଆମ ପାଇଁ
ଭଲ ଭାବ ନେଇ ଆଦରି ପାରିଲେ
ସଫଳ ହୋଇବା ଯାଇ ।

*ମିଶ୍ର କଲୋନୀ,ଶାଳପଡ଼ା,କେନ୍ଦୁଝର*
*ଦୂରଭାଷ- ୯୪୩୮୪୧୪୭୦୧*



# ସମୟ....

**ଗୋପୀନାଥ ଦାଶ**

ସମୟ କେବେ ନିଜର ହୁଏ
କେବେ ହୁଏ ସେ ଅନ୍ୟର,
ସମୟ ପାଖେ ନଥିଲେ ପରା
ନିଜ ଲୋକ ହୁଏ ପର
ସମୟ ଚକରେ ମିଳେ କେବେ
ସୁନେଲି ଫୁଲର ଶେଜ,
ସମୟ ଛାଡଇ ହାତ ଯେବେ
ମିଳେନି ଟିକିଏ ପେଜ
ସମୟ କେବେ କାହାର ହୁଏ
ଆଗରୁ ପଡ଼େନି ଜଣା
ସମୟ ଟିକେ ଆଦରି ନେଲେ
ମହତ ହୁଏନି ଊଣା
ସମୟ ସହିତ ତାଳ ଦେଇ
କାମ ଆମେ କରିଯିବା
ସମୟ ଯଦି କରିବା ନଷ୍ଟ
ଅଲୋଡ଼ା ଆମେ ହେବା
ସମୟ ପ୍ରତି ସତର୍କ ହେବା
ପାଠ କରିବାନି ଊଣା
ମନ ଦେଇ ଅଭ୍ୟାସ କରିବା
ବଡ ଲୋକେ ହେବା ଗଣା ।

*ବରପାଲିପଡା, ବଲାଙ୍ଗୀର*
*ମୋ-୬୩୭୧୮୦୫୦୭୦*

# କହିବେ ସବୁ ସାବାସ

**ନୀଳମଣି ଚାନ୍ଦ**



ଝୁବୁ, ବୁବୁ ଘର ଜାଆଁଳା
ସିଏ ଦୁଇ ଭାଇ ଜାଆଁଳା
ତାଙ୍କ ଘର ପାଖେ ଛୋଟ ବାଡ଼ିଟିଏ
ଫଳଇ ପିଜୁଳି, ଅଁଳା

ଦୁହିଁଙ୍କୁ ତ ଚାରି ବରଷ
ସବୁବେଳେ ଖୁସି ହରଷ
ଜେଜେମା କହନ୍ତି ସ୍କୁଲକୁ ଯିବେ
ହୋଇଯାଉ ପାଞ୍ଚ ବରଷ

ଯଦି ଚକ ଖଣ୍ଡେ ପାଇଲେ
କାନ୍ଥ ପାଖକୁ ସେ ଧାଇଁଲେ
ଗାର, ଗୋଲ କରି ଚିତ୍ର ହେଲା କହି
ସେହି ଚିତ୍ର ଆଡ଼େ ଚାହିଁଲେ

ଏବେ ସେମାନଙ୍କ ଘରଟି
ଏ ଚିତ୍ରରେ ଭରପୂରଟି
ଯିଏ ମୋ କଥାକୁ ସତ ନ ମଣୁଛି
ଦେଖି ଆସୁ ଗୋଟେ ଥରଟି

ବସିଯିବ ତାଙ୍କ ପାଖରେ
ଧରିନେବ ତାଙ୍କୁ କାଖରେ
କହିବ ପଢିବା ସାଥେ ସାଥେ ଛବି
ଆଙ୍କିବ ଜୀବନ ଯାକରେ

ବାସ ବାସ ବାସ ବାସ
ହୁଅରେ ଯତୀନ ଦାସ
ଅବା ଦୀନନାଥ ପାଠୀ ପରି ହେଲେ
କହିବେ ସବୁ ସାବାସ୍ ।

*ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*

# ବସିବା ତା ସାଥେ ମିତ

**ସତ୍ୟ ନାରାୟଣ ପ୍ରଧାନ**



ଧରଣୀ ରାଣୀର ମମତା ପାଇଣ
କରିବା ମହତ କାମ
ଗଛ ଲତା ବୃକ୍ଷ ସଭିଏଁ ନିଜର
କରିବାନି ହାନିମାନ

ଆମରି ମଙ୍ଗଳ କରିବା ନିମନ୍ତେ
ସବୁ ହୋଇଛନ୍ତି ଠିଆ
ସୁଖରେ ହେଉ ଅବା ଦୁଃଖରେ ଥାଆନ୍ତି
ଯେତେ ଆସୁ ପଛେ ବାଆ

ପରିବେଶ କରି ସବୁଜ ସୁନ୍ଦର
ରଖିବା ଜାତିର ନାମ
ସାଙ୍ଗସାଥୀ ମେଳେ କରିବା ଆନନ୍ଦ
ଭୁଲି ଯାଇ ଅଭିମାନ

ଛୋଟ ପିଲା ବୋଲି ମାନିବାନି ହାର
ଚାଲିବା ସତ୍ୟର ପଥେ
ଦେଶ ସେବା ବ୍ରତ କରି ଜୀବନର
ପ୍ରକୃତି ରକ୍ଷାର ହିତେ

ମଣିଷ ନିଜର ସୁବିଧା ପାଇଁକି
କରୁଛି ନିତି ନିହତ
ଆଗାମୀ ବଂଶଜ ବଞ୍ଚିବେ ନିହାତି
ବସିବା ତା ସାଥେ ମିତ ।

*ଅଣ୍ଡିଆ, ଜେନାପୁର, ଯାଜପୁର-୭୫୫୦୨୩*
*ମୋ-୯୧୭୮୩୧୩୬୪୪*

# ତୁମ ତୂଳୀରୁ ...





ମନିଷା ପ୍ରିୟଦର୍ଶନି ଖଣ୍ଡେଇ , ଶ୍ରେଣୀ ଅଷ୍ଟମ
ବିବେକାନନ୍ଦ ଶିକ୍ଷା କେନ୍ଦ୍ର ବିସିପୁର,
ଉଦଳା ମୟୂରଭଞ୍ଜ

## ଫ୍ରେଞ୍ଚ ଓପନ

# ସେମିଫାଇନାଲରେ ଗଫ୍-ସ୍ୱିଟେକ୍



**ପ୍ୟାରିସ୍**

ଫ୍ରେଞ୍ଚ ଓପନ ଟେନିସ୍ ଗ୍ରାଣ୍ଡସ୍ଲାମ୍ ମହିଳା ସିଙ୍ଗଲ୍ସ ଇଭେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି କୋକୋ ଗଫ୍ ଓ ଇଗା ସ୍ୱିଟେକ୍। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟର ଚତୁର୍ଥ ରାଉଣ୍ଡ ମ୍ୟାଚ୍ ଜିତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଜର୍ମାନୀର ଆଲେକଜାଣ୍ଡାର ଜେଭ୍‌ରେଭ୍।

ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ତୃତୀୟ ସିଡ୍ ଆମେରିକାର କୋକୋ ଗଫ୍ ୪-୬, ୬-୨, ୬-୩ ସେଟ୍‌ରେ ଟ୍ୟୁନିସିଆର ଓନ୍ସ ଜାବେରଙ୍କୁ ପରାସ୍ତ କରିଛନ୍ତି। ଏହା ସହିତ କ୍ରମାଗତ ତୃତୀୟ ଗ୍ରାଣ୍ଡସ୍ଲାମ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗଫ୍ ୨୦୨୨ରେ ଗଫ୍ ଫ୍ରେଞ୍ଚ ଓପନ ଫାଇନାଲରେ ପ୍ରବେଶ କରିଥିବା ବେଳେ ଇଗା ସ୍ୱିଟେକ୍‌ଙ୍କ ନିକଟରୁ ପରାଜିତ ହୋଇଥିଲେ। ତେବେ ସ୍ୱିଟେକ ଅନ୍ୟ କ୍ୱାର୍ଟର ଫାଇନାଲରେ ମାର୍କେଟା ଭୋଣ୍ଡ୍ରୋସୌଭାଙ୍କୁ ହରାଇଥିବା ବେଳେ ୨୦୨୨ ଫାଇନାଲର ରି ମ୍ୟାଚ୍ ଦେଖିବାକୁ ମିଳିବ। ଜାବେରଙ୍କ ବିପକ୍ଷ ମ୍ୟାଚ୍‌ରେ ଗଫ୍ ପ୍ରଥମ ସେଟ୍‌ରେ ପରାଜିତ ହୋଇଥିଲେ। ତେବେ ଚମତ୍କାର ପ୍ରତ୍ୟାବର୍ତ୍ତନ ସହିତ ପରବର୍ତ୍ତୀ ଦୁଇ ସେଟ୍‌କୁ ଜିତି ନେଇଥିଲେ ଗଫ୍। ସେ ଅନ୍ତିମ ଶଟ୍‌ରେ ୧୮୪ କି.ମି. ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା ଇଗା ସ୍ୱିଟେକ୍ ଆଉ ଏକ ପ୍ରଭାବୀ ବିଜୟ ସହିତ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୨୦୨୨ ଫ୍ରେଞ୍ଚ ଓପନ ଚାମ୍ପିୟନ ସ୍ୱିଟେକ୍ ୬-୦, ୬-୨ ସେଟରେ ମାର୍କେଟା ଭୋଣ୍ଡ୍ରୋସୌଭାଙ୍କୁ ହରାଇଥିଲେ। ପ୍ରଥମ ସେଟ୍‌ରେ ଗୋଟିଏ ବି ପଏଣ୍ଟ ଅର୍ଜନର ସୁଯୋଗ ଦେଇ ନ ଥିଲେ। ସ୍ୱିଟେକ୍ ଦ୍ୱିତୀୟ ସେଟ୍‌ରେ ଭୋଣ୍ଡ୍ରୋସୌଭା ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ ସ୍ୱିଟେକ୍ ଏହାକୁ ଜିତି ନେଇଥିଲେ।

ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସର ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛନ୍ତି ଜର୍ମାନୀର ଆଲେକଜାଣ୍ଡାର ଜେଭ୍‌ରେଭ୍। ୫ ସେଟ୍‌ର କଷ୍ଟସାଧ୍ୟ ମ୍ୟାଚ୍‌ରେ ୪-୬, ୬-୧, ୫-୭, ୭-୬(୭/୨) ଓ ୬-୨ସେଟରେ ଡେନମାର୍କର ହୋଲଗର ୟୁରନଙ୍କୁ ପରାସ୍ତ କରିଥିଲେ। ଚତୁର୍ଥ ସେଟ୍‌କୁ ଟାଇବ୍ରେକରରେ ଜିତିବା ପରେ ଅନ୍ତିମ ସେଟକୁ ୬-୨ରେ ଜିତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ ଜେଭ୍‌ରେଭ୍।

# ଟି-୨୦ ବିଶ୍ୱକପ୍ : ଆୟର୍ଲାଣ୍ଡକୁ ୮ ୱିକେଟ୍‌ରେ ହରାଇଲା ଭାରତ

**ନ୍ୟୁୟର୍କ**

ନ୍ୟୁୟର୍କରେ ଚାଲିଥିବା ଆଇସିସି ଟି-୨୦ ବିଶ୍ୱକପରେ ଭାରତ ନିଜର ପ୍ରଥମ ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ୮ ୱିକେଟ୍‌ରେ ପରାସ୍ତ କରିଛି। ବୁଧବାର ଏହି ମ୍ୟାଚ୍‌ରେ ପ୍ରଥମ ବ୍ୟାଟିଂ କରିଥିବା ଆୟର୍ଲାଣ୍ଡ ମାତ୍ର ୯୬ ରନ କରି ଅଲଆଉଟ୍ ହୋଇଯାଇଥିଲା। ଫଳରେ ଭାରତ ଆଗରେ ୯୭ ରନର ଲକ୍ଷ୍ୟ ଥିଲା। ଅଧିନାୟକ ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ୧୨.୨ ଓଭରରେ ମାତ୍ର ୨ଟି ୱିକେଟ୍‌ରେ ବିଜୟ ଲକ୍ଷ୍ୟ ୯୭ ରନ୍ କରିନେଇଥିଲା। ଏହି ମ୍ୟାଚ୍‌ରେ ରୋହିତ ଶର୍ମା ୩୭ଟି ବଲ୍ ଖେଳି ୪ଟି ଚୌକା ଓ ୩ଟି ଛକା ମାରିଥିଲେ। ଏଥି ସହିତ ଭାରତ ଚଳିତ ଟୁର୍ଣ୍ଣାମେଣ୍ଟରେ ବିଜୟରୁ ଅଭିଯାନ ଆରମ୍ଭ କରିଛି।



ଏହି ମ୍ୟାଚ୍‌ରେ ଯୁବ ବ୍ୟାଟର ଋଷଭ ପନ୍ତ ବ୍ୟକ୍ତିଗତ ଭାବେ ଅପରାଜିତ ୩୬ ରନ୍ ସଂଗ୍ରହ କରିଥିଲେ। ସେ ୨୬ଟି ବଲ୍ ଖେଳି ୩ଟି ଚୌକା ଓ ୨ଟି ଛକା ମାରିଥିଲେ। ବିରାଟ କୋହଲି ୧ ରନ୍ ଓ ସୂର୍ଯ୍ୟକୁମାର ଯାଦବ ୨ ରନ୍ ସଂଗ୍ରହ କରି ପାଭିଲିଅନ୍ ଫେରିଯାଇଥିଲେ।

ନ୍ୟୁୟର୍କସ୍ଥିତ ନସାଉ କାଉଣ୍ଟି ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଭାରତ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ଆରମ୍ଭରୁ ଭାରତୀୟ ବୋଲରମାନେ ଆୟର୍ଲାଣ୍ଡର ବ୍ୟାଟ୍ସମାନଙ୍କୁ ଚାପରେ ରଖିଥିଲେ। ଫଳରେ ଆୟର୍ଲାଣ୍ଡ ନିୟମିତ ବ୍ୟବଧାନରେ ୱିକେଟ ହରାଇଚାଲିଥିଲା। ଦଳ ୭ ରନରେ ପ୍ରଥମ ୱିକେଟ ହରାଇଥିବାବେଳେ ୯ ରନରେ ୨ୟ ୱିକେଟ ହରାଇଥିଲା। ଦଳର ମଧ୍ୟକ୍ରମ ବି ସଫଳ ହୋଇପାରିନଥିଲା ଓ ବଡ଼ ସ୍କୋର କରିପାରି ନ ଥିଲା। ତେବେ ଗେରେଥ ଡେଲାନି ୨୬ ରନ କରିଥିବାବେଳେ ଜସୁଆ ଲିଟଲ ୧୪ ରନ କରିଥିଲେ।

ଭାରତ ପକ୍ଷରୁ ହାର୍ଦ୍ଦିକ ପାଣ୍ଡ୍ୟା ୩ଟି ୱିକେଟ ନେଇଥିବାବେଳେ ଯଶପ୍ରୀତ ବୁମରା ଓ ଅର୍ଶଦୀପ ସିଂ ୨ଟି ଲେଖାଏଁ ୱିକେଟ ନେଇଥିଲେ। ମହମ୍ମଦ ସିରାଜ ଓ ଅକ୍ଷର ପଟେଲ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

# ଉଗାଣ୍ଡା ବିପକ୍ଷରେ ୧୨୫ରନ୍‌ରେ ଜିତିଲା ଆଫଗାନିସ୍ତାନ

**ଗୁଏନା**

ଟି୨୦ ବିଶ୍ୱକପ୍‌ରେ ଉଗାଣ୍ଡା ବିପକ୍ଷରେ ୧୨୫ ରନର ବୃହତ୍ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ୨୦ ଓଭରରେ ୫ ଉଇକେଟ ହରାଇ ୧୮୩ ରନ୍ କରିଥିଲା। ଜବାବରେ ଫଜଲ୍ଲକ ଫାରୁକି ଚଳିତ ବିଶ୍ୱକପର ପ୍ରଥମ ୫ ଉଇକେଟ ସଫଳତା ନେବାରୁ ଉଗାଣ୍ଡା ମାତ୍ର ୫୮ ରନ୍‌ରେ ଅଲଆଉଟ ହୋଇଥିଲା। ପ୍ରୋଭିନ୍ସ ଷ୍ଟାଡ଼ିୟମରେ ଉଗାଣ୍ଡା ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ଆଫଗାନିସ୍ତାନ ପକ୍ଷରୁ ଦୁଇ ଓପନର ରହମାନୁଲ୍ଲା ଗୁରବାଜ(୭୬) ଓ ଇବ୍ରାହିମ୍ ଜଦ୍ରାନ(୭୦) ପ୍ରଥମ ଉଇକେଟରେ ୧୫୪ ରନ୍ ଯୋଡ଼ିଥିଲେ। ଗୁରବାଜ ୪୫ ବଲ୍ ଖେଳି ୪ଟି ଲେଖାଏଁ ଛକା ଓ ଚୌକା



ମାରିଥିଲେ। ଅନ୍ୟପକ୍ଷରେ ଇବ୍ରାହିମ୍ ୪୬ ବଲ୍ ଖେଳି ୯ ଚୌକା ଓ ୧ ଛକା ମାରିଥିଲେ। ମାତ୍ର ୪ ବଲ୍ ଓ ୨ ରନ୍ ବ୍ୟବଧାନରେ ଉଭୟ ଓପନର ଆଉଟ୍ ହେବା ପରେ ଆଫଗାନିସ୍ତାନର ରନ୍ ଗତି ସାମାନ୍ୟ ଧିମେଇ ଯାଇଥିଲା। ୧୫ ଓଭରରେ ୧୫୦ ରନ୍ ପାର କରିଥିଲେ ମଧ୍ୟ ଦଳ ଅନ୍ତିମ ୫ ଓଭରରେ ମାତ୍ର ୩୩ ରନ୍ କରିଥିଲା। ନଜିବୁଲ୍ଲା ଜଦ୍ରାନ୍ ୨, ଗୁଲବଦିନ ନାଇବ ୪ ଓ ଅଜମତଉଲ୍ଲା ଓମାରଜାଇ ମାତ୍ର ୫ ରନ୍ କରିଥିଲେ। ମହମ୍ମଦ ନବି ୧୪ ଓ ରଶିଦ୍ ଖାନ୍ ୨ ରନ୍‌ରେ ଅପରାଜିତ ରହିଥିଲେ। ଉଗାଣ୍ଡା ପକ୍ଷରୁ ବ୍ରାୟାନ ମସାବା ଓ କସମାସ କ୍ୱେୱାଟାୱା ଦୁଇଟି ଲେଖାଏ, ଅକ୍ଷେଶ ରାମଜାନି ଗୋଟିଏ ଉଇକେଟ ନେଇଥିଲେ।

ଜବାବରେ ଉଗାଣ୍ଡା ୧୬ ଓଭରରେ ୫୮ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ରବିନସନ୍ ଓବୁୟା ସର୍ବାଧିକ ୧୪ ଓ ରିଜତ ଅଲୀ ଶାହ ୧୧ ରନ୍ କରିଥିଲେ। ଏହି ୨ ଖେଳାଳିଙ୍କ ବାଦ୍ ଦେଲେ ଅନ୍ୟ କେହି ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଫଜଲ୍ଲକ ଫାରୁକି ଚଳିତ ବିଶ୍ୱକପର ପ୍ରଥମ ୫ ଉଇକେଟ ସଫଳତା ଅର୍ଜନ କରି ଉଗାଣ୍ଡାର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନବୀନ ଉଲ୍ ହକ ଓ ରଶିଦ୍ ଖାନ୍ ଦୁଇଟି ଲେଖାଏଁ ଉଇକେଟ ନେଇଥିଲେ। ଫଜଲ୍ଲକ ଫାରୁକିଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

ସଂକ୍ଷିପ୍ତ ସ୍କୋର : ଆଫଗାନିସ୍ତାନ ୨୦ ଓଭରରେ ୧୮୩/୫ (ରହମାନୁଲ୍ଲା ଗୁରବାଜ-୭୬, ଇବ୍ରାହିମ୍ ଜଦ୍ରାନ-୭୦, ମହମ୍ମଦ ନବି-୧୬, ବ୍ରାୟାନ ମସାବା-୨/୨୧, କସମାସ କ୍ୱେୱାଟାୱା-୨/୨୫, ଅକ୍ଷେଶ ରାମଜାନି-୧/୩୩) ଉଗାଣ୍ଡା ୧୬ ଓଭରରେ ୫୮/୧୦ (ରବିନସନ୍ ଓବୁୟା-୧୪, ରିଜତ ଅଲୀ ଶାହ-୧୧, ଫଜଲ୍ଲକ ଫାରୁକି-୫/୯, ନବୀନ ଉଲ୍ ହକ-୨/୪, ରଶିଦ୍ ଖାନ-୨/୧୨)।

## ଆଜି ଟି-୨୦ ବିଶ୍ୱକପ୍‌ରେ...

ପପୁ ନ୍ୟୁଗିନି ସହିତ ଉଗାଣ୍ଡା : ସକାଳ ୫ଟା
ଅଷ୍ଟ୍ରେଲିଆ ସହିତ ଓମାନ୍ : ସକାଳ ୬ଟା
ୟୁଏସ୍‌ଏ ସହିତ ପାକିସ୍ତାନ : ରାତି ୯ଟା

# ହକି ଇଣ୍ଡିଆ ପରିବାରରେ ନୂତନ ସଦସ୍ୟ ରୂପେ ଆର.କେ. ରାୟ ଏକାଡ଼େମୀ ସାମିଲ୍

**ନୂଆଦିଲ୍ଲୀ**

ଆରକେ ରାୟ ହକି ଏକାଡ଼େମୀକୁ ହକି ଇଣ୍ଡିଆ ପରିବାରରେ ନୂତନ ସଦସ୍ୟ ରୂପେ ସାମିଲ୍ କରାଯାଇଛି। ବିହାରର ପାଟନାସ୍ଥିତ ଆର.କେ. ରାୟ ହକି ଏକାଡ଼େମୀର ପ୍ରତିଷ୍ଠା ଅଭିଷେକ କୁମାର ଓ ଅରୁଣିମା ରାୟ କରିଥିଲେ, ଯାହାକି ନିଜ ଅଞ୍ଚଳରେ ହକି ଖେଳକୁ ଆଗକୁ ବଢାଇବା ଦିଗରେ କାର୍ଯ୍ୟ କରୁଛି। ଏହି ଏକାଡ଼େମୀ ବିଭିନ୍ନ ବର୍ଗର ସମୂହରେ ହକିର ଉତ୍କୃଷ୍ଟତାକୁ ବଢାଇବା, ସଂରଚିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରଦାନ କରିବା ଏବଂ ଯୁବ କ୍ରୀଡ଼ାବିତ୍‌ମାନଙ୍କୁ ନିଜର କୌଶଳ ବିକଶିତ କରିବା ଏବଂ ଉଚ୍ଚସ୍ତରୀୟ ପ୍ରଶିକ୍ଷଣ ପ୍ରଦାନ କରିବାର ଅବସର ପ୍ରଦାନ କରିବା ନେଇ ପ୍ରତିଶ୍ରୁତିବଦ୍ଧ। ତେବେ ଏହି ନୂତନ ବ୍ୟବସ୍ଥା ଦ୍ୱାରା ବିହାରରେ ହକିର ବିକାଶକୁ ପ୍ରୋତ୍ସାହନ ମିଳିବା ଆଶା କରାଯାଉଛି।

# ଲକ୍ଷ୍ମୀ ବସ୍ ଚଳାଚଳ ବିଳମ୍ବ କାହିଁକି ?

**ମୂଷାଟିକିରି, ନ୍ୟୁଜ୍‌ବ୍ୟୁରୋ**

ଏନ.ଏନ.ଏସ-ବଡ଼ଚଣା ବ୍ଲକ, ଅନ୍ତର୍ଗତ କୋଲଣଗିରି, ମୂଷାଟିକିରି, ରାମଦାସପୁର, ରଇପୁର, ବାଲିକୁଦା, ଗୋପାଳପୁର, ଉଦୟଗିରି ଚରିନଙ୍ଗଳ, ମାଣ୍ଡୁକା ରାସ୍ତା ପାର୍ଶ୍ୱ ଆଠଗୋଟି ପଞ୍ଚାୟତର ଗମନାଗମନ ସେବାରେ ଲକ୍ଷ୍ମୀ ବସ୍ ଚଳାଚଳ କରାଯିବାକୁ, ସ୍ଥାନୀୟ ଅଞ୍ଚଳର ବରିଷ୍ଠ ସ୍ୱେଚ୍ଛାସେବୀ, ମା'ମାନଙ୍କ ପକ୍ଷରୁ ଦାବିମାନ ହୋଇଆସିଛି। ବ୍ଲକ୍‌ର ଦାୟିତ୍ୱରେ ଥିବା କୋ-ଅର୍ଡିନେଟର, ଜିଲ୍ଲା ଡି.ଟି.ଏମ୍‌ଙ୍କ ସହ ଯୋଗାଯୋଗ କରି ତୁରନ୍ତ ରୁଟ୍ ପରମିଟ୍ କରାଇ, ଲକ୍ଷ୍ମୀ ବସ୍ ସେବା ଯୋଗାଇବାକୁ ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ନାଥ ମହାପାତ୍ର ଦାବି କରିଛନ୍ତି। ଏଥି ପ୍ରତି ଯାଜପୁର ଡି.ଟି.ଏମ୍.ଓ / ଆର.ଟି.ଓ. ଓ ଚଣ୍ଡୀଖୋଲ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଇବାକୁ, ହୀନସ୍ତା ଭୋଗ କରୁଥିବା ଯାତ୍ରୀ, ଉପକୃତ ହୋଇ ପାରିବେ ବୋଲି ସାଧାରଣରେ ନିବେଦନ କରିଛନ୍ତି । ଏଥିସହ ବଡ଼ଚଣା ବ୍ଲକ ସାଉଡ଼ିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମୂଷାଟିକିରି ଗ୍ରାମର ୧୩୦, ୧୨୩ ରିଟେଲର ରଘୁନାଥ ଦାସ ଏପ୍ରିଲ ମାସର ଅତ୍ୟାବଶ୍ୟକ ଚାଉଳ ଯୋଗାଣ ନଦବା ଫଳରେ ସାଧାରଣ ଅସନ୍ତୋଷ ଲାଗିରହିଥିବା ଦେଖାଯାଉଛି। ବିଡ଼ିଓ ବଡ଼ଚଣା ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଇବାକୁ ଗ୍ରାମବାସୀଙ୍କ ତରଫରୁ ଦାବିମାନ ହେଉଛି।

# ବ୍ରହ୍ମଗିରିରେ ଉପାସନା ମହାପାତ୍ରଙ୍କ ବିପୁଳ ବିଜୟ

**ପୁରୀ, ନ୍ୟୁଜ୍‌ବ୍ୟୁରୋ**

୧୦୮ ବ୍ରହ୍ମଗିରି ବିଧାନସଭା ଆସନରେ ବିଜେପି ପ୍ରାର୍ଥିନୀ ଉପାସନା ମହାପାତ୍ର ବିଜୟ ଲାଭ କରିଛନ୍ତି । ଉପାସନା ମୋଟ୍ ୯୫ ହଜାର ୧୭୫ ଭୋଟ୍ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡ଼ି ପ୍ରାର୍ଥୀ ଉମାକାନ୍ତ ସାମନ୍ତରାୟ ମୋଟ୍ ୮୫ ହଜାର ୫୫୩ ଭୋଟ୍ ପାଇଛନ୍ତି । ଉପାସନା ୯୬୨୨ ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି । ତାଙ୍କର ଏହି ବିଜୟ ଫଳରେ ବ୍ରହ୍ମଗିରି



ବ୍ଲକର ୨୫ ପଞ୍ଚାୟତ, କୃଷ୍ଣପ୍ରସାଦ ବ୍ଲକର ୧୪ ପଞ୍ଚାୟତ ଓ ପୁରୀ ସଦର ବ୍ଲକର ୧୧ ପଞ୍ଚାୟତବାସୀ ଆନନ୍ଦିତ ହେବା ସହ ନୂଆ ବିଧାୟିକା ଭାବେ ଉପାସନାଙ୍କୁ ସ୍ୱାଗତ କରିଛନ୍ତି ।

# ଦିଗପହଣ୍ଡିରେ ଅଭିନେତା ସିଦ୍ଧାନ୍ତ ଓ ଖଲ୍ଲିକୋଟ୍‌ରୁ ପୂର୍ଣ୍ଣଚନ୍ଦ୍ର ବିଜୟୀ



**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ଦିଗପହଣ୍ଡି ବିଧାନସଭା ଆସନରେ ବିଜେପି ପ୍ରାର୍ଥୀ ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ର ଦଶ ହଜାରରୁ ଅଧିକ ଭୋଟ୍‌ରେ ବିଜୟ ଲାଭ କରିଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ପୂର୍ବତନ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ରଙ୍କ ପୁତ୍ର ବିପ୍ଳବ ପାତ୍ରଙ୍କୁ ପରାସ୍ତ କରିଛନ୍ତି। ସେହିପରି ଖଲ୍ଲିକୋଟ ବିଧାନସଭା ଆସନରେ ବିଜେପି ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ବିଜୟ ଲାଭ କରିଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡ଼ି ପ୍ରାର୍ଥୀ ସୂର୍ଯ୍ୟମଣି ବୈଦ୍ୟଙ୍କୁ ପରାସ୍ତ କରିଛନ୍ତି।

# ବଲାଙ୍ଗୀର ବିଧାନସଭା ନିର୍ବାଚନରେ ବାଜି ମାରିଲେ କଳିକେଶ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ବିଧାନସଭା ଆସନରେ କଳିକେଶ ନାରାୟଣ ସିଂହଦେଓ କଂଗ୍ରେସ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ରଙ୍କ ଠାରୁ ଅଧିକ ଭୋଟ୍‌ପାଇ ବଲାଙ୍ଗୀର ନିର୍ବାଚନ ମଣ୍ଡଳୀରେ ବାଜିମାତ୍ କଲେ କଳିକେଶ। ବିଜେଡ଼ି ସମୁଦାୟ ୮୪୮୬୭ ଖଣ୍ଡ ଭୋଟ୍ ପାଇଥିବାବେଳେ କଂଗ୍ରେସ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ୭୧୪୧୭ ଖଣ୍ଡ ଭୋଟ୍ ପାଇଛନ୍ତି। ବିଜେପି ପ୍ରାର୍ଥୀ ଗୋପାଳଜୀଙ୍କୁ ମିଳିଛି ୨୪୬୬୯ ଭୋଟ୍। ତେବେ ପ୍ରଥମ ୧୦ ରାଉଣ୍ଡରେ କଂଗ୍ରେସ ପ୍ରାର୍ଥୀ ସମରେନ୍ଦ୍ର ଲିଡ୍ କରି ଚାଲିଥିଲେ। ୧୧ ନମ୍ବର ରାଉଣ୍ଡରୁ ଟ୍ରେଣ୍ଡ ପରିବର୍ତ୍ତନ ହୋଇଥିଲା ଏବଂ ଶେଷରେ ବିଜୟୀ ହୋଇଛନ୍ତି କଳିକେଶ ନାରାୟଣ ସିଂହଦେଓ।

# ଧର୍ମଶାଳାରେ ସ୍ୱାଧୀନପ୍ରାର୍ଥୀ ହିମାଂଶୁଶେଖର ସାହୁ ବିଜୟୀ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଧର୍ମଶାଳା ନିର୍ବାଚମଣ୍ଡଳୀରୁ ସ୍ୱାଧୀନପ୍ରାର୍ଥୀ ହିମାଂଶୁ ଶେଖର ସାହୁ ବିଜୟ ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ଯୁବ ଭୋଟର ମଧ୍ୟରେ ଅସମ୍ଭବ ଉତ୍ସାହ। ନିର୍ବାଚନମଣ୍ଡଳୀ ସାରା ସମର୍ଥକମାନେ ବାଣଫୁଟାଇ ସ୍ୱାଗତ କରିଛନ୍ତି। ବିଜେଡ଼ି ଗଡ଼



ଭାବେ ପରିଚିତ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ୩୦ ବର୍ଷ ଧରି ବିଜେଡ଼ି ଶାସନରେ ଥିଲା। ନିର୍ବାଚନ ଫଳାଫଳ ସବୁ ଓଲଟ ପାଲଟ କରିଦେଇଛି। ବିଜେଡ଼ି ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟ ମୋଟ୍ ୭୫,୬୦୯ ଖଣ୍ଡ ଭୋଟ୍ ପାଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ହିମାଂଶୁ ଶେଖର ସାହୁ ୭୯,୭୫୯ ଭୋଟ୍ ପାଇଛନ୍ତି। ୪,୦୧୨ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ବିଜେପି ପ୍ରାର୍ଥୀ ସ୍ମୃତିରେଖା ପହି ମୋଟ୍ ୧୫,୮୨୮ ଭୋଟ୍ ପାଇଛନ୍ତି। କଂଗ୍ରେସ ପ୍ରାର୍ଥୀ କିଶାନ ପଣ୍ଡା ୨,୯୨୧ଖଣ୍ଡ, ଏସୟୁସିଆଇ କେଦାରନାଥ ସାହୁ ୮,୪୪୦, ସତିଶ ବିଶ୍ୱାଳ ୯୪୪ ଖଣ୍ଡ ଭୋଟ୍ ପାଇଛନ୍ତି।

# ଘସିପୁରା ଓ ଆନନ୍ଦପୁରରେ ବିଜେଡ଼ି ବିଜୟୀ

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ଘସିପୁରା ବିଧାନସଭା ଆସନରେ ବିଜେଡ଼ି ପ୍ରାର୍ଥୀ ବଦ୍ରିନାରାୟଣ ପାତ୍ର ବିଧାୟକ ଭାବେ ଚଳିତ ନିର୍ବାଚନରେ ବିଜୟ ଲାଭ କରିଛନ୍ତି । ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସ୍ୱାଧିନ ପ୍ରାର୍ଥୀ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ୧୩ ହଜାର ୭୫୧ ଭୋଟ୍ ରେ ପରାସ୍ତ କରିଛନ୍ତି । ସେହିପରି ଆନନ୍ଦପୁର ବିଧାନସଭା ଆସନରେ ବିଜେଡ଼ି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ବିଜୟ ଲାଭ କରିଛନ୍ତି । ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଜୟଦେବ ଜେନାଙ୍କୁ ୧୧ ହଜାର ୨୫ ଭୋଟ୍ ରେ ପରାସ୍ତ କରିଛନ୍ତି ।

# ବ୍ରହ୍ମପୁର ଲୋକସଭା ଆସନରେ ବିଜେପି ପ୍ରାର୍ଥୀ ଡଃ. ପ୍ରଦୀପ କୁମାର ପାଣିଗ୍ରାହୀ ବିଜୟୀ

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**



ଗୋପାଳପୁର ବିଧାନସଭା ଆସନରେ ବିଜେପି ପ୍ରାର୍ଥୀ ବିଭୂତି ଭୂଷଣ ଜେନା ବିଜୟ ଲାଭ କରିଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ବିକ୍ରମ କୁମାର ପଣ୍ଡାଙ୍କୁ ୧୨ ହଜାର ୫୦୦ ଭୋଟ୍ ରେ ପରାସ୍ତ କରିଛନ୍ତି। ସେହିପରି ବ୍ରହ୍ମପୁର ବିଧାନସଭା ଆସନରେ ବିଜେପି ପ୍ରାର୍ଥୀ କେ.ଅନିଲ କୁମାର ବିଜୟ ଲାଭ କରିଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ତଥା ୪ଥର ବିଧାୟକ ଥିବା ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କୁ ପରାସ୍ତ କରିଛନ୍ତି। ଅନୁରୂପ ଭାବେ ଭଞ୍ଜନଗର ବିଧାନସଭା ଆସନରେ ବିଜେପି ପ୍ରାର୍ଥୀ ପ୍ରଦ୍ୟୁମ୍ନ ନାୟକ ବିଜୟ ଲାଭ କରିଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପୂର୍ବତନ ମନ୍ତ୍ରୀ ତଥା ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କୁ ପରାସ୍ତ କରିଛନ୍ତି। ସେହିପରି ବ୍ରହ୍ମପୁର ଲୋକସଭା ଆସନରେ ବିଜେପି ପ୍ରାର୍ଥୀ ଡଃ. ପ୍ରଦୀପ କୁମାର ପାଣିଗ୍ରାହୀ ବିଜୟ ଲାଭ କରିଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡ଼ି ପ୍ରାର୍ଥୀ ଭୃଗୁ ବକ୍ସିପାତ୍ରଙ୍କୁ ପରାସ୍ତ କରିଛନ୍ତି।

# ନିମାପଡ଼ାରୁ ବିଜେପି ପ୍ରାର୍ଥିନୀ ପ୍ରଭାତି ପରିଡ଼ା ବିଜୟୀ

**ପୁରୀ, ନ୍ୟୁଜ୍‌ବ୍ୟୁରୋ**

ନିମାପଡ଼ା ବିଧାନସଭା ଆସନରେ ବିଜେପି ପ୍ରାର୍ଥିନୀ ପ୍ରଭାତି ପରିଡ଼ା ବିଜୟ ଲାଭ କରିଛନ୍ତି । ପ୍ରଭାତି ୯୫ ହଜାର ୧୨୬ ଖଣ୍ଡ ଭୋଟ୍ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡ଼ି ପ୍ରାର୍ଥୀ ଦିଲ୍ଲୀପ କୁମାର ନାୟକ ୯୦ ହଜାର ୬୬୮ ଖଣ୍ଡ ଭୋଟ୍ ପାଇଛନ୍ତି । ପ୍ରଭାତି ପରିଡ଼ା ୪୪୫୮ ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି ।

# ଜଗତସିଂହପୁର ଓ ପାରାଦ୍ୱୀପରେ ବିଜେପି ଏବଂ ତିର୍ତ୍ତୋଲ ଓ ଏରସମା-ବାଲିକୁଦାରେ ବିଜେଡିର ବିଜୟ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟିଛି। ୨୦୨୪ ସାଧାରଣ ନିର୍ବାଚନ ଫଳାଫଳ ଆସିଯାଇଛି। ଜଗତସିଂହପୁର ୪ଟି ନିର୍ବାଚନ ମଣ୍ଡଳୀରୁ ୨ଟିରେ ବିଜେଡି ଓ ୨ଟିରେ ବିଜେପି ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି। ଜଗତସିଂହପୁର ନିର୍ବାଚନ ମଣ୍ଡଳୀରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲି, କଂଗ୍ରେସରୁ ପ୍ରତିମା ମଲ୍ଲିକ ଓ ବିଜେପିରୁ ଅମରେନ୍ଦ୍ର ଦାସ ପ୍ରତିଦ୍ୱନ୍ଦ୍ୱୀ କରୁଥିଲେ। ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରୁ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଫେସର ରମାକାନ୍ତ ଭୋଇ, ବିଜେପିରୁ ବିଧାୟକ ପ୍ରାର୍ଥୀ ରାଜକିଶୋର ବେହେରା, କଂଗ୍ରେସରୁ ଇଂ. ହିମାଂଶୁ ଭୂଷଣ ମଲ୍ଲିକ,



ପାରାଦ୍ୱୀପରୁ ବିଜେଡି ବିଧାୟକ ପ୍ରାର୍ଥୀନୀ ଗୀତାଞ୍ଜଳି ରାଉତରାୟ, ବିଜେପିରୁ ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁ, କଂଗ୍ରେସରୁ ନିରଞ୍ଜନ ନାୟକ, ଏରସମା-ବାଲିକୁଦାରୁ ବିଜେଡି ବିଧାୟକ ପ୍ରାର୍ଥୀ ସାରଦା ପ୍ରସାଦ ଜେନା, ବିଜେପିରୁ ବିଧାୟକ ପ୍ରାର୍ଥୀ ସତ୍ୟ ସାରଥୀ ମହାନ୍ତି, କଂଗ୍ରେସରୁ ବିଧାୟକ ନଳିନୀକାନ୍ତ ମହାନ୍ତି, ସ୍ୱାଧୀନ ପ୍ରାର୍ଥୀ ସଂଜୀବ ବିଶ୍ୱାଳ ପ୍ରତିଦ୍ୱନ୍ଦ୍ୱୀ କରୁଥିଲେ। ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁ ବିଜେଡି ବିଧାୟକ ପ୍ରାର୍ଥୀନୀ ଗୀତାଞ୍ଜଳି ରାଉତରାୟଙ୍କ ଠାରୁ ବିଜୟ ଲାଭ କରିଛନ୍ତି। ଜଗତସିଂହପୁର ନିର୍ବାଚନ ମଣ୍ଡଳୀରୁ ବିଜେପି ବିଧାୟକ ପ୍ରାର୍ଥୀ ଅମରେନ୍ଦ୍ର ଦାସ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲିଙ୍କ ଠାରୁ ୨୦ ହଜାରରୁ ଉର୍ଦ୍ଧ୍ୱ ଭୋଟ, ତିର୍ତ୍ତୋଲ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଫେସର ରମାକାନ୍ତ ଭୋଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପି ବିଧାୟକ ପ୍ରାର୍ଥୀ ରାଜକିଶୋର ବେହେରାଙ୍କ ଠାରୁ ବହୁ ବ୍ୟବଧାନରେ ବିଜୟଲାଭ କରିଛନ୍ତି। ଜଗତସିଂହ ପୁର ବିଜେପି ବିଧାୟକ ପ୍ରାର୍ଥୀ ଅମରେନ୍ଦ୍ର ଦାସଙ୍କ ବିଜୟଲାଭ ପରେ ତାଙ୍କ ଗୋପାଳସାଗର ସ୍ଥିତ ବାସଭବନରେ ହାଜର ହାଜର କର୍ମୀ ପହଞ୍ଚି ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନାରେ ବିଜୟ ଉତ୍ସବ ପାଳନ କରିଥିଲେ। ଅନ୍ୟପଟେ ବିଜେଡି ଶିବିରରେ ନିରାଶର ବାତାବରଣ ଦେଖାଯାଇଥିଲା।

# କୁଚିଣ୍ଡାରେ ଭାଜପା ପ୍ରାର୍ଥୀ ରବିନାରାୟଣ ନାଏକଙ୍କ ବିପୁଳ ବିଜୟ

**କୁଚିଣ୍ଡା, ନ୍ୟୁଜ୍‌ବ୍ୟୁରୋ**

ସମ୍ବଲପୁର ସଂସଦୀୟ କ୍ଷେତ୍ର କୁଚିଣ୍ଡା ବିଧାନସଭାରୁ ଭାଜପା ପ୍ରାର୍ଥୀ ରବିନାରାୟଣ ନାଏକ ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ରାଜେନ୍ଦ୍ର ଛତ୍ରିଆଙ୍କୁ ୩୨ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ପରାସ୍ତ କରିଛନ୍ତି। ଏହି ଅବସରରେ ନାଏକ କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ସମସ୍ତ ଭୋଟର ଭଉଣୀ ଭାଇଙ୍କ ସମେତ ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ କୁଚିଣ୍ଡାରେ ଭାଜପା ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଛି।

# କେନ୍ଦ୍ର ସରକାରଙ୍କ ୮ ମନ୍ତ୍ରୀ ହାରିଗଲେ

**ନୂଆଦିଲ୍ଲୀ**

ଚଳିତ ନିର୍ବାଚନରେ କେନ୍ଦ୍ର ସରକାରଙ୍କର ୮ ଜଣ ମନ୍ତ୍ରୀ ପରାଜୟ ବରଣ କରିଛନ୍ତି । ସେମାନଙ୍କ ମଧ୍ୟରେ ସବୁଠୁ ଚର୍ଚ୍ଚିତ ଚେହେରା ହେଉଛନ୍ତି ମହିଳା ଓ ଶିଶୁବିକାଶ ମନ୍ତ୍ରୀ ସ୍ମୃତି ଇରାନୀ । ତାଙ୍କ ବ୍ୟତୀତ ରାଜୀବ ଚନ୍ଦ୍ରଶେଖର, ଅଜୟ କୁମାର ମିଶ୍ର, ଅର୍ଜୁନ ମୁଣ୍ଡା, ଆରକେ ସିଂହ, ନିଶିଥ ପ୍ରମାଣିକ, ଭଗନ୍ତ କୁବା, ମହେନ୍ଦ୍ରନାଥ ପାଣ୍ଡେ ଓ ଦେବଶ୍ରୀ ଚୌଧୁରୀ ଆଦି ମନ୍ତ୍ରୀମାନେ ହାରି ଯାଇଛନ୍ତି। ଏହାଛଡ଼ା ବରିଷ୍ଠ ବିଜେପି ନେତ୍ରୀ ତଥା ୮ ଥରର ସାଂସଦ ମେନକା ଗାନ୍ଧୀ ମଧ୍ୟ ପରାସ୍ତ ହୋଇଛନ୍ତି। ମନ୍ତ୍ରୀମାନଙ୍କ ମଧ୍ୟରୁ ସ୍ମୃତି ଇରାନୀ ସବୁଠୁ ଶୋଚନୀୟ ପରାଜୟ ବରଣ କରିଛନ୍ତି। ଉତ୍ତର ପ୍ରଦେଶର ଆମେଥିରୁ ସେ କଂଗ୍ରେସର କିଶୋରୀଲାଲ ଶର୍ମାଙ୍କଠାରୁ ୧ଲକ୍ଷ ୬୭ ହଜାର ୧୯୬ ଭୋଟରେ ପରାଜୟବରଣ କରିଛନ୍ତି। ସେହିପରି କୃଷକ ଆନ୍ଦୋଳନ ସମୟରେ ଗାଡ଼ି ଚଢ଼ାଇ କୃଷକଙ୍କୁ ଯେଉଁ ମନ୍ତ୍ରୀଙ୍କ ପୁଅ ହତ୍ୟା କରିଥିଲେ, ସେହି ମନ୍ତ୍ରୀ ଅଜୟ



କୁମାର ମିଶ୍ର ୩୪ ହଜାର ଭୋଟରେ ପରାସ୍ତ ହୋଇଛନ୍ତି । ଏହାଛଡ଼ା କେନ୍ଦ୍ର ଶକ୍ତିମନ୍ତ୍ରୀ ଆରକେ ସିଂହ ବିହାରର ଆରାରୁ ୫୫ ହଜାର ଭୋଟରେ ସିପିଆଇଏମଏଲର ସୁଦାମ ପ୍ରସାଦଙ୍କ ଠାରୁ ପରାସ୍ତ ହୋଇଛନ୍ତି । କେରଳରେ ଆଇଟି ମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର କଂଗ୍ରେସର ଭେଟେରାନ ନେତା ଗତଥରର ସାଂସଦ ଶଶି ଥରୁରଙ୍କଠାରୁ ମାତ୍ର ୧୬ ହଜାର ଭୋଟରେ ପରାସ୍ତ ହୋଇଛନ୍ତି। ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ଝାଡ଼ଖଣ୍ଡର ଖୁଣ୍ଟି ଆସନରୁ କଂଗ୍ରେସର କାଳିଚରଣ ମୁଣ୍ଡାଙ୍କଠାରୁ ୧.୪୫ ଲକ୍ଷ ଭୋଟରେ ପରାସ୍ତ ହୋଇଛନ୍ତି । କର୍ଣ୍ଣାଟକର ବିଦାରରୁ ସାରମନ୍ତ୍ରୀ ଭଗବନ୍ତ ଖୁବା କଂଗ୍ରେସର ସାଗର ଈଶ୍ୱର ଖାଦ୍ରେଙ୍କ ଠାରୁ ୧୨୮ ଲକ୍ଷ ଭୋଟରେ ପରାସ୍ତ ହୋଇଛନ୍ତି । ଉତ୍ତର ପ୍ରଦେଶର ଚାନ୍ଦୋଲିରୁ କେନ୍ଦ୍ରମନ୍ତ୍ରୀ ମହେନ୍ଦ୍ରନାଥ ପାଣ୍ଡେ ସପାର ବିଜେନ୍ଦ୍ର ସିଂହଙ୍କଠାରୁ ୨୧ ହଜାର ଭୋଟରେ ହାରିଯାଇଛନ୍ତି। ପଶ୍ଚିମବଙ୍ଗରେ ଦୁଇଜଣ କେନ୍ଦ୍ରମନ୍ତ୍ରୀ ଟିଏମସିଠାରୁ ପରାସ୍ତ ହୋଇଛନ୍ତି। ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ଦେବଶ୍ରୀ ଚୌଧୁରୀ ଦକ୍ଷିଣ କୋଲକାତାରୁ ୧.୮ ଲକ୍ଷ ଭୋଟରେ ମାଲା ରାୟଙ୍କଠାରୁ ହାରିଥିବା ବେଳେ କୁଚବିହାରରୁ ନିଶିଥ ପ୍ରମାଣିକ ୩୯ ହଜାର ୨୫୦ ଭୋଟରେ ହାରିଛନ୍ତି ।

# ବିଜେପିର ଜୟନାରାୟଣ, ରବିନାରାୟଣ ଏବଂ ବିଜେଡ଼ିର ପ୍ରସନ୍ନ ଓ ସୁଦର୍ଶନ ନିର୍ବାଚିତ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ସମ୍ବଲପୁର ଲୋକସଭା ଆସନରେ ବିଜେପି ପ୍ରାର୍ଥୀ ବିପୁଳ ଭୋଟରେ ବିଜୟ ଲାଭ କରିଛନ୍ତି। ଏଥି ଅନ୍ତର୍ଗତ ଚାରୋଟି ବିଧାନସଭା ଆସନ ମଧ୍ୟରୁ ସମ୍ବଲପୁର ଓ କୁଚିଣ୍ଡାରେ ବିଜେପି ଏବଂ ରେଢ଼ାଖୋଲ ଓ ରେଙ୍ଗାଲିରେ ବିଜେଡ଼ି ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି। ସମ୍ବଲପୁର ବିଧାନସଭା ଆସନରେ ବର୍ତ୍ତମାନର ବିଧାୟକ ତଥା ବିରୋଧୀ ଦଳର ନେତା ଜୟନାରାୟଣ ମିଶ୍ର ପୁଣି ଥରେ ବିଜୟ ଲାଭ କରି ଗଡ଼ ରକ୍ଷା କରିଛନ୍ତି। ସେହି ଏହି ଆସନରୁ ଏହାକୁ ମିଶାଇ ୫ ଥର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ୨୦୦୦ ଓ ୨୦୦୪ରେ ବିଜେଡ଼ି ସହ ମେଣ୍ଟରେ ବିଜେପି ପ୍ରାର୍ଥୀ ଏବଂ ୨୦୦୯ ଓ ୨୦୧୯ରେ ବିଜେପି ପ୍ରାର୍ଥୀ ଭାବେ ବିଜୟ ଲାଭ କରିଥିଲେ। ଏଥର ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଇଂ. ରୋହିତ ପୂଜାରୀଙ୍କୁ ୪ ହଜାର ୧୦୫ ଭୋଟ୍ ବ୍ୟବଧାନରେ ପରାଜିତ କରିଛନ୍ତି। ସେହିପରି କୁଚିଣ୍ଡା ବିଧାନସଭା ଆସନରେ ବିଜେପି ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ରବିନାରାୟଣ ନାୟକ ବିଜେଡ଼ି ପ୍ରାର୍ଥୀ ରାଜେନ୍ଦ୍ର କୁମାର ଛତ୍ରିଆଙ୍କୁ ୩୨ହଜାର ୨୨୦ ଭୋଟ୍ ବ୍ୟବଧାନରେ ପରାଜିତ କରିଛନ୍ତି। ରେଢ଼ାଖୋଲ ଆସନରେ ବିଜେଡ଼ିର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଦେବେନ୍ଦ୍ର ମହାପାତ୍ରଙ୍କ ଠାରୁ ୪ ହଜାର ୯୬୦ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ରେଙ୍ଗାଲି ସଂରକ୍ଷିତ ଆସନରେ ବିଜେପି ବିଧାୟକ ପ୍ରାର୍ଥୀ ନାଉରୀ ନାୟକଙ୍କୁ ନବାଗତ ବିଜେଡ଼ି ପ୍ରାର୍ଥୀ ସୁଦର୍ଶନ ହରିପାଲ ୩ ହଜାର ୧୦୨ ଖଣ୍ଡ ଭୋଟରେ ପରାଜିତ କରି ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ବିଧାନସଭା ଆସନ ଗୁଡିକ ମଧ୍ୟରୁ ରେଢ଼ାଖୋଲରେ ପୁନର୍ବାର ବିଜେଡ଼ି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ମାତ୍ର ରେଙ୍ଗାଲି ଆସନ ବିଜେପି ଠାରୁ ବିଜେଡ଼ି ଛଡ଼ାଇ ନେବାରେ ସକ୍ଷମ ହୋଇଛି । ସେହିପରି କୁଚିଣ୍ଡା ଆସନ ବିଜେଡ଼ି ଠାରୁ ବିଜେପି ହାତକୁ ଯାଇଛି। ସମ୍ବଲପୁରରେ ବିଜେପି ପ୍ରାର୍ଥୀ ଜୟନାରାୟଣ ମିଶ୍ର ଗତ ଥର ଭଳି ପୁର୍ନବାର ବିଜୟୀ ହୋଇଛନ୍ତି। ଏଥର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିଜେଡ଼ିର ବିଧାୟକ ପ୍ରଣବ ପ୍ରକାଶ ଦାସ ଲୋକସଭା ପାଇଁ ପ୍ରାର୍ଥୀ ହୋଇଥିବାରୁ ସମ୍ବଲପୁର ସଂସଦୀୟ ଆସନ ଫୋକସ୍‌ରେ ରହିଥିଲା। ବିଜେପି ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ବିପୁଳ ଭୋଟ ବ୍ୟବଧାନରେ ବିଜେଡ଼ି ପ୍ରାର୍ଥୀଙ୍କ ଠାରୁ ବିଜୟୀ ହୋଇଛନ୍ତି। ୨୦୦୯ ରୁ ୨୦୧୯ ପର୍ଯ୍ୟନ୍ତ କଂଗ୍ରେସ, ବିଜେଡ଼ି ଓ ବିଜେପି ପ୍ରାର୍ଥୀମାନେ ଏହି ସଂସଦୀୟ ଆସନରୁ ବିଜୟୀ ହୋଇଥିଲେ। ଧର୍ମେନ୍ଦ୍ର ପ୍ରଧାନଙ୍କ ବିଜୟୀ ପରେ ବିଜେପି ଲଗାତାର ଦ୍ୱିତୀୟ ଥର ପାଇଁ ଏହି ଆସନକୁ ହାତେଇଛି। ବିଜେପିର ରଣନୀତି ଏବଂ ପୂର୍ବ ପ୍ରସ୍ତୁତି ସଫଳତା ପାଇଁ ବେଶ ସହାୟକ ହୋଇଥିଲା। କେନ୍ଦ୍ରର ବହୁ ମନ୍ତ୍ରୀ ଏବଂ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଆସି ସମ୍ବଲପୁର ସଂସଦୀୟ କ୍ଷେତ୍ରରେ ଆସି ବିଜେପି ପାଇଁ ପ୍ରଚାର କରିଥିଲେ। ସୁଭଦ୍ରା ଯୋଜନା, ଧାନ କ୍ୱିଣ୍ଟାଲ ପ୍ରତି ୩୧୦୦ଟଙ୍କା ଘୋଷଣା ଦଳକୁ ବିଶେଷ ଭାବରେ ସହାୟକ ହୋଇଛି।





# ଉତ୍ସାହ ଓ ପ୍ରତିବଦ୍ଧତା ସହ ଜେଏସ୍‌ପି ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

**ଅନୁଗୁଳ, ନ୍ୟୁଜ୍‌ବ୍ୟୁରୋ**




ଜୁନ ୫ ତାରିଖ ବିଶ୍ୱ ପରିବେଶ ଦିବସ ଅବସରରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଅନୁଗୁଳ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଚଳିତ ବର୍ଷର ବାର୍ତ୍ତା ଭୂମି ପୁନଃସ୍ଥାପନ ଏବଂ ମରୁଭୂମିକରଣ ଓ ଅକାଳକୁ ରୋକିବା ଉପରେ ଗୁରୁତ୍ୱ ପ୍ରଦାନ କରଯାଇଥିଲା। ଏହି ଅବସରରେ ଅନୁଗୁଳ ପ୍ରକଳ୍ପ ମୁଖ୍ୟ ପଙ୍କଜ ମଲହାନ ପତାକା ଦେଖାଇ, ପରିବେଶ ପାଇଁ ଦୌଡ଼ ରାଲିର ଶୁଭାରମ୍ଭ କରିଥିଲେ। ଏସ.ଏମ.ଏସ. ମୁଖ୍ୟ ଅତୁଲ ଦୁବେ, ଯୋଗ ଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀଙ୍କ ସହ ସମସ୍ତ ବିଭାଗୀୟ ମୁଖ୍ୟ, ସବୁ ବିଭାଗର କର୍ମଚାରୀ ତଥା ସେମାନଙ୍କ ପରିବାରବର୍ଗ ଏବଂ ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀ ମାନେ ମଧ୍ୟ ଏହି ମିନି ମାରାଥନରେ ଅଂଶ ଗ୍ରହଣ କରିଥିଲେ ଏବଂ ମିନି ମାରାଥନ ସମାପ୍ତି ପରେ କମ୍ପାନୀ ପରିସରରେ ୬୦୦ରୁ ଅଧିକ ଗଛ ରୋପଣ କରିଥିଲେ।

ସମାରୋହରେ ଯୋଗଦେଇ ପଙ୍କଜ ମଲହାନ ପରିବେଶ ସୁରକ୍ଷା ଦିଗରେ କମ୍ପାନୀର ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ଯୋଗଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ ଦୈନନ୍ଦିନ ଜୀବନରେ ସୁରକ୍ଷିତ ପରିବେଶ ପାଇଁ ଏକ ପ୍ରେରଣାଦାୟୀ ଏବଂ ସକାରାତ୍ମକ ଅଭିଭାଷଣ ପ୍ରଦାନ କରିଥିଲେ ଏବଂ ମୃତ୍ତିକା କ୍ଷୟକୁ ରୋକି ଏକ ଉତ୍ତମ ପରିବେଶ ତିଆରି କରିବା ଉପରେ ସମସ୍ତଙ୍କୁ ସଚେତନ କରାଯାଇଥିଲା।

ପିଲାମାନଙ୍କୁ ପରିବେଶ ସୁରକ୍ଷା ନେଇ ସଚେତନ କରିବା ପାଇଁ ପ୍ରଥମରୁ ଦ୍ୱାଦଶ ଶ୍ରେଣୀକୁ ତିନୋଟି ବର୍ଗରେ ଭାଗ କରାଯାଇ ଚିତ୍ରାଙ୍କନ ପ୍ରତିଯୋଗିତା ରଖାଯାଇଥିଲା। ମୃତ୍ତିକା ସଂରକ୍ଷଣ, ମରୁଭୂମି କରଣ ଓ ଦୁର୍ଭିକ୍ଷ ରୋକିବା ଉପରେ ପିଲାମାନେ ମନଛୁଆଁ, ଚିନ୍ତାଦ୍ୟୋତକ ଚିତ୍ରାଙ୍କନ ଓ ପେଣ୍ଟିଂ କରିଥିଲେ। ସେହିଭଳି ମହିଳା କର୍ମଚାରୀ ଓ ପରିବାର ସଦସ୍ୟାଙ୍କ ମଧ୍ୟରେ ପରିବେଶ ସମ୍ପର୍କିତ କ୍ୱିଜ୍ ଏବଂ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ଶେଷରେ ଚିତ୍ରାଙ୍କନ, କୁଇଜ ପ୍ରବନ୍ଧ ଲିଖନ ଏବଂ ପରିବେଶ ପାଇଁ ମିନି ମାରାଥନ ପ୍ରତିଯୋଗିତାର ବିଜୟୀ ଛାତ୍ରଛାତ୍ରୀ, ମହିଳା ଏବଂ ଅନ୍ୟ କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇ ଥିଲା। ଜେଏସ୍‌ପିର ସାମାଜିକ ଦାୟିତ୍ୱବୋଧ ଶାଖା ଭାବରେ କାର୍ଯ୍ୟ କରୁଥିବା ଜେଏସ୍‌ପି ଫାଉଣ୍ଡେସନ ସର୍ବଦା ପ୍ରାକୃତିକ ଉତ୍ସ ପରିଚାଳନା କାର୍ଯ୍ୟକ୍ରମ ନିମନ୍ତେ କାର୍ଯ୍ୟରତ ଏବଂ ବର୍ତ୍ତମାନ ସୁଧା ଏହା ଅନଗୁଳ ଜିଲ୍ଲାର ୨୦୦ ସ୍କୁଲରେ ଇକୋ କ୍ଲବ୍ ଗଠନ କରି ଛାତ୍ରଛାତ୍ରୀମାନଙ୍କୁ ପରିବେଶ ସମ୍ବନ୍ଧୀୟ ସଚେତନତା ବିଷୟରେ ଅବଗତ କରାଇବା ସହ ପ୍ରାୟ ୫୦୦୦ ଏକର ଜମିରେ ମାଟିର କ୍ଷୟକୁ ନିୟନ୍ତ୍ରଣ କରିବା ଏବଂ ଭୂତଳ ଜଳ ରିଚାର୍ଜ କରିବା ନିମନ୍ତେ ଗୁରୁତ୍ୱ ପ୍ରଦାନ କରିବା ସହ ଏକ ସମନ୍ୱିତ ଜଳସେଚନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି।

# ପୂର୍ବତଟ ରେଳପଥ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ପୂର୍ବତଟ ରେଳପଥ ଦ୍ୱାରା ବିଶ୍ୱ ପରିବେଶ ଦିବସକୁ ଉତ୍ସାହ ଏବଂ ପରିବେଶ ପରିଚାଳନା ଦାୟିତ୍ୱ ପ୍ରତିବଦ୍ଧତା ସହିତ ପାଳନ କରା ଯାଇଛି। ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କାଲଙ୍କ ଦୃଢ଼ ନେତୃତ୍ୱରେ ରେଳ କର୍ମଚାରୀ ଏବଂ ଅଧିକାରୀମାନେ ସେମାନଙ୍କ ଆଖପାଖ ଅଞ୍ଚଳରେ ପ୍ରଦୂଷଣ ନିୟନ୍ତ୍ରଣର ମାନଦଣ୍ଡ ପ୍ରତିପାଦନ କରିବାକୁ ପୂର୍ବତଟ ରେଳପଥ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି।

ପୂର୍ବତଟ ରେଳପଥର ମହା-ପ୍ରବନ୍ଧକ ପରମେଶ୍ୱର ଫୁଙ୍କାଲ ଏକ ଉତ୍ତମ ପରିବେଶ ଦିଗରେ କାର୍ଯ୍ୟ କରିବା ଏବଂ ପ୍ରଦୂଷଣକୁ ନିୟନ୍ତ୍ରଣ କରିବାରେ ପ୍ରତ୍ୟେକ ବ୍ୟକ୍ତିଙ୍କର ପ୍ରମୁଖ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ପରିବେଶ ସଂରକ୍ଷଣରେ ସହଯୋଗ କରିବାକୁ ସେମାନଙ୍କର ଦୈନନ୍ଦିନ ଜୀବନରେ ସକ୍ରିୟ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି।

ବିଶ୍ୱ ପରିବେଶ ଦିବସକୁ ସ୍ମରଣୀୟ କରିବା ପାଇଁ ରେଳପଥ ପକ୍ଷରୁ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଯେଉଁଠାରେ ରେଳପଥର ବରିଷ୍ଠ ଅଧିକାରୀ ଏବଂ ପ୍ରମୁଖ ବିଭାଗୀୟ ମୁଖ୍ୟଙ୍କ ସହିତ କର୍ମଚାରୀ ଓ ଅଧିକାରୀମାନେ ଚନ୍ଦ୍ରଶେଖରପୁର ଅଞ୍ଚଳରେ ରେଳ ପରିସରରେ ବୃକ୍ଷ ରୋପଣ କରିଥିଲେ। ଏହି ପଦକ୍ଷେପ ପରିବେଶକୁ ସବୁଜିମା ବୃଦ୍ଧି କରାଇବା ସହିତ ରେଳ ଇକୋସିଷ୍ଟମ ମଧ୍ୟରେ ଜୈବ ବିବିଧତାକୁ ପ୍ରୋତ୍ସାହିତ କରିବ।

ବୃକ୍ଷରୋପଣ ବ୍ୟତୀତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଥିଲା। ସକାଳେ ଆୟୋଜିତ ପ୍ରଭାତ ଫେରି କାର୍ଯ୍ୟକ୍ରମରେ ରେଳ କର୍ମଚାରୀ ଏବଂ ଅଧିକାରୀମାନେ ଜନସାଧାରଣଙ୍କ ସହ ଜଡ଼ିତ ରହି ବିଭିନ୍ନ ବ୍ୟାନର, ପୋଷ୍ଟର, ପ୍ଲାକାର୍ଡ ଏବଂ ପରିବେଶ ପ୍ରସଙ୍ଗରେ ସ୍ଲୋଗାନ ଦେଇ ସଚେତନତା ସୃଷ୍ଟି କରିଥିଲେ। ପିଲାମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଜଡ଼ିତ ରହି ଇକୋ-ଫ୍ରେଣ୍ଡଲି ଫ୍ୟାନ୍ସି ଡ୍ରେସ ଉପସ୍ଥାପନାରେ ଅଂଶଗ୍ରହଣ କରିବା ସହିତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ, ଯାହାକି ଅଳ୍ପ ବୟସରୁ ପରିବେଶ ସୁରକ୍ଷା ପ୍ରତି ସେମାନଙ୍କୁ ଉତ୍ସାହିତ କରାଯାଇଥିଲା।

ଖୋର୍ଦ୍ଧା ରୋଡ଼, ୱାଲ୍‌ଟିୟର, ସମ୍ବଲପୁର ରେଳ ମଣ୍ଡଳ ସହିତ ରେଳପଥ ମୁଖ୍ୟାଳୟ ଚନ୍ଦ୍ରଶେଖରପୁର ଠାରେ ମଧ୍ୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ସହିତ ପରିବେଶ ସୁରକ୍ଷା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକ ମଧ୍ୟ ଆୟୋଜନ କରାଯାଇ ପରିବେଶ ସୁରକ୍ଷାର ପ୍ରତିବଦ୍ଧତା ବୃଦ୍ଧି କରାଯାଇଥିଲା। ଏହି ପଦକ୍ଷେପଗୁଡ଼ିକ ପରିବେଶ ଅନୁକୂଳ ରେଳ ପରିସର ସୃଷ୍ଟି କରିବା ଏବଂ ଏହାର କାର୍ଯ୍ୟକ୍ଷମ ଅଞ୍ଚଳରେ ପ୍ରଦୂଷଣର ମୁକାବିଲା ପାଇଁ ପୂର୍ବତଟ ରେଳପଥର ଉତ୍ସର୍ଗୀକୃତତାକୁ ସୂଚିତ କରିଛି।

ବିଶ୍ୱ ପରିବେଶ ଦିବସକୁ ସ୍ମରଣୀୟ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ପରିବେଶ ସୁରକ୍ଷା କାର୍ଯ୍ୟାନୁଷ୍ଠାନ ଏକ ବିଶ୍ୱସ୍ତରୀୟ ଆହ୍ୱାନ ଭାବରେ କାର୍ଯ୍ୟ କରୁଥିବାରୁ ପୂର୍ବତଟ ରେଳପଥ ଦ୍ୱାରା ସ୍ଥାୟୀ ଅଭ୍ୟାସ ଏବଂ ପ୍ରଦୂଷଣ ନିୟନ୍ତ୍ରଣ ପ୍ରତି ପ୍ରତିବଦ୍ଧତାକୁ ପାଳନ କରିଆସୁଅଛି। ସାମୂହିକ ପ୍ରୟାସ ଏବଂ ବ୍ୟକ୍ତିଗତ ଅବଦାନ ମାଧ୍ୟମରେ, ପୂର୍ବତଟ ରେଳପଥ ସମସ୍ତଙ୍କ ପାଇଁ ଏକ ସବୁଜ, ସ୍ୱାସ୍ଥ୍ୟକର ଏବଂ ଉତ୍ତମ ପରିବେଶ ସହିତ ଅଧିକ ସ୍ଥାୟୀ ଭବିଷ୍ୟତ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି।

# ନବରଙ୍ଗପୁର ଲୋକସଭା ସମେତ ୫ ବିଧାନସଭା ଆସନରେ ବିଜେପି ବିଜୟୀ

## ବିଜେଡ଼ି ଓ କଂଗ୍ରେସ ପାଇଲା ଗୋଟିଏ ଲେଖାଏଁ ବିଧାନସଭା ଆସନ

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଲୋକସଭା ନିର୍ବାଚନ ମଣ୍ଡଳୀରେ ଅଦଭୂତପୂର୍ବ ନିର୍ବାଚନ ଫଳ ମିଳିଛି। ପ୍ରଥମ ଥର ପାଇଁ ନବରଙ୍ଗପୁର ଲୋକସଭା ନିର୍ବାଚନ ମଣ୍ଡଳୀରେ ଭାରତୀୟ ଜନତା ପାର୍ଟି (ବିଜେପି) ର ପ୍ରାର୍ଥୀ ବଳଭଦ୍ର ମାଝୀ ବିଜୟୀ ହୋଇଛନ୍ତି। ସେହିପରି ଏହି ଲୋକସଭା କ୍ଷେତ୍ରର ନବରଙ୍ଗପୁର, ଉମରକୋଟ, ଝରିଗାଁ, କୋଟପଡ଼ ଓ ମାଲକାନଗିରି ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେପି ବିଜୟୀ ହୋଇଥିବାବେଳେ ଡାବୁଗାଁରେ ବିଜୁଜନତା ଦଳ ଓ ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ନବରଙ୍ଗପୁରର ଲୋକସଭା ନିର୍ବାଚନ ମଣ୍ଡଳୀର ବିଜେପି ପ୍ରାର୍ଥୀ ବଳଭଦ୍ର ମାଝୀ ବିଜୟ ହୋଇଛନ୍ତି। ସେ ତାଙ୍କର ନିକଟତମ ବିଜେଡି ପ୍ରାର୍ଥୀ ପ୍ରଦୀପ ମାଝୀ ଙ୍କୁ ପରାସ୍ତ କରିଛନ୍ତି। ବିଜେପି ପ୍ରାର୍ଥୀ ବଳଭଦ୍ର ମାଝୀ ମୋଟ ୪୮୧୩୯୬ ଭୋଟ୍ ପାଇଥିବାବେଳେ ବିଜେଡି ପ୍ରାର୍ଥୀ ପ୍ରଦୀପ ମାଝୀ ୩୯୩୮୬୦ ଭୋଟ୍ ଓ କଂଗ୍ରେସ ପ୍ରାର୍ଥୀ ଭୁଜବଳ ମାଝୀ ୩୦୩୩୯୨ ଭୋଟ୍ ପାଇଛନ୍ତି। ବିଜେପି ପ୍ରାର୍ଥୀ ବଳଭଦ୍ର ଅଧିକ ୮୭୫୩୬ ଭୋଟ୍ ପାଇ ତାଙ୍କର ନିକଟତମ ପ୍ରାର୍ଥୀ ବିଜେଡିର ପ୍ରଦୀପ ମାଝୀଙ୍କୁ ପରାସ୍ତ କରିଛନ୍ତି ।

ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୮୫.୬୧ ପ୍ରତିଶତ ମତଦାନ ହୋଇଥିଲା। ବିଜେଡି ପ୍ରାର୍ଥୀ କୌଶଲ୍ୟା ପ୍ରଧାନୀ ୬୫୬୪୫ , ବିଜେପି ପ୍ରାର୍ଥୀ ଗୌରୀ ଶଙ୍କର ମାଝୀ ୯୦୩୪୪ ଓ କଂଗ୍ରେସ ପ୍ରାର୍ଥୀ ଦିଲ୍ଲୀପ ପ୍ରଧାନୀ ୪୦୦୮୦ ଭୋଟ୍ ପାଇଛନ୍ତି। ବିଜେପି ପ୍ରାର୍ଥୀ ଗୌରୀଶଙ୍କର ମାଝୀ ନିକଟତମ ବିଜେଡି ପ୍ରତିଦ୍ୱନ୍ଦ୍ୱୀ କୌଶଲ୍ୟା ମାଝୀଙ୍କ ଠାରୁ ମୋଟ୍ ୨୪୬୯୯ଭୋଟ ଅଧିକ ପାଇ ବିଜୟ ଲାଭ କରିଛନ୍ତି। ତେବେ ନୋଟା ଭୋଟ୍ ୩୪୬୬ ହୋଇଛି।

ଝରିଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀର ୮୪.୨୨ ପ୍ରତିଶତ ମତଦାନ ହୋଇଥିଲା। ବିଜେଡି ପ୍ରାର୍ଥୀ ରମେଶ ଚନ୍ଦ୍ର ମାଝୀ ୭୩୧୨୯ ଭୋଟ୍ ପାଇଥିବା ବେଳେ ବିଜେପି ପ୍ରାର୍ଥୀ ନରସିଙ୍ଗ ଭତରା ୭୬୫୬୭ ଭୋଟ୍ ଓ କଂଗ୍ରେସ ପ୍ରାର୍ଥୀ ହରାବତୀ ଗଣ୍ଡ ୨୫୫୩୫ ଭୋଟ୍ ପାଇଛନ୍ତି। ବିଜେପି ପ୍ରାର୍ଥୀ ନରସିଙ୍ଗ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ରମେଶଙ୍କ ଠାରୁ ୩୪୩୮ ଅଧିକ ଭୋଟ ପାଇ ବିଜୟ ଲାଭ କରିଛନ୍ତି। ତେବେ ଏହି ନିର୍ବାଚନ ମଣ୍ଡଳୀର ୫୫୧୨ ନୋଟା ଭୋଟ୍ ହୋଇଛି। ଉମରକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୮୩.୦୫ ପ୍ରତିଶତ ମତଦାନ ହୋଇଥିଲା। ବିଜେଡି ପ୍ରାର୍ଥୀ ନବୀନା ନାୟକ ୫୯୭୦୩ ଭୋଟ ପାଇଥିବା ବେଳେ ବିଜେପି ପ୍ରାର୍ଥୀ ନିତ୍ୟାନନ୍ଦ ଗଣ୍ଡ ୬୯୯୦୦ ଭୋଟ କଂଗ୍ରେସ ପ୍ରାର୍ଥୀ ସନରାଜ ଗଣ୍ଡ ୨୪୯୭୨, ଓ ସ୍ୱାଧୀନ ପ୍ରାର୍ଥୀ ଦଶରଥ ମାଝୀ ୨୭୮୪ ଭୋଟ୍ ପାଇଛନ୍ତି। ବିଜେପି ପ୍ରାର୍ଥୀ ନିତ୍ୟାନନ୍ଦ ଗଣ୍ଡ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ନାବିନାଙ୍କ ଠାରୁ ୧୦୧୯୭ ଅଧିକ ଭୋଟ ପାଇ ବିଜୟ ଲାଭ କରିଛି। ସେ ଦ୍ୱିତୀୟଥର ପାଇଁ ବିଜୟୀ ହୋଇଛନ୍ତି। ତେବେ ୪୦୭୧ ନୋଟା ଭୋଟ୍ ହୋଇଛି।

ସେହିପରି ଡାବୁଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀର ୮୫.୨ ପ୍ରତିଶତ ହୋଇଥିଲା। ବିଜେଡି ପ୍ରାର୍ଥୀ ମନୋହର ରନ୍ଧାରି ୭୭୩୫୧ ଭୋଟ୍ ପଇଥିବା ବେଳେ ବିଜେପି ପ୍ରାର୍ଥୀ ସୋମନାଥ ପୂଜାରୀ ୩୪୨୧୨ ଓ କଂଗ୍ରେସ ପ୍ରାର୍ଥୀ ଡାକ୍ତର ଲିପିକା ମାଝୀ ୫୫୮୦୨ ଭୋଟ ପାଇଛନ୍ତି। ବିଜେଡି ପ୍ରାର୍ଥୀ ମନୋହର ରନ୍ଧାରି ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଲିପିକାଙ୍କ ଠାରୁ ୨୧୫୪୯ ଅଧିକ ଭୋଟରେ ଆଗୁଆ ରହି ବିଜୟ ଲାଭ କରିଛି। ତେବେ ୪୫୪୦ ନୋଟା ଭୋଟ୍ ହୋଇଛି। ବିଜେପି ନବରଙ୍ଗପୁର ଜିଲ୍ଲାରେ ଲୋକସଭା ସମେତ ୫ ବିଧାନସଭା ଆସନ ହତାଇବା ଚର୍ଚ୍ଚାର ବିଷୟ ହୋଇଛି। ନବରଙ୍ଗପୁର ଓ ଝରିଗାଁରେ ପ୍ରଥମ ଥର ବିଜେପି ପାଇଁ ବିଧାୟକ ବିଜୟୀ ହୋଇଥିବାବେଳେ ଉମରକୋଟ ବିଧାୟକ ଦ୍ୱିତୀୟଥର ବିଜୟୀ ହୋଇଛନ୍ତି।

# ଦ୍ୱିତୀୟ ଥର ପୁଣି ବିଧାୟକ ମୁକୁଟ ପିନ୍ଧିଲେ ସୂର୍ଯ୍ୟବଂଶୀ ସୁରଜ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଚଳିତ ମାସ ୧ ତାରିଖରେ ସଧାରଣ ନିର୍ବାଚନ ସରିଥିବା ବେଳେ ମଙ୍ଗଳବାର ଗଣତି ହୋଇଥିଲା। ତେବେ ଫଳାଫଳ ପରେ ଦ୍ୱିତୀୟ ଥର ପୁଣି ଧାମନଗର ବିଧାନସଭାର ବିଧାୟକ ମୁକୁଟ ପିନ୍ଧିଛନ୍ତି ସୂର୍ଯ୍ୟବଂଶୀ ସୁରଜ। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡ଼ିର ଡା. ସଞ୍ଜୟ କୁମାର ଦାସଙ୍କୁ ହରାଇ ସୂର୍ଯ୍ୟବଂଶୀ ସୁରଜ ୮୮୮୯ ଭୋଟ୍‌ରେ ବିଜୟ ଲାଭ କରିଥିଲେ। ପ୍ରକାଶ ଥାଉକି ଧାମନଗର ନିର୍ବାଚନ ମଣ୍ଡଳୀର ୨୫୭ ବୁଥ୍‌ର ମୋଟ୍ ଭୋଟର ୨୪୭୧୯୭ରୁ ୧୮୦ ୧୬୮ ମତ ଦାନ କରିଥିଲେ। ମହିଳା ଭୋଟର ୯୨୩୪୮ ଓ ପୁରୁଷ ଭୋଟର ୮୭୮୧୮ ମତ ଦାନ କରିଥିଲେ। ଭଦ୍ରକ ସଂସ୍କୃତି ଭବନରେ ସକାଳ ୮ ଟାରୁ ୧୦ଟି ଟେବୁଲରେ ୨୬ ରାଉଣ୍ଡରେ ଭୋଟ୍ ଗଣତି



ହୋଇଥିଲା। ପ୍ରକାଶ ଥାଉକି ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ଅକାଳ ବିୟୋଗ ପରେ ତାଙ୍କର ପୁତ୍ର ସୂର୍ଯ୍ୟବଂଶୀ ସୁରଜ ଉପ ନିର୍ବାଚନରେ ବିଜୟ ଲାଭ କରିଥିଲେ। ମାତ୍ର ୧୫ ମାସ ବିଧାୟକ ରହି ସୂର୍ଯ୍ୟବଂଶୀ ଲୋକଙ୍କ ପ୍ରିୟ ହୋଇ ପୁଣି ଚଳିତ ସଧାରଣ ନିର୍ବାଚନରେ ଶାସକ ଦଳର ତଥା ବିଜେଡ଼ିର ଡା. ସଞ୍ଜୟ କୁମାର ଦାସଙ୍କୁ ହରାଇ ବିଧାୟକ ହୋଇଛନ୍ତି। ଏ ବିଜୟ ଧାମନଗର ବାସୀଙ୍କ ବିଜୟ ହୋଇଛି ବୋଲି ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି।

# ଖୋର୍ଦ୍ଧା ରୋଡ୍ ମଣ୍ଡଳ ଦ୍ୱାରା ବିଶ୍ୱ ପର୍ଯ୍ୟାବରଣ ଦିବସ ପାଳିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ପରିବେଶ ଅବକ୍ଷୟ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ସକାରାତ୍ମକ ପରିବେଶ ସମ୍ବନ୍ଧୀୟ କାର୍ଯ୍ୟ କରିବାକୁ ବିଶ୍ୱବ୍ୟାପୀ ଲୋକମାନଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟରେ, ଖୋର୍ଦ୍ଧା ରୋଡ୍ ମଣ୍ଡଳ ଦ୍ୱାରା ବିଶ୍ୱ ପର୍ଯ୍ୟାବରଣ ଦିବସ ପାଳନ କରାଯାଇଛି। ଏହି ଅବସରରେ ଜମି ପୁନରୁଦ୍ଧାର ପାଇଁ ବୃକ୍ଷରୋପଣ ଉପରେ, ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ ସମ୍ମୁଖରେ ଭାରତ ସ୍କାଉଟ୍ ଏବଂ ଗାଇଡ୍ସ ଦ୍ୱାରା, ଏକ ପଥପ୍ରାନ୍ତ ନାଟକ ଆୟୋଜନ କରଯାଇଥିଲା।

ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ, ରେଲୱେ କର୍ମଚାରୀଙ୍କ ପିଲାମାନଙ୍କ ପାଇଁ ଚଳିତ ବର୍ଷ ବିଶ୍ୱ ପର୍ଯ୍ୟାବରଣ ଦିବସର ବିଷୟବସ୍ତୁ ଜମି ପୁନରୁଦ୍ଧାର, ମରୁଭୂମି ଏବଂ ମରୁଡ଼ି ପରିସ୍ଥିତି ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଖୋର୍ଦ୍ଧା ରୋଡ଼ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍‌ଏସ୍ ବାଜ୍‌ୱା ଏବଂ ଗୁର ସିମ୍ରନ କୌର, ପୂର୍ବତଟ ରେଲୱେ ମହିଳା କଲ୍ୟାଣ ସଂଗଠନ, ଖୋର୍ଦ୍ଧା ରୋଡ଼ର ସଭାନେତ୍ରୀ, ଚିତ୍ରାଙ୍କନ ପ୍ରତିଯୋଗିତାରେ ଜିତିଥିବା ପିଲାମାନଙ୍କୁ ପୁରସ୍କାର ବିତରଣ କରିଥିଲେ।

ଟ୍ରେନ ମ୍ୟାନେଜମେଣ୍ଟ ସେଣ୍ଟର ବିଲଡିଂ ନିକଟରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍.ଏସ୍. ବାଜ୍‌ୱା ଏବଂ ଗୁର ସିମ୍ରନ କୌର, ଖୋର୍ଦ୍ଧା ରୋଡ଼ ମହିଳା କଲ୍ୟାଣ ସଂଗଠନର ସଭାନେତ୍ରୀ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଓପି) କଲ୍ୟାଣ ପଟ୍ଟନାୟକ, ଶୁଭ୍ର ଜ୍ୟୋତି ମଣ୍ଡଳ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍‌ଫ୍ରା), ସମସ୍ତ ଶାଖା ଅଧିକାରୀ ଏବଂ ଖୋର୍ଦ୍ଧା ରୋଡ଼ ମହିଳା କଲ୍ୟାଣ ସଂଗଠନର ସଦସ୍ୟମାନଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା।

ବ୍ୟାନର ପ୍ରଦର୍ଶନ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ କରି ଖୋର୍ଦ୍ଧା ରୋଡ୍ ମଣ୍ଡଳର ସମସ୍ତ ପ୍ରମୁଖ ଷ୍ଟେସନଗୁଡ଼ିକରେ ମଧ୍ୟ ବିଶ୍ୱ ପର୍ଯ୍ୟାବରଣ ଦିବସ ପାଳନ କରାଯାଇଥିଲା। ଲିଙ୍ଗରାଜ ତ୍ରିପାଠୀ, ଖୋର୍ଦ୍ଧା ରୋଡ଼ର, ବରିଷ୍ଠ ମଣ୍ଡଳ ମେକାନିକାଲ ଇଞ୍ଜିନିୟର, ବିଶ୍ୱ ପର୍ଯ୍ୟାବରଣ ଦିବସର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଭାରତୀୟ ଷ୍ଟେଟ୍ ବ୍ୟାଙ୍କରେ ବିଶ୍ୱ ପରିବେଶ ଦିବସ ପାଳିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ବିଶ ପରିବେଶ ଦିବସ ଉପଲକ୍ଷେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଦିନେଶ ପରୁଥି, ମୁଖ୍ୟ ମହାପ୍ରବନ୍ଧକଙ୍କ ନେତୃତ୍ୱରେ ବୁଧବାର ଜୁନ ୫ ତାରିଖ ସକାଳ ୬ ଟାରେ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ଠାରେ ପରିବେଶ ସୁରକ୍ଷା ସଚେତନତା ନିମିତ୍ତ ଏକ ପଦଯାତ୍ରା ଆୟୋଜନ କରାଯାଇଥିଲା। ଏହି ପଦଯାତ୍ରାରେ ୨୦୦ରୁ ଅଧିକ କର୍ମଚାରୀ ଓ ଅଧିକାରୀ ଅଂଶଗ୍ରହଣ କରିଥିଲେ। ବିଶ୍ୱ ପରିବେଶ ଦିବସ ୨୦୨୪ର ଶୀର୍ଷକ ଜମିର ପୁନରୁଦ୍ଧାର, ମରୁଭୂମି ଏବଂ ମରୁଡ଼ିର ମୁକାବିଲା ବିଷୟରେ ବାର୍ତ୍ତା ଦେବା ନିମନ୍ତେ ଏକ ଆକର୍ଷଣୀୟ ବାଲୁକା କଳା ଉନ୍ମୋଚନ କରାଯାଇଥିଲା। ଶିଶୁମାନଙ୍କ ମଧ୍ୟରେ ପରିବେଶ ସୁରକ୍ଷା ବିଷୟକୁ ଆଧାର କରି ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ଏହା ବ୍ୟତୀତ, ଏକ ଔଷଧୀୟ ଉଦ୍ୟାନ ଓ ବ୍ୟବହୃତ ପ୍ଲାଷ୍ଟିକ ବୋତଲ ପ୍ରକ୍ରିୟାକରଣ ମେସିନର ସ୍ଥାପନ କରାଯାଇଥିଲା। ଏହି ଉପଲକ୍ଷେ ଶ୍ରୀ ପରୁଥି ସମବେତ ଷ୍ଟାଫ ସଦସ୍ୟ ଓ ଅନ୍ୟାନ୍ୟ ଉଚ୍ଚ ପଦାଧିକାରୀମାନଙ୍କୁ ପରିବେଶ ସୁରକ୍ଷା ନିମିତ୍ତ ଭାରତ ସରକାରଙ୍କ ଦ୍ୱାରା ସ୍ଥିରିକୃତ ବିଭିନ୍ନ ବିକଳ୍ପ ଉପାୟ ଯଥା ସୌର ଶକ୍ତି, ପ୍ଲାଷ୍ଟିକ ବର୍ଜନ ଇତ୍ୟାଦି ଅବଲମ୍ବନ କରିବା ନିମନ୍ତେ ପରାମର୍ଶ ଦେଇଥିଲେ।

# ବରଗଡ଼ର ୪ ଆସନରେ ବିଜେପି ବିଜୟୀ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲାର ୪ଟି ଆସନରେ ବିଜେପି ପ୍ରାର୍ଥୀ ଜିତିଛନ୍ତି। ବରଗଡ ବିଧାନସଭା ଆସନରେ ବିଜେପି ପ୍ରାର୍ଥୀ ଅଶ୍ୱିନୀ ଷଡ଼ଙ୍ଗୀ ୭୭ ହଜାର ୭୬୬ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଥିବାବେଳେ ବିଜେଡିର ଦେବେଶ ଆଚାର୍ଯ୍ୟଙ୍କୁ ୭୨ ହଜାର ୯୯୪ ଖଣ୍ଡ ଭୋଟ୍ ମିଳିଛି। କଂଗ୍ରେସର ନିପନ ଦାସ ୧୦ ହଜାର ୨୭୨ ଖଣ୍ଡ ଭୋଟ୍ ପାଇଛନ୍ତି। ଦେବେଶଙ୍କ ଠାରୁ ଅଶ୍ୱିନୀ ୪୭୭୨ ଖଣ୍ଡ ଅଧିକ ଭୋଟ ପାଇଛନ୍ତି।

ଭଟ୍‌ଲୀ ଆସନରେ ବିଜେପି ପ୍ରାର୍ଥୀ ଇରାଶିଷ ଆଚାର୍ଯ୍ୟ ୧ ଲକ୍ଷ ୭ ହଜାର ୫୦୮ ଖଣ୍ଡ ଭୋଟ୍ ପାଇଥିବା ବେଳେ ବିଜେଡିର ସୁଶାନ୍ତ ସିଂ ୭୯ ହଜାର ୬୧୬ ଖଣ୍ଡ ଭୋଟ୍ ପାଇଛନ୍ତି। କଂଗ୍ରେସର ବ୍ରହ୍ମା ମହାକୁଡ଼ ୪ ହଜାର ୬୧୪ ଖଣ୍ଡ ଭୋଟ ପାଇଛନ୍ତି। ଇରାଶିଷ ୨୭ ହଜାର ୮୯୨ ଖଣ୍ଡ ଭୋଟରେ ଦେବେଶଙ୍କୁ ହରାଇ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ଅତାବିରା ଆସନରେ ବିଜେପି ପ୍ରାର୍ଥୀ ନିହାର ମହାନନ୍ଦ ବିଜେଡିର ସ୍ନେହାଙ୍ଗିନୀ ଛୁରିଆଙ୍କୁ ୨୮ ହଜାର ୯୧୦ ଖଣ୍ଡ ଭୋଟରେ ହରାଇଛନ୍ତି। ନିହାର ମହାନନ୍ଦଙ୍କୁ ୯୯ ହଜାର ୪୮୭ ଖଣ୍ଡ ଭୋଟ ମିଳିଥିବା ବେଳେ ସ୍ନେହାଙ୍ଗିନୀଙ୍କୁ ୭୦ ହଜାର ୫୭୭ ଖଣ୍ଡ ଭୋଟ ମିଳିଛି। କଂଗ୍ରେସର ଅଭିଷେକ ସେଠ ୬୦୬୫ ଖଣ୍ଡ ଭୋଟ ପାଇଛନ୍ତି। ବିଜେପୁର ଆସନରେ ବିଜେଡି ପ୍ରାର୍ଥୀ ମନ୍ତ୍ରୀ ରୀତା ସାହୁ ପରାସ୍ତ ହୋଇଛନ୍ତି। ତାଙ୍କୁ ବିଜେପିର ସନତ ଗଡ଼ତିଆ ୧୦ ହଜାର ୬୬୬ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ସନତଙ୍କୁ ୯୩ ହଜାର ୧୬୧ ଖଣ୍ଡ ଭୋଟ ମିଳିଥିବା ବେଳେ ରୀତା ସାହୁଙ୍କୁ ୮୩ ହଜାର ୯୫ ଖଣ୍ଡ ଭୋଟ ମିଳିଛି। କଂଗ୍ରେସର କିଶୋର ଦଫାଦାର ୧୫ ହଜାର ୭୦୭ ଖଣ୍ଡ ଭୋଟ୍ ପାଇଛନ୍ତି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-09-24

**କାର୍ଯ୍ୟର ବିବରଣୀ:** ତିନି ବର୍ଷ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ଭୁବନେଶ୍ୱର କୋଚିଙ୍ଗ୍ ଡିପୋ ଠାରେ RA/ ପର୍ଯ୍ୟବେକ୍ଷଣ କାର/WCD/LOMS କୋଚ୍‌ଗୁଡ଼ିକ ଭଳି LHB/SGAC ଟାଇପ୍ AC କୋଚ୍, ପାୱାର କାର, ପ୍ୟାଣ୍ଟ୍ରି କାର, ହାଇବ୍ରିଡ୍ (Hybrid) ଟାଇପ୍ LHB AC କୋଚ୍ ଏବଂ ଅନ୍ୟ ସ୍ୱତନ୍ତ୍ର କୋଚ୍‌ଗୁଡ଼ିକରେ ଲଗାଯାଇଥିବା RMPUs ନିମନ୍ତେ ବ୍ୟାପକ ରକ୍ଷଣାବେକ୍ଷଣ ଚୁକ୍ତି।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 11,06,21,484.39, EMD (ଟଙ୍କାରେ) : 7,03,100/-, ଶେଷ ହେବା ଅବଧି : 36 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.19.06.2024 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(G)/ ଖୋର୍ଦ୍ଧା ରୋଡ଼

PR-179/P/24-25

# ବାଲିଗୁଡ଼ାରୁ ବିଜେଡିର ଚକ୍ରମଣି କହଁର ବିଜୟୀ



**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଲୋକସଭା ଅନ୍ତର୍ଗତ ବାଲିଗୁଡ଼ାରେ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଭୋଟ ଗଣତି ସମାପ୍ତ ହୋଇଛି ବାଲିଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡ଼ି ପ୍ରାର୍ଥୀ ଚକ୍ରମଣି କହଁର ୧୬୭୧ଟି ଭୋଟ୍ ବ୍ୟବଧାନରେ ବିଜୟୀ ହୋଇ ଦ୍ୱିତୀୟ ଥର ପାଇଁ ନିଜ ବିଧାୟକ ପଦ ବଜାୟ ରଖିଛନ୍ତି। ବିଜେଡ଼ି ପ୍ରାର୍ଥୀ ଚକ୍ରମଣି କହଁର ୪୩ ହଜାର ୫୮୬ଖଣ୍ଡ ଭୋଟ ପାଇ ବିଜୟୀ ଲାଭ କରିଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଉପେନ୍ଦ୍ର ପ୍ରଧାନଙ୍କୁ ୪୧ ହଜାର ୯୧୫ ଖଣ୍ଡ ଭୋଟ୍ ମିଳିଥିଲା। ସେହିପରି ଭାଜପା ପ୍ରାର୍ଥୀ କଳ୍ପନା କହଁରଙ୍କୁ ୩୧ ହଜାର ୪୮୧ ଭୋଟ ମିଳିଥିଲା। ଅନ୍ୟମାନଙ୍କ ମଧ୍ୟରେ ମାନସ ଲୋକ ଶକ୍ତି ଦଳ ପ୍ରାର୍ଥୀ ଅଜୟ କୁମାର ମଲ୍ଲିକ ୧୦୦୯ଟି ଭୋଟ, ନ୍ୟାସନାଲ ଅପନୀ ପାର୍ଟି ପ୍ରାର୍ଥୀ ଜୟସିଂ ମଲ୍ଲିକ ୮୬୬ଟି ଭୋଟ୍ ପାଇଥିଲେ। ଏତଦ ବ୍ୟତୀତ ନୋଟା ଭୋଟ୍‌ରେ ୨୬୦୬ଟି ଭୋଟ୍ ମିଳିଥିବା ଜଣାପଡ଼ିଛି।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ , ଭୁବନେଶ୍ୱର - ୭୫୧୦୦୧
ଫୋନ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍ ସାଇଟ୍ : www.oshb.org

CAD-162

**ବିଜ୍ଞାପନ**

ପତ୍ର ସଂଖ୍ୟା ୧୨୨ ତା. : ୦୧.୦୬.୨୦୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ୧-ଶୈଳେନ୍ଦ୍ର କୁମାର ରାୟ, ୨-ଶ୍ରୀମତୀ ବିର୍ଷଣ୍ଣ ପ୍ରୀୟା ରାୟ, ୩-ଶ୍ରୀମତୀ ବନପ୍ରୀୟା ରାୟ, ୪-ମନପ୍ରୀୟା ରାୟ ଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରେ ମାଲିକାନା ସତ୍ତ୍ୱ ପରିବର୍ତ୍ତନ କରିବା ପାଇଁ ଆବେଦନ କରିଥିଲେ। ବିଜ୍ଞାପନ ପ୍ରକାଶନ ପରେ ଉତ୍ତରାଧିକାରୀ ମାନଙ୍କ ମଧ୍ୟରୁ ୧ ନଂ ଉତ୍ତରାଧିକାରୀ ଶୈଳେନ୍ଦ୍ର କୁମାର ରାୟ (ପୁତ୍ର) ଓ ୪ନଂ ଉତ୍ତରାଧିକାରୀଣୀ ମନପ୍ରୀୟା ରାୟ (ବି.କନ୍ୟା) ଙ୍କ ମୃତ୍ୟୁ କାରଣରୁ ମାଲିକାନା ସତ୍ତ୍ୱ ପରିବର୍ତ୍ତନ କରାଯାଇ ପାରିନଥିଲା। ବର୍ତ୍ତମାନ ନିମ୍ନ ଆବେଦନ କାରୀ ମାନେ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ଉକ୍ତ ସମ୍ପତ୍ତିରେ ସେମାନଙ୍କର ଅଂଶରେ ସେମାନଙ୍କର ନାମ ବଦଳ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ଏବଂ ଆଇନ ଅନୁଯାୟୀ ଉକ୍ତ ସମ୍ପତ୍ତିରେ ସେମାନଙ୍କର ନାମ ବଦଳ କରାଯାଇପାରେ।

| କ୍ର.ନଂ. ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
| --- | --- | --- |
| ୧ ୮ ବିଦ୍ୟସିଂହ ରାୟ, ପିତା- ରାଧାଶ୍ୟାମ ରାୟ, ସା/ପୋ-ଭଇଁର ଗଡ଼, ଥାନା-ବାଲିପାଟଣା, ଜିଲ୍ଲା-ଖୋର୍ଦ୍ଧା | ଏଇ.- ୧୭୫ AE-175 ଭି.ଏସ୍.ଏସ୍.ନଗର ହାଉସିଂ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ, ଭୁବନେଶ୍ୱର, ଜିଲ୍ଲା - ଖୋର୍ଦ୍ଧା | ୧- ୧-ସରୋଜିନୀ ରାୟ-(ବୋହୂ) 2- ସୂର୍ଯ୍ୟକାନ୍ତ ରାୟ-(ନାତି) ୩-ଶକ୍ତିକାନ୍ତ ରାୟ-(ନାତି) ୪-ଚନ୍ଦ୍ରକାନ୍ତ ରାୟ ସାମନ୍ତସିଂହାର-(ନାତି) ୫-ଶସ୍ମିତା ରାୟ-(ବି.ନାତୁଣୀ) ୬-ଶିଶୋରୀୟା ରାୟ-(ବି.ନାତୁଣୀ) ୨-ଶ୍ରୀମତୀ ବିର୍ଷଣ୍ଣ ପ୍ରୀୟା ରାୟ-(ବି.କନ୍ୟା) ୩-ଶ୍ରୀମତୀ ବନପ୍ରୀୟା ରାୟ-( ବି.କନ୍ୟା) ୪- ୧-ସଂଘମିତ୍ରା ରାଉତରାୟ-(ବି.ନାତୁଣୀ) ୨-ସତ୍ୟଜିତ୍ ରାୟ-(ନାତି) ୩- ବିଶ୍ୱଜିତ୍ ରାୟ-(ନାତି) ୪- ମଧୁସ୍ମିତା ମହାନ୍ତି-(ବି.ନାତୁଣୀ) |

ସ୍ୱା- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0134/2324

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସପ୍ତଦଶ ଲୋକସଭା...

ଅନୁମୋଦନ କରିଥିଲା। ଜୁନ ୮ ତାରିଖରେ ତୃତୀୟଥର ପାଇଁ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇପାରନ୍ତି ।

## ମୁଖ୍ୟମନ୍ତ୍ରୀ ପଦରୁ ...

କ୍ୟାରିଅର ଆରମ୍ଭ ପରଠୁ ନବୀନ ପ୍ରଥମ ଥର ପରାଜୟର ସ୍ୱାଦ ଚାଖିଛନ୍ତି । ଜୀବନରେ ପ୍ରଥମ ଥର ପାଇଁ ସେ ନିର୍ବାଚନରେ ପରାଜୟର ସମ୍ମୁଖୀନ ହୋଇଛନ୍ତି। ନବୀନ ଏବେ ପ୍ରଥମ ଥର ବିରୋଧୀ ଦଳ ଆସନରେ ବସିବେ । କେବଳ ନବୀନ ପଟ୍ଟନାୟକଙ୍କ ହାତରୁ ଶାସନ ଡୋର୍ ଯାଇନି, ବରଂ ୨୪ ବର୍ଷର ଅପରାଜେୟ ଟ୍ୟାଗ୍ ମଧ୍ୟ ହଟିଯାଇଛି।

## ମୋଦିଙ୍କର ସଫଳ ନେତୃତ୍ୱରେ...

ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ସମ୍ବଲପୁରକୁ ବିକଶିତ କରିବା ସହ ଓଡ଼ିଶା ଏବଂ ଭାରତକୁ ବିକଶିତ କରିବା । ସମସ୍ତଙ୍କର ଉନ୍ନତି ପାଇଁ ମହାପ୍ରଭୁ ଜଗନ୍ନାଥ, ମା' ସମଲେଇଙ୍କ ପାଖରେ ଶ୍ରୀ ପ୍ରଧାନ ପ୍ରାର୍ଥନା କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ, ମା' ସମଲେଇଙ୍କର ଅପାର କରୁଣାରୁ ସମ୍ବଲପୁର ଲୋକସଭା କ୍ଷେତ୍ରର ସବୁ ଗୁରୁଜନ, ମା' ଭଉଣୀ ଏବଂ ଦଦା ଭାଇ ମାନଙ୍କୁ ଶ୍ରଦ୍ଧା ଏବଂ ଆଶୀର୍ବାଦ୍ କାରଣରୁ ଲୋକସଭା ନିର୍ବାଚିତ ହେବାର ସୌଭାଗ୍ୟ ପାଇଛି । ଲୋକମାନେ ଜନପ୍ରିୟ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତୃତୀୟ ଥର ପାଇଁ ଭାରତର ପ୍ରଧାନମନ୍ତ୍ରୀ ହେବା ପାଇଁ ଆଶୀର୍ବାଦ ଦେଇଛନ୍ତି । ସେଥିପାଇଁ ଲୋକଙ୍କୁ କୃତଜ୍ଞତା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ।

## ସହସ୍ରତାଲ୍‌ରେ ଦୁର୍ଘଟଣା...

ହୋଇଥିବା ସମସ୍ତ ପର୍ବତାରୋହୀ କର୍ଣ୍ଣାଟକର ହୋଇଥିବା ନେଇ ଜଣାପଡିଛି । ତେବେ ୨୨ଜଣଙ୍କ ମଧ୍ୟରୁ କର୍ଣ୍ଣାଟକର ୧୮ ସଦସ୍ୟ, ଜଣେ ମହାରାଷ୍ଟ୍ରର ଏବଂ ୩ଜଣ ସ୍ଥାନୀୟ ଗାଇଡ ସାମିଲ ରହିଥିଲେ ।

## ଏନ୍‌ଏଚ୍‌ଆରସିରେ ପହଞ୍ଚିଲା...

ଫେରିଛନ୍ତି। ଏହି ବାଣ ବିସ୍ଫୋରଣର ତଦନ୍ତ କରୁଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର। ଯାହାର କିଛି ଆପତ୍ତି ଅଭିଯୋଗ ଅଛି, ସେମାନେ ପୁରୀ ସର୍କିଟ ହାଉସରେ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ଜଣାଇ ପାରିବେ। ବୁଧବାର ଅପରାହ୍ନ ୩ ଟାରୁ ୭ଟା ମଧ୍ୟରେ ଲୋକେ ନିଜର ଅଭିଯୋଗ କରିପାରିବେ ବୋଲି କୁହାଯାଇଛି।

## ଆସିଲା ହାତୀ ଗଣନା ରିପୋଟ...

ନଜର ରଖିବାକୁ ଅନୁଗୁଳ ଓ ଢେଙ୍କାନାଳ ଅଞ୍ଚଳରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବ୍ୟବହାର ପାଇଁ ଯୋଜନା ହୋଇଛି । ଖୁବଶୀଘ୍ର ଏହା କାର୍ଯ୍ୟକାରୀ ହେବ ବୋଲି ବନ୍ୟପ୍ରାଣୀ ପିସିସିଏଫ ସୁଶାନ୍ତ ନନ୍ଦ କହିଛନ୍ତି।

## ଓଡ଼ିଶାରେ ବିଜେପିର...

ଲୋକସଭା ଆସନରୁ ଜିତିଥିବା ବୈଜୟନ୍ତ ପଣ୍ଡା, ବ୍ରଜରାଜ ନଗର ବିଧାନସଭା ଆସନରୁ ଜିତିଥିବା ସୁରେଶ ପୂଜାରୀ ଏବଂ ପାଟଣାଗଡ ବିଧାନସଭା ଆସନରୁ ଜିତିଥିବା କନକବର୍ଦ୍ଧନ ସିଂହଦେଓଙ୍କ ନାମ ମୁଖ୍ୟମନ୍ତ୍ରୀ ପଦ ଲାଗି ଆଲୋଚନାରେ ଉଠିଛି। ତେବେ ଏମାନଙ୍କ ମଧ୍ୟରୁ କେହି ଜଣେ ଓଡ଼ିଶାର ନୂଆ ମୁଖ୍ୟମନ୍ତ୍ରୀ ହୋଇପାରନ୍ତି କିମ୍ବା ବିଜେପି ସଂସଦୀୟ ଦଳର ନିଷ୍ପତ୍ତି ଅନୁସାରେ ଆଉ କାହାକୁ ଏହି ପଦ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଜମ୍ମୁ କଶ୍ମୀରର ପୂର୍ବତନ ରାଜ୍ୟପାଳ ଥିବା ଗିରୀଶ ମୁର୍ମୁଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ବସାଇବା ନେଇ ମଧ୍ୟ ଆଲୋଚନା ହେଉଥିବା ଜଣାପଡିଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଓଡ଼ିଶାରେ ନିର୍ବାଚନ ପ୍ରଚାର ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟରେ ବିଜେପି ସରକାର ଗଠନ କରିବ ଏବଂ ନିର୍ବାଚିତଙ୍କ ମଧ୍ୟରୁ ଜଣଙ୍କୁ ମୁଖ୍ୟମନ୍ତ୍ରୀ କରାଯିବ ବୋଲି କହିଥିଲେ।

ଭୁବନେଶ୍ୱର
୬ ଜୁନ୍
ଗୁରୁବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ବନକଲାଗି ନୀତି ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ



**ପୁରୀ, ୫/୬ ନ୍ୟୁଜ ବ୍ୟୁରୋ**
ଦେବସ୍ନାନ ପୂର୍ଣ୍ଣିମା ପୂର୍ବରୁ ଶେଷଥର ଶ୍ରୀଜଗନ୍ନାଥଙ୍କ ବନକଲାଗି ନୀତି ବା ଶ୍ରୀମୁଖ ଶୃଙ୍ଗାର କରାଯିବ। ଆସନ୍ତା ରୁକ୍ମଣୀ ହରଣ ଏକାଦଶୀରେ ମହାପ୍ରଭୁଙ୍କ ବିବାହ ଉତ୍ସବ ହେବାକୁ ଥିବାବେଳେ ତା' ପୂର୍ବରୁ ବନକଲାଗି ନିତି କରାଯାଉଛି। ପ୍ରାକୃତିକ ରଙ୍ଗ ହିଙ୍ଗୁଳ, ହରିତାଳ, କଳା ଓ ଧଳାରେ ଦତ୍ତ ମହାପାତ୍ର ସେବକମାନେ ମହାପ୍ରଭୁଙ୍କ ବନକ ଲାଗି କରିବେ। ବନକଲାଗି ନୀତି ଗୁପ୍ତନୀତି ହୋଇଥିବାରୁ ଏହି ସମୟରେ ଚତୁର୍ଦ୍ଧା ମୂରତିଙ୍କ ସାଧାରଣ ଦର୍ଶନ ବନ୍ଦ ରହିବ। ଭୋଗମଣ୍ଡପ ଭୋଗ ଶେଷ ହେବାପରେ ସନ୍ଧ୍ୟା ୭ ଟାରୁ ରାତି ୧୦.୩୦ ମିନିଟ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଲାଗି ଦର୍ଶନ ବନ୍ଦ ରହିବ। କିନ୍ତୁ ପାର୍ଶ୍ୱ ଦେବାଦେବୀଙ୍କ ଦର୍ଶନ କରିପାରିବେ ଭକ୍ତ ମାନେ।

# ଓଡ଼ିଶାରେ ବିପୁଳ ବିଜୟ ପାଇଁ ବାଲୁକା କଳାରେ ମୋଦିଙ୍କୁ ଶୁଭେଚ୍ଛା




**ପୁରୀ, ୫/୦୬ ନ୍ୟୁଜ ବ୍ୟୁରୋ**
ଲୋକସଭା ଓ ଓଡ଼ିଶା ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ଓଡ଼ିଶାରେ ୨୪ ବର୍ଷର ବିଜେଡି ସରକାରକୁ ହରାଇ ବୃହତ୍ ବିଜୟ ହାସଲ କରିଛି ବିଜେପି। ମୋଦି ମ୍ୟାଜିକ ଦେଖିବାକୁ ମିଳିଛି ଓଡ଼ିଶାରେ। କେନ୍ଦ୍ରରେ ମଧ୍ୟ ପୁଣିଥରେ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ଗଠନ କରିବାକୁ ଯାଉଛି। ଏହି ଅବସରରେ ଅନ୍ତର୍ଜାତୀୟ ବାଲୁକା ଚିତ୍ରଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଏକ ଆକର୍ଷଣୀୟ ବାଲୁକା କଳା ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପୁରୀ ବେଳାଭୂମିରେ ସେ ମୋଦିଙ୍କ ଏକ ବାଲୁକା ଚିତ୍ରକଳା ପ୍ରସ୍ତୁତ କରି ସାଧାରଣ ନିର୍ବାଚନରେ ବିଜୟ ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ବାଲିରେ ନରେନ୍ଦ୍ର ମୋଦିଙ୍କ ଚିତ୍ରକଳା ସହିତ ଅନେକ ଫୁଲକୁ ସ୍ଥାନିତ କରିଛନ୍ତି। ଏହି ସୁନ୍ଦର ବାଲୁକା କଳା ଦେଖିବାକୁ ବେଳାଭୂମିରେ ପର୍ଯ୍ୟଟକଙ୍କ ବେଶ୍ ଭିଡ଼ ଜମିଛି।



ଭୁବନେଶ୍ୱର : ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ରାଜଭବନ ପରିସରରେ ବୃକ୍ଷରୋପଣ କରୁଛନ୍ତି ରାଜ୍ୟପାଳ ରଘୁବର ଦାସ। (ଫଟୋ : ସମ୍ବାଦ କଳିକା)

# ବ୍ୟାପକ ବୃକ୍ଷରୋପଣ କରି ବିଶ୍ୱ ପରିବେଶ ଦିବସ ପାଳିଲା କିଟ୍ ଓ କିସ୍




**ଭୁବନେଶ୍ୱର,୫ ।୬ ନ୍ୟୁଜ ବ୍ୟୁରୋ**
କିଟ୍ ଓ କିସ୍‌ରେ ବୁଧବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବୁଧବାର କିଟ୍ ବିଶ୍ୱବିଦ୍ୟାଳୟ ଓ କିସ୍‌ର ବିଭିନ୍ନ କ୍ୟାମ୍ପସରେ ବ୍ୟାପକ ବୃକ୍ଷରୋପଣ କରାଯାଇ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା। କିଟ୍ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଛାତ୍ରାବାସ କ୍ୟାମ୍ପସରେ କିଟ୍ ଉଦ୍ୟାନ ବିଭାଗ ଉପଦେଷ୍ଟା ସୁଦର୍ଶନ ପଣ୍ଡା ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ ବୃକ୍ଷରୋପଣ କରି ଏହାର ଶୁଭାରମ୍ଭ କରିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରେରଣାରେ ପ୍ରତିବର୍ଷ କିଟ୍ ଓ କିସ୍‌ରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଥାଏ। ଡ.ସାମନ୍ତଙ୍କ ପରାମର୍ଶ କ୍ରମେ ପ୍ରତିବର୍ଷ କିଟ୍ ଓ କିସ୍‌ର ବିଭିନ୍ନ କ୍ୟାମ୍ପସରେ ବିଭିନ୍ନ ପ୍ରଜାତିର ଲକ୍ଷାଧିକ ବୃକ୍ଷରୋପଣ କରାଯାଇଆସୁଛି। ଏଥିରେ କିଟ୍ ଓ କିସ୍‌ର କର୍ମଚାରୀ ଓ ଛାତ୍ରଛାତ୍ରୀ ସାମିଲ ହୋଇ ବୃକ୍ଷରୋପଣ କରିଥାନ୍ତି। ଏଥିଯୋଗୁଁ କିଟ୍ ଓ କିସ୍ ବିଭିନ୍ନ କ୍ୟାମ୍ପସ୍‌ରେ ସବୁଜ ବଳୟ ସୃଷ୍ଟି ହେବା ସହ ବିଭିନ୍ନ ପ୍ରଜାତିର ବୃକ୍ଷରାଜି ଓ ରଙ୍ଗ ବେରଙ୍ଗର ଫୁଲଗଛ ସବୁ ଶୋଭା ପାଉଛି। କିଟ୍ ଓ କିସ୍‌ର ସବୁଜିମା ପରିବେଶ ଦେଖି ବିଭିନ୍ନ ସମୟରେ ଏଠାକୁ ପରିଦର୍ଶନରେ ଆସୁଥିବା ଦେଶ ବିଦେଶର ଅତିଥିମାନେ ଅଭିଭୂତ ହୋଇଥାନ୍ତି। ଚଳିତବର୍ଷ ବିଶ୍ୱ ପରିବେଶ ଦିବସର ବିଷୟବସ୍ତୁ ରହିଛି- ମୃତ୍ତିକା ସଂରକ୍ଷଣ, ମରୁଭୂମିକରଣର ମୁକାବିଲା ଓ ମରୁଡ଼ି ସହନଶୀଳତା।

## ଓଡ଼ିଶାରେ ଇତିହାସ ରଚିଲା ବିଜେପି

# ନିର୍ବାଚନରେ ସାଢେ ୪କୋଟି ଓଡ଼ିଆଙ୍କ ବିଜୟ ଘଟିଛି : ଧର୍ମେନ୍ଦ୍ର

**ଭୁବନେଶ୍ୱର, ୫/୦୬ ନ୍ୟୁଜ ବ୍ୟୁରୋ**
ଓଡ଼ିଶାରେ ଏକ ନୂଆ ଇତିହାସ ଲେଖାଯାଇଛି। ଏହି ବିଜୟ କେବଳ ବିଜେପିର ନୁହେଁ ବରଂ ସାଢେ ୪ କୋଟି ଓଡ଼ିଆଙ୍କ ବିଜୟ। ଏହି ବିଜୟ ଓଡ଼ିଆ ଅସ୍ମିତା, ଭାଷା, ସଂସ୍କୃତି ଓ ପରିଚୟର ବଡ଼ ବିଜୟ ବୋଲି ଓଡ଼ିଶା ଜନାଦେଶ ଉପରେ ପ୍ରତିକ୍ରିୟା ଦେଇ କହିଛନ୍ତି ସମ୍ବଲପୁର ଲୋକସଭାର ବିଜୟୀ ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ, ମହାପ୍ରଭୁଙ୍କ ଶୁଭ ଆଶୀର୍ବାଦରୁ ଓଡ଼ିଶାବାସୀଙ୍କ ସେବା କରିବାର



ସୁଯୋଗ ମିଳିବା ଆମ ପାଇଁ ସୌଭାଗ୍ୟର ବିଷୟ। ଆମର ଶୀର୍ଷ ନେତୃତ୍ୱଙ୍କ ଦୂରଦୃଷ୍ଟି, ମାର୍ଗଦର୍ଶନ ଏବଂ କାର୍ଯ୍ୟକର୍ତ୍ତାମାନଙ୍କ ଅକ୍ଲାନ୍ତ ପରିଶ୍ରମ ପାଇଁ ଏହା ସମ୍ଭବ ହୋଇପାରିଛି। ବିଜେପିର ବିଜୟ ସବୁ ଓଡ଼ିଆ ଲୋକଙ୍କର ବିଜୟ। ଏହି ବିଜୟ ଓଡ଼ିଆ ଅସ୍ମିତାର ବିଜୟ। ଏହି ବିଜୟ ପ୍ରଧାନମନ୍ତ୍ରୀଙ୍କ ଦୃଢ ନେତୃତ୍ୱ ଉପରେ ଲୋକଙ୍କ ବିଶ୍ୱାସ ଓ ଭରସାର ପ୍ରତିଫଳନ। ଓଡ଼ିଆ ଅସ୍ମିତା, ସଂସ୍କୃତି ଓ ସ୍ୱାଭିମାନ କେବଳ ରାଜନୈତିକ ବିଷୟ ନୁହେଁ। ଓଡ଼ିଆ ଅସ୍ମିତା ଓ ସଂସ୍କୃତିରେ ମହାପ୍ରଭୁଙ୍କ ସଂସ୍କୃତି, ଓଡ଼ିଆ ଚାଲିଚଳଣୀ ଓ ପରମ୍ପରାର କଥା ଅଛି। ଏଥିପାଇଁ ଓଡ଼ିଆ ଲୋକମାନେ ବିଜେପିକୁ ଭରପୂର ମାତ୍ରାରେ ଆଶୀର୍ବାଦ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଯାହା କୁହନ୍ତି, ତାହା କରନ୍ତି। ଓଡ଼ିଶାବାସୀଙ୍କୁ ସେ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରାଯିବ। ସବୁ ମୋଦି ଗ୍ୟାରେଣ୍ଟିର ସ୍ୱପ୍ନ ସାକାର ହେବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ବିଜେପି ନିଷ୍ଠାର ସହକାରେ ଲୋକଙ୍କ ସେବା କରିବା ସହ ସବୁ ପ୍ରତିଶ୍ରୁତି ପୂରଣ କରି ଓଡ଼ିଶା ଏବଂ ଓଡ଼ିଆ ଅସ୍ମିତାକୁ ଏକ ନୂଆ ଶିଖରରେ ପହଞ୍ଚାଇବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ନବୀନ ବାବୁଙ୍କ ସ୍ୱଚ୍ଛ ଶାସନ ଉଦାହରଣ ସୃଷ୍ଟି କରିଛି: ମାନସ ମଙ୍ଗରାଜ

**ଭୁବନେଶ୍ୱର, ୫/୦୬ ନ୍ୟୁଜ ବ୍ୟୁରୋ**
ଅପରାଜେୟ ନବୀନ ପଟ୍ଟନାୟକ। ନବୀନ ପଟ୍ଟନାୟକ କେବଳ ମୁଖ୍ୟମନ୍ତ୍ରୀ ପଦରୁ ଅବ୍ୟାହତି ପାଇଛନ୍ତି ହେଲେ ବାସ୍ତବରେ ତାଙ୍କ ନିର୍ମଳ ଭାବମୂର୍ତ୍ତି ପାଇଁ ସେ ଆଜି ବି ଅପରାଜେୟ। ଓଡ଼ିଶାବାସୀଙ୍କ ହୃଦୟରେ ଅଛନ୍ତି ଓ ସବୁବେଳେ ରହିଥିବେ। ସୋସିଆଲ ମିଡିଆ ଏକ୍ସରେ ବିଜେଡି ସାଂସଦ ମାନସ ମଙ୍ଗରାଜ କହିଛନ୍ତି, ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କୁ ପରିବାର ଭାବି ନିଜ ଜୀବନର ୨୪ ବର୍ଷ ସମଗ୍ର ରାଜ୍ୟ ପାଇଁ ଉତ୍ସର୍ଗ କରିଦେଇଛନ୍ତି ନବୀନ। ଓଡ଼ିଶାବାସୀଙ୍କ ଉନ୍ନତି ପାଇଁ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ କରିଛନ୍ତି। ଏପରିକି ଓଡ଼ିଆ ଭାଷାକୁ ଉଜ୍ଜୀବିତ କରି ରଖିବା ପାଇଁ ସେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରିଥିଲେ। ତାଙ୍କ ପାଇଁ ହିଁ ଓଡ଼ିଆ ଭାଷାକୁ ମିଳିଛି ଶାସ୍ତ୍ରୀୟ ମାନ୍ୟତା।



ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ପାଇଁ ମନ୍ଦିର ପୁନଃନରୁଦ୍ଧାର କରିଛନ୍ତି। ତାଙ୍କ ପ୍ରଚେଷ୍ଟାରେ ଆଜି ବିଶ୍ୱ ଦେଖିଲା ବିଶ୍ୱନିୟନ୍ତାଙ୍କ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ତାରାତାରିଣୀ, ସମଲେଶ୍ୱରୀ ଓ ଅନେକ ମନ୍ଦିରକୁ ମିଳିଛି ଭବ୍ୟ ରୂପ। ସର୍ବୋପରି ଜନସେବା ହିଁ ତାଙ୍କ ଜୀବନର ଲକ୍ଷ୍ୟ। ସେ ଚାଷୀଙ୍କ ମୁହଁରେ ହସ ଫୁଟାଇବାଠୁ ନେଇ ଜନଜାତିଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିଛନ୍ତି। ବିଶ୍ୱର ସବୁଠୁ ଭଲ ସ୍ୱାସ୍ଥ୍ୟ କଲ୍ୟାଣ 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା'ରେ ଅନେକ ଲୋକ ଉପକୃତ ହୋଇଛନ୍ତି। ଲକ୍ଷ ଲକ୍ଷ ମହିଳାଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରିଛନ୍ତି। ତାଙ୍କ ପାଇଁ ଆଜି ନାରୀଶକ୍ତି ସାରା ଦେଶରେ ଉଦାହରଣ ସାଜିଛି। ସେ ରାଜନୀତି ନୁହେଁ ରାଜ୍ୟନୀତି କରନ୍ତି। ନବୀନ ବାବୁଙ୍କ ସ୍ୱଚ୍ଛ ଶାସନ ଓ ଦକ୍ଷ ନେତୃତ୍ୱ ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ଉତ୍ତମ ବିପର୍ଯ୍ୟୟ ପରିଚାଳନା ପାଇଁ ସେ ସାରା ବିଶ୍ୱରେ ପ୍ରଶଂସିତ ହୋଇଛନ୍ତି। ଜନମାନସରେ ପରିଚିତ ଜନନାୟକଙ୍କ ଅନୁପସ୍ଥିତିକୁ ସହଜେ ଗ୍ରହଣ କରିପାରୁନାହାନ୍ତି ଓଡ଼ିଶାବାସୀ। ସମସ୍ତେ ସ୍ତବ୍ଧ ହୋଇଯାଇଛନ୍ତି। ହେଲେ ତାଙ୍କର ସେବା ମନୋଭାବ ଏବଂ ଓଡ଼ିଶାର ଉନ୍ନତି ପାଇଁ ଅନବରତ କାମ କରି ସେ ଇତିହାସ ସୃଷ୍ଟି କରିଛନ୍ତି। ଓଡ଼ିଶା ଏବଂ ଓଡ଼ିଆଙ୍କ ପାଇଁ ତାଙ୍କର କର୍ତ୍ତବ୍ୟକୁ ଲୋକେ ଚିରଦିନ ପାଇଁ ମନେ ରଖିବେ ବୋଲି ମାନସ ମଙ୍ଗରାଜ କହିଛନ୍ତି।

## ସେୟାର ମାର୍କେଟିଂ ଆଳରେ ୧୨କୋଟି ଠକେଇ

# ମାଷ୍ଟରମାଇଣ୍ଡକୁ ଧରିବା ପାଇଁ ପଶ୍ଚିମବଙ୍ଗ ଗଲା ସ୍ପେଶାଲ ଟିମ୍

**ଭୁବନେଶ୍ୱର, ୫/୬ ନ୍ୟୁଜ ବ୍ୟୁରୋ**
ସେୟାର ମାର୍କେଟିଂ ଆଳରେ ୧୨କୋଟିରୁ ଊର୍ଦ୍ଧ୍ୱ ଠକେଇ ମାମଲାରେ ମାଷ୍ଟରମାଇଣ୍ଡ ଜିଆକୁର ରହମାନ ପଶ୍ଚିମବଙ୍ଗରେ ଲୁଚିଛି। ତାକୁ ଧରିବା ପାଇଁ ଇଓଡବ୍ଲ୍ୟୁର ଏକ ସ୍ପେଶାଲ ଟିମ୍ ପଶ୍ଚିମବଙ୍ଗ ଯାଇଛି। ସେଠାର ସ୍ଥାନୀୟ ପୁଲିସ ସହଯୋଗରେ ଅଭିଯୁକ୍ତକୁ ଧରିବାକୁ ଚଢଉ କରାଯାଉଥିବା ସୂଚନ ମିଳିଛି। ହଜାର ଟଙ୍କା ଲଗାଇଲେ ପ୍ରତି ମାସରେ ୨ପ୍ରତିଶତ ସୁଧ ମିଳିବ ବୋଲି ସଂସ୍ଥା ଲୋଭ ଦେଖାଇଥିଲା। ଏହି ସଂସ୍ଥାରେ ଯୋଡ଼ି ହୋଇଥିବା ସଦସ୍ୟ ଭୁବନେଶ୍ୱର, ଢେଙ୍କାନାଳ, ଭଦ୍ରକ, ଅନୁଗୁଳ ଏବଂ ବାଲେଶ୍ୱରରେ ବୈଠକ କରି ଏଲ୍‌ଏଫ୍‌ଏସ୍ ଏବଂ ପିଏମ୍‌ଏସ୍‌ରେ ଟଙ୍କା ଲଗାଇବା ପାଇଁ କହୁଥିଲେ। ଲୋଭରେ ପଡ଼ି ଲୋକେ ଏହି ସଂସ୍ଥାରେ ଟଙ୍କା



ଲଗାଉଥିଲେ। ଏହିଭଳି ଅରୁଣ କୁମାର ପଟ୍ଟନାୟକ ଏଲ୍‌ଏଫ୍‌ଏସ୍ ବ୍ରୋକିଂ ସଂସ୍ଥା ୫ହଜାର ଲୋକଙ୍କୁ ଠକିଥିଲା। ଅଭିଯୁକ୍ତର ଆକାଉଣ୍ଟ ଫ୍ରିଜ୍ କରାଯାଇଛି। ଏଥିସହ ଟଙ୍କା ଯାଇଥିବା ଆକାଉଣ୍ଟକୁ ଫ୍ରିଜ୍ କରିଛି ତଦନ୍ତକାରୀ ଅଧିକାରୀ। ଠକେଇ ଟଙ୍କା କେଉଁ ସବୁ ଆକାଉଣ୍ଟକୁ ଯାଇଛି ସେନେଇ ମଧ୍ୟ ଯାଞ୍ଚ କରାଯାଉଛି। ଏହି ଠକେଇରେ ଆଉ କେଉଁମାନେ ସାମିଲ ଅଛନ୍ତି ସେନେଇ ମଧ୍ୟ ଖୋଳତାଡ଼ କରାଯାଉଛି। ଠକେଇର ଶିକାର ହୋଇଥିବା ଢେଙ୍କାନାଳର ଅରୁଣ କୁମାର ପଟ୍ଟନାୟକ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ମାଷ୍ଟରମାଇଣ୍ଡ ନିଜେ ସେୟାର ମାର୍କେଟିଂ ଏବଂ ସୁନା ବ୍ୟବସାୟ କରନ୍ତି ବୋଲି କୁହନ୍ତି। ଏଲ୍‌ଏଫଏସ୍ ବ୍ରୋକିଂ ସଂସ୍ଥା ଲୋକଙ୍କୁ ପ୍ରତିମାସରେ ୨ ପ୍ରତିଶତ ସୁଧ ଦେବାକୁ ପ୍ରଲୋଭନ ଦେଉଥିଲା। ଅଭିଯୁକ୍ତ ଥିବା ଜିଆକୁର ଏହି ଦୁଇଟି ସଂସ୍ଥାକୁ ନିଜ ଭଉଣୀର ବୋଲି କହୁଥିଲା। ଏଲ୍‌ଏଫ୍‌ଏସ୍ ବ୍ରୋକିଂ ସଂସ୍ଥା ପୁଣେରେ ପଞ୍ଜିକୃତ ହୋଇଥିବା ବେଳେ ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ଏହାର ବ୍ରାଞ୍ଚ ଅଫିସ୍ ଖୋଲିଥିଲା। ଅତିକମ୍‌ରେ ୨୫ ସଂସ୍ଥାରେ ଟଙ୍କା ଲଗାଇ ଲୋକେ ଠକାମିର ଶିକାର ହୋଇଛନ୍ତି। ସେ ପ୍ରଥମେ ୨୫ ହଜାର ଟଙ୍କା ଲଗାଇଥିଲେ। ପୁଣି ୨୦୨୩ ମେ' ୧ତାରିଖରେ ୬ଲକ୍ଷ ୭୫ହଜାର ଟଙ୍କା ସଂସ୍ଥାର ବ୍ୟାଙ୍କ୍ ଆକାଉଣ୍ଟରେ ଜମା କରିଥିଲେ। ବିଶ୍ୱାସ ଜମାଇବା ପାଇଁ ସଂସ୍ଥା ଗୋଟିଏ ମାସରେ ୧୪ହଜାର ଟଙ୍କା ଦେଇଥିଲେ। କିନ୍ତୁ ଏହା ପରେ ଆଉ ସଂସ୍ଥା ମାସକୁ ମାସ ସୁଧ ଟଙ୍କା ଦେବାକୁ ବନ୍ଦ କରି ଦେଇଥିଲା। ଏହିଭଳି ତାଙ୍କର ସମ୍ପର୍କୀୟ ସଙ୍ଗୀତା ଖୁଣ୍ଟିଆ ଏହି ସଂସ୍ଥାରେ ୮ ଲକ୍ଷ ଲଗାଇଥିବା ବେଳେ ପ୍ରକାଶ କୁମାର ୫ ଲକ୍ଷ, ପ୍ରଦୀପ କୁମାର ଚାନ୍ଦ, ଡମ୍ବରୁଧର ପଣ୍ଡା, ମନୋଜ ପ୍ରଧାନ, ସତ୍ୟ ମିଶ୍ର, ପୁଷ୍ପାଞ୍ଜଳି ବେହେରା, ଅଞ୍ଜନ କୁମାର ସାହୁ, ଶତ୍ରୁଘ୍ନ ମଲିକ ଏବଂ ଅନ୍ୟମାନେ ୨୦୨୧ରୁ ୨୦୨୨ ମଧ୍ୟରେ ଲକ୍ଷାଧିକ ଟଙ୍କା ଲଗାଇଥିଲେ। ସେମାନେ ମଧ୍ୟ ଏହି କମ୍ପାନୀର ଜାଲରେ ପଡ଼ି ଠକାମିର ଶିକାର ହୋଇଛନ୍ତି।

# ମହିଳା ଆଇଆଇସିଙ୍କ ଘରେ ଭଙ୍ଗାରୁଜା : ମଦ ବିକ୍ରି ନେଇ କାର୍ଯ୍ୟାନୁଷ୍ଠାନ ନେଇଥିଲେ

**କଟକ, ୦୫/୦୬ ନ୍ୟୁଜ ବ୍ୟୁରୋ**
ମାଣିଆବନ୍ଧ ଥାନାର ମହିଳା ଆଇଆଇସିଙ୍କ ଘରେ ଭଙ୍ଗାରୁଜା ଅଭିଯୋଗ ହୋଇଛି। ଶ୍ରୀକାନ୍ତ ଜେନା ନାମକ ଜଣେ ବ୍ୟକ୍ତି ଓ ତାଙ୍କ ସହଯୋଗୀ ଏହି ଭଙ୍ଗାରୁଜା କରିଥିବାର ଅଭିଯୋଗ ହୋଇଛି। ଅତିରିକ୍ତ ଏସ୍‌ପି ଏହାର ତଦନ୍ତ କରି ଶ୍ରୀକାନ୍ତ ଜେନାଙ୍କ ସମେତ ୫ ଜଣଙ୍କୁ ଗିରଫ କରିଛନ୍ତି। ୨ଟି କାର୍ ଓ ୪ଟି ବାଇକ୍ ମଧ୍ୟ ଜବତ କରିଛି ପୋଲିସ। ଶ୍ରୀକାନ୍ତ ଜେନାଙ୍କ ନାଁରେ ଥାନାରେ ଆଗରୁ ବି ଏକାଧିକ ମାମଲା ରହିଛି। ଅଭିଯୋଗ ଅନୁସାରେ ଭୋଟ ଗଣତି ପୂର୍ବ ଦିନ ଶ୍ରୀକାନ୍ତ ଜେନାଙ୍କ ଜଣେ ସମର୍ଥକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମଦ ବିକ୍ରିକୁ ନେଇ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ନେଇଥିଲା। ଏହାକୁ କେନ୍ଦ୍ର କରି ଆଇଆଇସି କାଦମ୍ବିନୀ ପରିଡ଼ାଙ୍କ ଘରେ ଓ ଥାନାରେ ଶ୍ରୀକାନ୍ତ ଭଙ୍ଗାରୁଜା କରି ଥିବା ଓ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଥିଲା।

# ସିରିଜ ଦୁର୍ଘଟଣା : ୩ମୃତ, ୧୧ଗୁରୁତର

**କେନ୍ଦୁଝର, ୫।୬ ନ୍ୟୁଜ**
କେନ୍ଦୁଝର ସଦର ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ପୁତୁଲୁପାଣି ଛକ ନିକଟରେ ସିରିଜ ଦୁର୍ଘଟଣା ଘଟିଛି। ବୁଧବାର ଅପରାହ୍ନ ୧୨ଟା ବେଳେ ଏକ ଟ୍ରଲର ଭାରସାମ୍ୟ ହରାଇ ପିଟିହେବାରୁ ୨ଟି କାର୍ ଓ ୩ ବାଇକ୍ ଏକ ଅଟୋ ପରସ୍ପର ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ୩ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଉଭୟ ଗାଡିରେ ବସିଥିବା ୧୧ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଉଦ୍ଧାର କରାଯାଇ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ମୃତକମାନେ ହେଲେ ସଦରଥାନା ଅନ୍ତର୍ଗତ ଉପରକାଇପୁର ଗ୍ରାମର ସ୍ୱର୍ଗତଃ ମାୟା ବେହେରାଙ୍କ ପୁଅ କୁଶ ବେହେରା (୩୬) ଓ ଗୋପାଳ ଚନ୍ଦ୍ର ବେହେରାଙ୍କ ପୁଅ ଖଗେଶ୍ୱର ବେହେରା (୨୮)। ଅନ୍ୟ ଜଣେ ମୃତକଙ୍କ ପରିଚୟ ମିଳିଥିବାବେଳେ ସେ ନୟାଗଡ ଅଞ୍ଚଳର କବାଡିଆ ବାଲା ବୋଲି ଜଣାପଡିଛି। ଏମାନଙ୍କ ମଧ୍ୟରୁ ଜଣେ ଗୁରୁତର ଥିବାରୁ ତାଙ୍କୁ ଡାକ୍ତର କଟକ ବଡ ମେଡିକାଲ ସ୍ଥାନାନ୍ତର କରିଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏନେଇ ପୋଲିସ ୩ଟି ମାମାଲା ରୁଜୁ କରି ଦୁଇ ଶବ ବ୍ୟବଚ୍ଛେଦ କରାଇ ମୃତଦେହ ପରିବାରଙ୍କୁ ହସ୍ତାନ୍ତର କରିଛି। ପରିବାର ଲୋକେ ମେଡିକାଲରେ ପହଞ୍ଚି ନଥିବାରୁ ନୟାଗଡ ଅଞ୍ଚଳ କବାଡିଆ ବାଲାଙ୍କ ମୃତଦେହ ଶବ ଗୃହରେ ରଖାଯାଇଛି। ତେବେ ଶୁଆକାଟି ସ୍ଥିତ ଓଡ଼ିଶା ଖଣିନିଗମକୁ ବେଆଇନ ଭାବେ ରାସ୍ତା ଦୁଇପାର୍ଶ୍ୱ ଟ୍ରକ୍ ଗୁଡିକ ପାର୍କିଙ୍ଗ କରିଥିବାରୁ ଏହି ବଡ ଧରଣର ଦୁର୍ଘଟଣା ଘଟିଥିବା ଜଣାପଡିଛି। ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ଦେଉଛି।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।
ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ରାଜଧାନୀର ୮୪ ମନ୍ଦିରରେ ରହିଛି ପ୍ରସାଦ ସେବନ ବ୍ୟବସ୍ଥା

**ଭୁବନେଶ୍ୱର, ୫/୬ ନ୍ୟୁଜ ବ୍ୟୁରୋ**
ଶୀତତାପ ନିୟନ୍ତ୍ରିତ କୋଠରିରେ ଚୌକିରେ ବସି ଖାଇବାର ବ୍ୟବସ୍ଥା ନାହିଁ କି ପରଷିବା ପାଇଁ ହୋଟେଲ୍ ମ୍ୟାନେଜମେଣ୍ଟ ପାଠ ପଢ଼ିଥିବା ତରୁଣ କିମ୍ବା ତରୁଣୀ ନାହାନ୍ତି। ଏସବୁ ସତ୍ତ୍ୱେ ବିନା ଏସିରେ ଚଟାଣରେ ବସି ସାତ୍ତ୍ୱିକ ଭୋଜନର ମଜା ନେଇପାରୁଛନ୍ତି ରାଜଧାନୀବାସୀ। ଏହା କୌଣସି ରେସ୍ତୋରାଁ କିମ୍ବା ତାରକା ହୋଟେଲ କଥା ନୁହେଁ, ରାଜଧାନୀର ଗଳିକନ୍ଦିରେ ଥିବା ମନ୍ଦିରଗୁଡ଼ିକରେ ପ୍ରସାଦ ସେବନ କରାଯିବା ଘଟଣା। ରାଜଧାନୀର ୮୪ଟି ବିଭିନ୍ନ ମନ୍ଦିରେ ଏଭଳି ପ୍ରସାଦ ସେବନ ବ୍ୟବସ୍ଥା ରହିଛି ବୋଲି କହିଛନ୍ତି ଗଙ୍ଗନଗର ରଘୁନାଥ ମନ୍ଦିରର ମୁଖ୍ୟ ପୂଜକ। ଭୁବନେଶ୍ୱରର ଛକ ହେଉ ଅବା ଗଳିକନ୍ଦିରେ ଥିବା ଛୋଟ ବଡ଼ ମନ୍ଦିରଗୁଡ଼ିକରେ ମଧ୍ୟାହ୍ନ ଭୋଜନ ପାଇଁ ଭିଡ଼ ଦେଖିବାକୁ ମିଳୁଛି। ଗୋଟିଏ ଜାଗାରେ ଏକାଠି ଚଟାଣରେ ବସି ସବୁ ବର୍ଗର ଲୋକେ ପ୍ରସାଦ ସେବନ କରିପାରୁଛନ୍ତି। ଥାଳି ବଦଳରେ ପତ୍ରରେ ପରଷା ଯାଉଛି ଅରୁଆ ଅନ୍ନ, ଡାଲମା, ବେସର, ଖଟା, ଖିରି, ଶାଗ, ପୋଟଳ ରସା, ପୋଟଳ କୁର୍ମା, ପନିର, କାନିକା, ଖେଚୁଡ଼ି ପ୍ରବୃତ୍ତି କେତେ ପ୍ରକାର ବ୍ୟଞ୍ଜନ। ଭୁବନେଶ୍ୱରର ଖଣ୍ଡଗିରିର କାଳୀ ମନ୍ଦିର, କୋଳଥିଆ ହନୁମାନ ମନ୍ଦିର, ସିଆରପି ଛକରେ ଥିବା ଗଣେଶ ମନ୍ଦିର,



ଓ୍ୟୁଏଟିର ରାଧାକୃଷ୍ଣ ମନ୍ଦିର, ଗଙ୍ଗ ନଗରର ରଘୁନାଥ ମନ୍ଦିର, ଏଜି ଛକ ଜଗନ୍ନାଥ ମନ୍ଦିର, ପଟିଆ ସାଇ ମନ୍ଦିର, ବରମୁଣ୍ଡାର କାଳୀ ମନ୍ଦିର, ଜଗନ୍ନାଥ ମନ୍ଦିର ଓ ମଙ୍ଗଳା ମନ୍ଦିର ଏବଂ ସହିଦ ନଗରର ବିଷ୍ଣୁ ମନ୍ଦିରରେ ପ୍ରସାଦ ସେବନର ବ୍ୟବସ୍ଥା ରହିଛି। ପ୍ରସାଦ ଦର ୭୦ ଟଙ୍କାରୁ ଆରମ୍ଭ ହୋଇ ଦେଢ଼ଶହ ଟଙ୍କା ପର୍ଯ୍ୟନ୍ତ ରହିଛି। ୭୦ ଟଙ୍କାରେ ଅନ୍ନ, ଡାଲମା, ବେସର, ଶାଗ, ଆମ୍ବୁଲ ରାଇ(ଖଟା) ଖିରି ମିଳୁଥିବା ବେଳେ ସ୍ପେଶାଲ୍ ପାର୍ସଲ ନେଲେ ଅଧିକ ୧୦ ଟଙ୍କା ଦେବାକୁ ପଡ଼ିଥାଏ। ଯେଉଁଥିରେ ଗୋଟେ ଦୁଇଟା ସ୍ପେଶାଲ ବ୍ୟଞ୍ଜନ ରହିଥାଏ। ଯାହାର ଦାମ ରହିଛି ୮୦ ଟଙ୍କା। ଆଉ କିଛି ମନ୍ଦିରରେ ପ୍ରସାଦ ଦର ୧୦୦ ରୁ ୧୫୦ ଟଙ୍କା ରହିଛି। ଏହିଭଳି ଗୋଟିଏ ଗୋଟିଏ ମନ୍ଦିରରେ ପ୍ରତିଦିନ ୪୦ ରୁ ୫୦ ଜଣ ପ୍ରସାଦ ସେବନ କରୁଥିବା ବେଳେ ପ୍ରାୟ ୬୦ ଜଣଙ୍କ ପାଇଁ ପାର୍ସଲ ବିକ୍ରି ହେଉଛି। ସଂକ୍ରାନ୍ତି ଓ ଅନ୍ୟ ପୂଜାପର୍ବରେ ୨୦୦ରୁ ଅଧିକ ଲୋକଙ୍କ ପାଇଁ ପ୍ରସାଦ ପ୍ରସ୍ତୁତ ହୋଇଥାଏ। ବିନା ପିଆଜ ରସୁଣ ସାଙ୍ଗକୁ ସୁହାଇଲା ଭଳି ଦର ରହିଥିବାରୁ ପୂଜାପର୍ବରେ ଲୋକେ ଘରେ ରୋଷେଇ ନ କରି ଏଠାରେ ପ୍ରସାଦ ସେବନ କରିଥାନ୍ତି। ବିଶେଷକରି ବିଭିନ୍ନ ମନ୍ଦିର ନିକଟରେ ଥିବା ସରକାରୀ, ବେସରକାରୀ ସଂସ୍ଥାର କର୍ମଚାରୀମାନେ ଏଭଳି ପ୍ରସାଦ ସେବନାକୁ ପସନ୍ଦ କରୁଛନ୍ତି। ଅପରପକ୍ଷେ ବିବାହ, ବ୍ରତଘର, ଜନ୍ମଦିନ ପାଇଁ ମଧ୍ୟ ମନ୍ଦିରରୁ ଏଭଳି ସାତ୍ତ୍ୱିକ ଭୋଜନ ପାଇଁ ଅର୍ଡର ଦେଇଥାନ୍ତି। ସବୁଠାରୁ ବଡ଼କଥା ହେଉଛି କେବେ ଯଦି ପ୍ରସାଦ ବିକ୍ରି ନ ହୋଇ ବଳିଯାଏ ତେବେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ତାକୁ ନିକଟସ୍ଥ ବସ୍ତିଗୁଡ଼ିକରେ ବାଣ୍ଟି ଦିଆଯାଏ ବୋଲି ଓ୍ୟୁଏଟି ଛକ ରାଧାକୃଷ୍ଣ ମନ୍ଦିରର ପ୍ରସାଦ ସେବନ ଦାୟିତ୍ୱରେ ଥିବା ମନୋଜ ବିଶ୍ୱାଳ କୁହନ୍ତି। ବରମୁଣ୍ଡା କାଳୀ ମନ୍ଦିରର ପ୍ରସାଦ ଦାୟିତ୍ୱରେ ଥିବା ଆକାଉଣ୍ଟର କ୍ୟାସିୟର୍ ରାମଚନ୍ଦ୍ର ମିଶ୍ର କୁହନ୍ତି ଏହି ପ୍ରସାଦ ବିକ୍ରି ଦ୍ୱାରା ମନ୍ଦିର କମିଟିକୁ ଦୁଇ ପଇସା ମିଳିବା ସହିତ ମନ୍ଦିରର ପରିଚାଳନା ମଧ୍ୟ ହୋଇପାରୁଛି। କାଳୀ ମନ୍ଦିରରେ ପ୍ରସାଦ ସେବନ କରୁଥିବା ଜଣେ ଭକ୍ତ କୁହନ୍ତି ଆମେ ପ୍ରତି ମାସରେ ବାଲେଶ୍ୱରରୁ ଭୁବନେଶ୍ୱର ଡାକ୍ତରଖାନାକୁ ଆସୁଛୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ। ବାର ଅବାର ରହୁଛି ବାହାରେ ଖାଇବା ସମ୍ଭବ ନୁହେଁ। ବସ୍‌ଷ୍ଟାଣ୍ଡ ପାଖରେ ସେଥିପାଇଁ ଯେତେବେଳେ ବି ଭୁବନେଶ୍ୱର ଆସୁଛି ଏହି ମନ୍ଦିରରେ ପ୍ରସାଦ ସେବନ କରି ଫେରୁଛୁ ବୋଲି ସେ କହିଛନ୍ତି।

## ବଜାରରେ ଉପଲବ୍ଧ...

## 'କଥାକଳିକା': ଜୁନ୍-୨୦୨୪ ସଂଖ୍ୟା




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ମନୋଜ କୁମାର ମହାପାତ୍ର
**ସମକାଳର କଥା :** ଅଜୟ ମହାପାତ୍ର, ଅନୀଲ କୁମାର ପାଢୀ, ସୋମାଚାନ୍ଦ, ମାନମୟୀରଥ, ସୁକାନ୍ତି ରାଉତ।
**ଅନ୍ୟଭାଷାର କଥା :** ରେବା ପଟ୍ଟନାୟକ।
**ଯୁବ ମାନସର କଥା :** ଶର୍ମିଷ୍ଠା ମହାପାତ୍ର, ଜ୍ୟୋତ୍ସ୍ନା ସାମନ୍ତ ରାୟ, ପ୍ରଦୀପ ନାୟକ, ମୋନିକା ସରକାର, କବିତା ମିଶ୍ର।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୭୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)